


ଆଜି କଳିଙ୍ଗରେ ହକି ଇଣ୍ଡିଆ ଲିଗ୍
ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ♦ISSUE-202 ♦SATURDAY ♦17 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୨ ♦ଶନିବାର ♦୧୭ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପ୍ରତିବର୍ଷ ବଢୁଛି ବିଜୁଳି ଆବଶ୍ୟକତା

# ଆଗକୁ ଅସମ୍ଭାଳ

## ୨୦୩୦ ବେଳକୁ ଲୋଡ଼ା ୯୫୦୦ ମେଗାୱାଟ

■ ଭୁବନେଶ୍ୱର, ୧୬।୧ (ସମିସ): ଓଡ଼ିଶାରେ ପ୍ରତିବର୍ଷ ବଢ଼ିବଢ଼ି ଚାଲିଛି ବିଜୁଳି ଚାହିଦା। ୨୦୦୭-୦୮ ବର୍ଷରେ ରାଜ୍ୟର ବିଜୁଳି ଚାହିଦା ୧୮୮୪୬ ମେଗା ୟୁନିଟ୍ ଥିବାବେଳେ ୨୦୨୪ରେ ଏହା ପାଖାପାଖି ଅଢ଼େଇଗୁଣ ବୃଦ୍ଧି ପାଇ ୪୬ ହଜାର ମେଗା ୟୁନିଟ୍‌ରେ ଛୁଇଁଛି । ମାତ୍ର ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ଶକ୍ତି ଚାହିଦା ଦୁଇଗୁଣ ବୃଦ୍ଧି ପାଇବ ଓ ୨୦୩୦ ବେଳକୁ ପିକ୍ ସମୟରେ ଏହା ୯୪୫୬ ମେଗା ୟୁନିଟ୍ ଅତିକ୍ରମ କରିବ । ଓଡ଼ିଶା ରାଜ୍ୟ ପାଇଁ କେନ୍ଦ୍ର ସରକାରଙ୍କ ଆର୍‌ଏପି ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇବା ପରେ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ସ୍ଥିତି ଓ ଭବିଷ୍ୟତ ଆବଶ୍ୟକତାକୁ ମଧ୍ୟରେ ବିପୁଳ ପାର୍ଥକ୍ୟ ସୃଷ୍ଟି ହେବା ଆଶଙ୍କା କରାଯାଉଛି।

ବର୍ତ୍ତମାନ ସମୟରେ ରାଜ୍ୟରେ ରାଜ୍ୟରେ ବିଜୁଳି ସମସ୍ୟା ନାହିଁ। ଆବଶ୍ୟକ ତୁଳନାରେ ବିଜୁଳି ଉପଲବ୍ଧ ହେଉଛି। ମାତ୍ର ଭବିଷ୍ୟତରେ ବିଜୁଳି ଚାହିଦା ଢ଼େର ବୃଦ୍ଧି ପାଇବାର ଆଶଙ୍କା ରହିଛି। ୨୦୧୫-୧୬ରେ ରାଜ୍ୟରେ ୨୨୧୨୧ ମେଗା ୟୁନିଟ୍ ବିଜୁଳିର ଆବଶ୍ୟକତା ଥିବାବେଳେ ୨୧୯୫୯ ମେଗା ୟୁନିଟ୍ ବିଜୁଳି ଉପଲବ୍ଧ ହେଉଥିଲା। ମାତ୍ର ଘରୋଇ ସଂସ୍ଥାଗୁଡ଼ିକର ତାପଜ ବିଦ୍ୟୁତ କେନ୍ଦ୍ରରୁ ବିଦ୍ୟୁତ କିଣି ସରକାର ଆବଶ୍ୟକତାକୁ ଭରଣା କରୁଥିଲେ। ବର୍ତ୍ତମାନ ମଧ୍ୟ ରାଜ୍ୟରେ ସମାନ ସ୍ଥିତି ରହିଛି। ସରକାରଙ୍କ ଅଧୀନସ୍ଥ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ବିଜୁଳି ରାଜ୍ୟର ଉପଭୋକ୍ତାମାନଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ



ହେଉନାହିଁ। ଅଧିକାଂଶ ସମୟରେ ଗ୍ରୀଡ୍‌କୋ ଅନ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ବିଦ୍ୟୁତ୍ କ୍ରୟ କରି ବିତରଣକାରୀ କମ୍ପାନୀମାନଙ୍କୁ ଯୋଗାଉଛି।

ବର୍ତ୍ତମାନ ସମୟରେ ରାଜ୍ୟରୁ ଉତ୍ପାଦିତ ବିଦ୍ୟୁତ୍‌ର ସିଂହଭାଗ ଅର୍ଥାତ୍ ପ୍ରାୟ ୫୭ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ପ୍ରସ୍ତୁତ ହେଉଛି। ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ହେଉଛି ମୋଟ ୩୦ ପ୍ରତିଶତ। ଅଣପାରମ୍ପରିକ ସୂତ୍ରରୁ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଯାବତୀୟ ଉଦ୍ୟମ ସତ୍ତ୍ୱେ ତାହା ଏଯାଏ ଉତ୍ସାହଜନକ ହୋଇପାରି ନାହିଁ। ରିପୋର୍ଟ ଅନୁସାରେ ଉଭୟ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପରିମାଣ ୧୩ ପ୍ରତିଶତ ବି ଅତିକ୍ରମ କରିନାହିଁ। ବାୟୋମାସରୁ ମାତ୍ର ୨୦ ମେଗାୱାଟ୍ ବିଦ୍ୟୁତ୍ ▶ପୃଷ୍ଠା-୭

# ନବୀନଙ୍କୁ ଭେଟିଲେ ଅଖିଳେଶ

## ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟ ଦୃଶ୍ୟମାନ



■ ଭୁବନେଶ୍ୱର, ୧୬।୧ (ସମିସ): ଓଡ଼ିଶା ଗସ୍ତରେ ଥିବା ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବା ପରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ ବେଳେ ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ସାକ୍ଷାତ ସମ୍ପର୍କରେ ନବୀନ ନିଜ ଏକ୍ସରେ ଉଲ୍ଲେଖ କରିବା ସହ ଅଖିଳେଶଙ୍କୁ ଭେଟି ଖୁସି ଲାଗିଲା ବୋଲି କହିଛନ୍ତି। ଅନେକ ସମସାମୟିକ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ନବୀନ କହିବା ସହ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଅଖିଳେଶଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବୀନ ନିବାସରୁ ଫେରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଅଖିଳେଶ ଯାଦବ କହିଛନ୍ତି ଯେ ▶ପୃଷ୍ଠା-୭

# ନିତିନ ନବୀନ ହେବେ ବିଜେପି ଅଧ୍ୟକ୍ଷ



### ଦଳ ତରଫରୁ ଜାରି ହେଲା ବିଜ୍ଞପ୍ତି

### ୨୦ ତାରିଖରେ ବିଧିବଦ୍ଧ ଘୋଷଣା

■ ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ଜାନୁଆରୀ ୨୦ ତାରିଖରେ ଶାସକ ଦଳ ବିଜେପିକୁ ନୂଆ ଜାତୀୟ ସଭାପତି ମିଳିବ। ଦଳ ଶୁକ୍ରବାର ଏଥିପାଇଁ ବିଜ୍ଞପ୍ତି ଜାରି କରିଛି। ଏହା ଅନୁସାରେ, ଜାନୁଆରୀ ୧୯ରେ ନାମାଙ୍କନ ଦାଖଲ ହେବ ଓ ୨୦ରେ ଦଳର ନୂଆ ସଭାପତିଙ୍କ ନାମ ଘୋଷଣା କରାଯିବ। ଏବେ ନୀତିନ ନବୀନ ଦଳର କାର୍ଯ୍ୟକାରୀ ସଭାପତି ଅଛନ୍ତି ଓ ଦଳ ତାଙ୍କୁ ନିର୍ବିରୋଧରେ ଅର୍ଥାତ ବିନା ପ୍ରତିଦ୍ୱନ୍ଦ୍ୱୀତାରେ ନିର୍ବାଚିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ନୀତିନ ୧୯ରେ ତାଙ୍କର ନାମାଙ୍କନ ଦାଖଲ କରିବେ। ପୂର୍ବରୁ ତାଙ୍କୁ ଡିସେମ୍ବର ୧୪ରେ ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ବିଜେପି ୨୦୨୦ରେ ଜେପି ନଡ୍ଡାଙ୍କୁ ଜାତୀୟ ସଭାପତି ଭାବେ ନିଯୁକ୍ତ କରିଥିଲା। ତାଙ୍କ କାର୍ଯ୍ୟକାଳ ୨୦୨୪ରେ ଶେଷ ହୋଇଥିଲା। ସେବେଠାରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି ଓ ସେ ବିସ୍ତାରିତ କାର୍ଯ୍ୟକାଳରେ ଅଛନ୍ତି। ନଡ୍ଡା ଏବେ କେନ୍ଦ୍ର ସରକାରରେ ସ୍ୱାସ୍ଥ୍ୟା ମନ୍ତ୍ରଣାଳୟ ଦାୟିତ୍ୱରେ ରହିଛନ୍ତି। ▶ପୃଷ୍ଠା-୭

## ମହାରାଷ୍ଟ୍ର ପୌର ନିର୍ବାଚନ

# ୩ ଦଶନ୍ଧି ପରେ ଠାକ୍‌ରେ ପରିବାର ହରାଇବ ମୁମ୍ବାଇ

### ୨୩ ନିଗମରେ ବିଜେପି ମେଣ୍ଟ ଆଗରେ

### ଲାତୁରରେ କଂଗ୍ରେସ ବିଜୟୀ

■ ମୁମ୍ବାଇ, ୧୬।୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାୟୁତି ମେଣ୍ଟକୁ ବଡ଼ ସଫଳତା ମିଳିଛି। ବିଜେପି ନେତୃତ୍ୱାଧୀନ ଏହି ମେଣ୍ଟ ଏକପାଖିଆ ବିଜୟ ଅଭିମୁଖେ ଅଗ୍ରସର ହେଉଛି। ୨୯ରୁ ୨୩ ପୌର ନିଗମରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ଆଗରେ ରହିଛି। ମୁମ୍ବାଇର ବୃହନମୁମ୍ବାଇ ନଗରପାଳିକା (ବିଏମସି) ରେ ବିଜେପି ଏବଂ ଶିବେସନା (ସିନ୍ଦେ) ମେଣ୍ଟ ମୋଟ ୨୨୭ ଆସନରୁ ୧୧୫ଟି ଆଗରେ ରହିଛି। ୯୦ ଆସନରେ ବିଜେପି ଏବଂ ୨୮ ଆସନରେ ଏକନାଥ ସିନ୍ଦେଙ୍କ ଶିବସେନା ଆଗରେ ଚାଲିଛି। ଏପରି ସ୍ଥିତିରେ ଦୀର୍ଘ ତିନି ଦଶନ୍ଧି ପରେ ଠାକରେ ପରିବାର ହାତରୁ ମୁମ୍ବାଇ ଖସି ଯାଇଛି। ସ୍ୱାଧୀନତା ପରେ ୭୭ ବର୍ଷ ହେଲା ବିଏମସି କଂଗ୍ରେସ ଏବଂ ଶିବସେନା ନିୟନ୍ତ୍ରଣରେ ରହିଥିଲା। ୧୯୪୭ରୁ ୧୯୬୭ ଯାଏଁ କଂଗ୍ରେସ ଏବଂ ୧୯୯୦ରୁ ୨୦୨୨ ପର୍ଯ୍ୟନ୍ତ ଅର୍ଥାତ ୩୦ ବର୍ଷ ହେଲା ମେୟର ଆସନ ଶିବସେନା ପାଖରେ ଥିଲା। ପ୍ରଥମ ଥର ପାଇଁ ମୁମ୍ବାଇ ମେୟର ପଦବୀ ବିଜେପି ହାତକୁ ଯାଇପାରେ। ୧୯୮୦ରେ ବିଜେପି ଗଠନ ପରେ ୧୯୯୨ରୁ ୨୦୧୭ ପର୍ଯ୍ୟନ୍ତ ଶିବସେନାକୁ ବିଜେପି ସମର୍ଥନ ଦେଇଥିଲା।

ଶିବସେନାର କିଶୋରୀ ପେଦନେକର ଶେଷ ଥର ପାଇଁ ମୁମ୍ବାଇ ମେୟର ପଦରେ ଥିଲେ। ସେ ୨୦୧୯ ନଭେମ୍ବର ୨୨ ରୁ ୨୦୨୨ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ମାତ୍ର ସେତେବେଳେ ଶିବସେନା ଭାଗ ଭାଗ ହୋଇ ନ ଥିଲା। ଦଳ ବିଭାଜନ ପରେ ମେୟର ପଦ ଖାଲି ରହିଥିଲା। ସେହି ଦିନଠାରୁ ବିଏମସି ପ୍ରଶାସନର ଦାୟିତ୍ୱ ନଗର ଆୟୁକ୍ତ ସମ୍ଭାଳୁ ଥିଲେ। ବିଏମସି ଏସିଆର ସବୁଠାରୁ ବଡ଼ ପୌର ନିଗମ। ଏହାର ବଜେଟ ପ୍ରାୟ ୭୪ ହଜାର କୋଟି। ବିଏମସି ବଜେଟ ଗୋଆ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ ଏବଂ ▶ପୃଷ୍ଠା-୭

# ବାଂଲାଦେଶ ସେନା ଦୁଇ ଫାଳ

## ଲାଗିଛି କ୍ଷମତା ଅକ୍ତିଆର ମୋହ; ଗୃହଯୁଦ୍ଧ ଆଶଙ୍କା

■ ଢାକା, ୧୬।୧ (ଏଜେନ୍ସି): ଛାତ୍ର ନେତା ତଥା ଇନ୍‌କିଲାବ ମଞ୍ଚର ଉସମାନ ହାଦିଙ୍କ ହତ୍ୟା ପରଠୁ ବାଂଲାଦେଶ ଅଶାନ୍ତ ରହିଛି। ହିନ୍ଦୁଙ୍କୁ ନିଶାଣ କରି ହତ୍ୟା କରାଯାଉଛି। ଗତ ୧୮ ତାରିଖରୁ ଏ ପର୍ଯ୍ୟନ୍ତ ୭ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଛାତ୍ର ନେତା ଏହି ହିଂସା ପାଇଁ ସେନା ଏବଂ ପୁଲିସକୁ ଦାୟୀ କରୁଛନ୍ତି। ଆଉ ଏହା ପଛରେ ଏକ ବଡ଼ କାରଣ ରହିଥିବା ଦାବି କରିଛନ୍ତି। ଏପରି ସମୟରେ ବଡ଼ ସୂଚନା ସାମ୍‌ନାକୁ ଆସିଛି। ବାଂଲାଦେଶ ସେନାରେ ବିଦ୍ରୋହ ସୃଷ୍ଟି ହୋଇଛି। ଏଥିଯୋଗୁଁ ସେନା ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ସରକାରକୁ ସମର୍ଥନ କରୁଥିବାବେଳେ ଅନ୍ୟ ଗୋଟିଏ ଜମାତ-ଇ-ଇସଲାମୀ ସପକ୍ଷରେ ରହି କ୍ଷମତା ଅକ୍ତିଆର କରିବାକୁ ପ୍ରୟାସ କରୁଛି। ବାଂଲାଦେଶ ସେନା ଖାଲି ▶ପୃଷ୍ଠା-୭

# ବିଦାୟ ନେବାକୁ ଶୀତର ସଜବାଜ

## ଏଥର ଶୀତ ଲହରୀ ୩ ଗୁଣାରୁ ଅଧିକ

### ଝାରସୁଗୁଡ଼ାରେ ଭାଙ୍ଗିଛି ୭୩ ବର୍ଷର ରେକର୍ଡ

■ ଭୁବନେଶ୍ୱର, ୧୬।୧ (ସମିସ): ରାଜ୍ୟରୁ ବିଦାୟ ନେବ ଶୀତ। ମକର ସଂକ୍ରାନ୍ତି ପରେ ଉତ୍ତରାୟଣ ଗତି ସହ ଧୀରେ ଧୀରେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବାରେ ଲାଗିଛି। ଏହାସହ ଆଗକୁ ଏକାଧିକ ପଶ୍ଚିମା ଝଡ଼ ପ୍ରଭାବ ହେତୁ କାଁ ଭାଁ ବର୍ଷା ଆଶଙ୍କା ମଧ୍ୟ ରହୁଛି। ତେଣୁ ରାଜ୍ୟରେ ଅପେକ୍ଷାକୃତ ଥଣ୍ଡାର ପରିମାଣ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ଚଳିତ ବର୍ଷ ରାଜ୍ୟରେ ହୋଇଥିବା ଅନୁଭୂତ ହୋଇଥିବା ଶୀତ ଅନେକ ରେକର୍ଡ ଭାଙ୍ଗିଛି। ପ୍ରାୟ ୮-୧୦ ବର୍ଷ ମଧ୍ୟରେ ଏଭଳି ଶୀତ ଅନୁଭୂତ ହୋଇ ନ ଥିବା ବେଳେ ଚଳିତ ବର୍ଷ ଶୀତ ଏକ ନିଆରା ଅନୁଭୂତି ଦେଇଛି। ରାଜଧାନୀ ଭୁବନେଶ୍ୱର ସମେତ ଝାରସୁଗୁଡ଼ା ଓ ଅନ୍ୟ କିଛି ସହରର ଶୀତର ସର୍ବକାଳୀନ ରେକର୍ଡ କରିଛି। ଝାରସୁଗୁଡ଼ାରେ ଏଥିର ଅନୁଭୂତ ହୋଇଥିବା ଶୀତ ୭୩ ବର୍ଷର ରେକର୍ଡ ଭାଙ୍ଗିଛି। ପୂର୍ବର ସର୍ବକାଳୀନ ରେକର୍ଡ ୫.୬ ଡିଗ୍ରୀ (୭ ଜାନୁଆରୀ ୨୦୨୩) କୁ ଚଳିତ ବର୍ଷର ଶୀତ ପାଞ୍ଚ ଥର ଭାଙ୍ଗିବା ସହ ସର୍ବକାଳୀନ ରେକର୍ଡର ପ୍ରଥମ ୭ଟି ସ୍ଥାନରେ କେବଳ ଷଷ୍ଠ ସ୍ଥାନକୁ ଛାଡି ଅବଶିଷ୍ଟ ସ୍ଥାନକୁ ଚଳିତ ବର୍ଷର ତାପମାତ୍ରା ଦଖଲ କରିଛି। ଏବର୍ଷ ୧୦ ଜାନୁଆରୀରେ ଝାରସୁଗୁଡ଼ା ୪.୫ ଡିଗ୍ରୀ ପାରଦ ସହ ଏହା ସର୍ବକାଳୀନ ଶୀତ ରେକର୍ଡରେ ପରିଣତ ହୋଇଛି। ସେହିପରି ଭୁବନେଶ୍ୱରରେ ମଧ୍ୟ ୨୨ ବର୍ଷର ଓ କଟକର ୨୧ ବର୍ଷର ରେକର୍ଡ ଭାଙ୍ଗିଛି। ଅନ୍ୟପଟେ ଚଳିତ ବର୍ଷ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିଥିବା ▶ପୃଷ୍ଠା-୭

# ବିଦାହେବେ ଅପାରଗ ଅଧ୍ୟାପକ

### କାର୍ଯ୍ୟଦକ୍ଷତା ଓ ସାଧୁତା ସ୍ଥିତି ଯାଞ୍ଚ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୬।୧ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପକ/ଅଧ୍ୟାପିକାଙ୍କ ଦକ୍ଷତା ପରଖିବେ ସରକାର। ଦକ୍ଷତା ବିହୀନ ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରିବେ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ପାଇଁ ଅଧ୍ୟାପକ ଅଧ୍ୟାପିକାଙ୍କର ପ୍ରଦର୍ଶନର ସମୀକ୍ଷା କରାଯିବ। ନିରନ୍ତର ଭାବେ ନିମ୍ନ-ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ପ୍ରଦର୍ଶନ ଓ ଆଚରଣକୁ ବିଚାର କରାଯିବ। ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ, ସରକାରୀ ଡିଗ୍ରୀ କଲେଜର ଅଧ୍ୟକ୍ଷ, ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରଦର୍ଶନକୁ ଯାଞ୍ଚ କରିବେ। ସେମାନଙ୍କ ସର୍ଭିସ୍ ରେକର୍ଡ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ସତର୍କତାର ସହ ଯାଞ୍ଚ କରି ଆସନ୍ତା ୩୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧ୍ୟାପକଙ୍କ ଉପରେ ରାଜ୍ୟ ସରକାରଙ୍କ ବାଧ୍ୟତାମୂଳକ ଅବସର ▶ପୃଷ୍ଠା-୭






## ରଣ କରି ଘିଅ ଖିଆ

# ଇଏମ୍‌ଆଇ ଜାଲରେ ଚାକିରିଆ

## ଆୟର ଅଧା ଋଣ ପରିଶୋଧରେ ଯାଉଛି



### ଦରମାର ୪୦% ଖାଇଯାଉଛି ଇଏମ୍‌ଆଇ

### ଚାଳିଶି ଭାଗ ଋଣକାରୀ ଗୋଟିଏ କ୍ରେଡିଟ୍ କାର୍ଡର ବିଲ୍ ଅନ୍ୟ ଏକ କାର୍ଡରୁ ସୁଝୁଛନ୍ତି

■ ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ସମ୍ପ୍ରତି ଭାରତୀୟ ପରିବାଗୁଡିକରେ ସଞ୍ଚୟ କମୁଥିବାବେଳେ ଋଣ ଭାର ବଢ଼ି ଚାଲିଛି। ଗତ ଏକ ଦଶକ ମଧ୍ୟରେ ଦେଶରେ ପରିବାର ଗୁଡିକର କରଜ ପରିମାଣ ପାଖାପାଖି ଦୁଇ ଗୁଣ ବୃଦ୍ଧି ପାଇଥିବା ନେଇ ରିଜର୍ଭବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ ବଜାରରେ ସହଜଲବ୍ଧ ବାଏ ନାଓଁ, ପେ ଲ୍ୟାଟର (ଆଗ ସାମଗ୍ରୀ ନିଅ, ପଛରେ ପରିଶୋଧ କର) ଯୋଜନା ଏବଂ ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଲୋକଙ୍କୁ ସହରରେ ଋଣଗ୍ରସ୍ତ କରାଉଛି। ଇଏମ୍‌ଆଇ ମାଧ୍ୟମରେ ପରିଶୋଧ କରିବା ଲକ୍ଷ୍ୟରେ ଲୋକେ ଅଧିକ ମାତ୍ରାରେ ଋଣ କରିବାରେ ଲାଗିଛନ୍ତି। ବିଶେଷ କରି ଚାକିରିଆ ବର୍ଗ ଏହି ଇଏମ୍‌ଆଇ ଋଣ ଜାଲରେ ପଡୁଛନ୍ତି। ଏପରିକି ଚାକିରିଆଙ୍କୁ ସେମାନଙ୍କ ଆୟର ଅଧା ଅର୍ଥ ଋଣ ପରିଶୋଧ ବାବଦରେ ବ୍ୟୟ ହେଉଛି। ପ୍ରାୟ ୮୫ ପ୍ରତିଶତ ଋଣଗ୍ରହୀତାଙ୍କ ରୋଜଗାରର ୪୦ ଭାଗ ଟଙ୍କା ଇଏମ୍‌ଆଇ ଖାଇଯାଉଛି। ଏମିତିକି ୪୦% ଋଣକାରୀ ଗୋଟିଏ କ୍ରେଡ଼ିଟ୍ କାଡର୍ ବିଲ୍ ପରିଶୋଧ ପାଇଁ ଅନ୍ୟ ଏକ କ୍ରେଡ଼ିଟ୍ କାଡର୍‌ର ଉପଯୋଗ କରୁଛନ୍ତି। ଋଣ କରି ଘିଅ ଖିଆ ଚାକିରିଆମାନଙ୍କ ସଉକରେ ପରିଣତ ହୋଇଛି ଓ ଏହା ଭବିଷ୍ୟତରେ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ଇରେଜୋଲ୍ୟୁସନ୍ କନସଲ୍ଟାନ୍ସି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁସାରେ ବାଏ ନାଓଁ, ପେ ଲ୍ୟାଟର ଯୋଜନା, ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଏବଂ ବ୍ୟକ୍ତିଗତ ଋଣ ହଜାର ହଜାର ଲୋକଙ୍କୁ ଏକ ବିପଦପୂର୍ଣ୍ଣ ଋଣ ଜାଲରେ ଫସାଇ ଦେଉଛି। ଏହି ସର୍ଭେରେ ଋଣ ଖିଲାପ, ଚେକ୍ ବାଉନ୍ସ ଏବଂ ରିକଭରୀ ଏଜେଣ୍ଟଙ୍କ ସହିତ ଜଡିତ ସମସ୍ୟା ଉପରେ ଆଟମ୍ପିତ କରିବା ଭଳି ଖବର ଆସିଛି। ୨୦୨୫ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ଦେଶବ୍ୟାପୀ ୧୦,୦୦୦ ଆର୍ଥିକ ▶ପୃଷ୍ଠା-୭





● କଂଗ୍ରେସର ଅଭିଯୋଗ

## ଚାବାହାରକୁ ନିୟନ୍ତ୍ରଣ ମୁକ୍ତକଲା ଭାରତ; ୧୧୦୦ କୋଟି ବର୍‌ବାଦ୍

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ଆମେରିକା ଭୟରେ ଭାରତ ସରକାର ଇରାନର ଚାବାହାର ବନ୍ଦରକୁ ନିୟନ୍ତ୍ରଣ ମୁକ୍ତ କରିଦେଇଛନ୍ତି। ଏହି ପ୍ରକଳ୍ପରେ ଦେଶବାସୀଙ୍କ ୧୨୦ ନିୟୁତ ଡଲାର ଅର୍ଥାତ ୧୧୦୦ କୋଟି ଟଙ୍କା ବ୍ୟୟ କରିଥିଲେ। ଏବେ ଏହା ବର୍ବାଦ ହୋଇଯାଇଛି ବୋଲି ବିରୋଧୀ ଦଳ କଂଗ୍ରେସ ଅଭିଯୋଗ କରିଛି। ମାତ୍ର ଏହି ଅଭିଯୋଗକୁ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ ଖଣ୍ଡନ କରିଦେଇଛନ୍ତି। ଇରାନର ଚାବାହର ବନ୍ଦର ସମ୍ବନ୍ଧିତ ପ୍ରକଳ୍ପ ଏବେ ଜାରି ରହିଛି। ଏହାକୁ ଆଗକୁ ବଢ଼ାଇବା ପାଇଁ ଭାରତ ଏବଂ ଆମେରିକା ମଧ୍ୟରେ ଆଲୋଚନା ଜାରି ରହିଛି। ଇରାନ ଉପରେ ଲଗାଯାଇଥିବା କଟକଣା ସତ୍ତ୍ୱେ ବନ୍ଦର ସମ୍ବନ୍ଧିତ କାର୍ଯ୍ୟ ଜାରି ରଖିବା ପାଇଁ ଆମେରିକା ଭାରତକୁ ଆଶ୍ୱସ୍ତି ଦେଇଥିଲା। ମାତ୍ର ଏହି ଅବଧି ଏପ୍ରିଲ ୨୬ରେ ଶେଷ ହେଉଛି। ଇରାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବାବେଳେ ଆମେରିକା ନୂଆ କଟକଣା ଲଗାଇ ଥିଲା। ଗତ ବର୍ଷ ସେପ୍ଟେମ୍ବର ୨୯ରେ ଚାବାହାର ପାଇଁ ଦିଆଯାଇଥିବା ଆଶ୍ୱସ୍ତିକୁ ଆମେରିକା ପ୍ରତ୍ୟାହାର କରି ନେଇଥିଲା। ନିର୍ମାଣ କାର୍ଯ୍ୟ ଜାରି ରଖିବା ପାଇଁ ଭାରତକୁ ଏହି ଆଶ୍ୱସ୍ତି ମିଳିଥିଲା। ପରେ ଗତ ବର୍ଷ ଅକ୍ଟୋବର ୨୭ରେ ଆଉ ୬ ମାସ ପାଇଁ କଟକଣା ମୁକ୍ତ କରାଯାଇଥିଲା।

## ଦକ୍ଷିଣ କୋରିଆ ପୂର୍ବତନ ରାଷ୍ଟ୍ରପତିଙ୍କୁ ୫ ବର୍ଷ ଜେଲ୍

ସିଓଲ, ୧୬।୧(ଏଜେନ୍ସି): ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ-ସୁକ୍-ୟେଓଲଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଡିସେମ୍ବର ୨୦୨୪ରେ ସେ ପଦରେ ଥିବା ସମୟରେ ଦେଶବ୍ୟାପୀ ସାମରିକ ଆଇନ ଲାଗୁ କରିବାକୁ ସେ ଚେଷ୍ଟା କରିଥିଲେ। ଏକ ସ୍ଥାନୀୟ କୋର୍ଟ ଏହାକୁ କ୍ଷମତାର ଅପବ୍ୟବହାର ବୋଲି ବିବେଚନା କରିଛନ୍ତି। ଶୁକ୍ରବାର ବିଚାରପତି ରାୟ ଦେଇ କହିଛନ୍ତି ଯେ, ୟୁନ୍ ଦେଶକୁ ଏକ ରାଜନୈତିକ ସଙ୍କଟକୁ ଠେଲି ଦେଇଥିଲେ। ରିପୋର୍ଟ ଅନୁଯାୟୀ, ୟୁନ୍ ତଦନ୍ତକାରୀ ଅଧିକାରୀଙ୍କୁ ନିଜ ଘରକୁ ପ୍ରବେଶ ନ କରାଇବା ପାଇଁ ଘର ବାହାରେ ଅନେକ ପ୍ରହରୀ ନିଯୁକ୍ତ କରିଥିଲେ। କିନ୍ତୁ ପୁଲିସ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା।

## ବ୍ରିଟେନ ସଂସଦରେ ଉଠିଲା ବାଂଲାଦେଶ ହିନ୍ଦୁଙ୍କ ଉପରେ ଅତ୍ୟାଚାର ମାମଲା

ଲଣ୍ଡନ, ୧୬।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ବ୍ରିଟେନରୁ ଜଣେ ସାଂସଦ ବବ୍ ବ୍ଲାକ୍ମ୍ୟାନ ଏ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଏକ ବଡ଼ ବିପର୍ଯ୍ୟୟ ବୋଲି ବର୍ଣ୍ଣନା କରିବା ସହ ସେ ବ୍ରିଟିସ ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ବ୍ଲାକମ୍ୟାନ ଅଭିଯୋଗ କରିଛନ୍ତି ଯେ, ବାଂଲାଦେଶରେ ହିନ୍ଦୁମାନଙ୍କୁ ସର୍ବସାଧାରଣରେ ହତ୍ୟା କରାଯାଉଛି, ସେମାନଙ୍କ ଘର ଓ ମନ୍ଦିରରେ ନିଆଁ ଲଗାଇ ଦିଆଯାଉଛି। ଫେବୃଆରୀ ୧୨ରେ ବାଂଲାଦେଶରେ ସାଧରଣ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବାବେଳେ ସେ ଦେଶର ଗଣତାନ୍ତ୍ରିକ ସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟ ବିରୋଧୀ ଦଳ ଆବାମୀ ଲିଗ୍କୁ ନିର୍ବାଚନରୁ ବାଦ୍ ଦିଆଯାଇଥିବା ବେଳେ ଉଗ୍ରବାଦୀ ଓ କଟୋରପନ୍ଥୀ ଶକ୍ତିମାନେ ସମ୍ବିଧାନ ପରିବର୍ତ୍ତନ ପାଇଁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ବାଂଲାଦେଶର ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ମୁକ୍ତ ତଥା ଅବାଧ ନିର୍ବାଚନ ସୁନିଶ୍ଚିତ କରିବାକୁ ସେ ବ୍ରିଟେନ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ମୁକୁଲ ରୟଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ପଶ୍ଚିମବଙ୍ଗର ଟିଏମସି ନେତା ମୁକୁଲ ରୟଙ୍କ ବିଧାନସଭା ସଦସ୍ୟତାକୁ ରଦ୍ଦ କରିବା ଉପରେ ରହିତାଦେଶ ଜାରି କରିଛନ୍ତି। ଫଳରେ ମୁକୁଲଙ୍କୁ ଆଶ୍ୱସ୍ତି ମିଳିଛି। ପୂର୍ବରୁ କଲିକତା ହାଇକୋର୍ଟ ଦଳବଦଳ ବରୋଧୀ ଆଇନ୍ ଅନୁଯାୟୀ ତାଙ୍କୁ ବିଧାୟକ ପଦରୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ମୁକୁଲଙ୍କ ପୁଅ ଶୁଭ୍ରାଂଶୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ମାମଲାରେ ରହିତାଦେଶ ଜାରି କରିବା ସହ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, ବିଜେପି ବିଧାୟକ ଅମ୍ବିକା ରାୟ, ବିଧାନସଭା ବାଚସ୍ପତି ଓ ଅନ୍ୟଙ୍କୁ ନୋଟିସ୍ ଜାରି କରି ୪ ସପ୍ତାହ ଭିତରେ ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଲ-ଫଲାହର ୧୪୦ କୋଟି ସମ୍ପତ୍ତି ଜବତ

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ବିସ୍ଫୋରଣ ମାମଲା ସମ୍ବନ୍ଧିତ ଅଲ-ଫଲାହ ୟୁନିଭର୍ସିଟିର ୧୪୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ୟୁନିଭର୍ସିଟିର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକି ଏବଂ ଏହାର ଟ୍ରଷ୍ଟ ବିରୋଧରେ ଶୁକ୍ରବାର ଆରୋପପତ୍ର ଦାଖଲ କରିଛି। ଜବତ ସମ୍ପତ୍ତିରେ ଫରିଦାବାଦର ଧୌଜ ସ୍ଥିତ ୫୪ ଏକର ଜମି, ୟୁନିଭର୍ସିଟି କୋଠା, ସ୍କୁଲ ଏବଂ ବିଭାଗ ଗୁଡ଼ିକର କୋଠା ସହିତ ଛାତ୍ରାବାସ ସାମିଲ ରହିଛି। ଇଡି ଏହାକୁ ଅପରାଧରୁ ଆୟ ଶ୍ରେଣୀଭୂକ୍ତ କରିଛି। ପିଏମଏଲଏ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ବଦାନ୍ୟତା ନା କ୍ଷମତା ଲୋଭ

# ଟ୍ରମ୍ପଙ୍କୁ 'ନୋବେଲ ଶାନ୍ତି' ଦାନ କରିଦେଲେ ମାଚାଡ଼ୋ

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଶା ପରିଶେଷରେ ପୂର୍ଣ୍ଣ ହେଉଛି। ଶୁଳ୍କ ଛାଟ ହେଉ ଅବା ଅମାନବିକ ପ୍ରତ୍ୟର୍ପଣ କିମ୍ବା ଅନ୍ୟ ଦେଶରେ ଆକ୍ରମଣ ପାଇଁ ସର୍ବଦା ବିବାଦରେ ଥିବା ଅଶାନ୍ତ ଟ୍ରମ୍ପ ଏବେ ଶାନ୍ତ ପଡ଼ିବେ ବୋଲି ଆଶା କରାଯାଉଛି। କାରଣ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ରାତିଅଧରେ ଅପହରଣ କରି ଆଣିବାକୁ ନିର୍ଦ୍ଦେଶ ଦେଇଥିବା ଆମେରିକା ରାଷ୍ଟ୍ରପତିଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି। ଗ୍ରୀନଲାଣ୍ଡ କବ୍ଜା ପାଇଁ ସ୍ୱପ୍ନ ଦେଖୁଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ନୋବେଲ 'ଶାନ୍ତି' ପୁରସ୍କାର ମିଳିଛି। ମାତ୍ର ପ୍ରସିଦ୍ଧ ବୈଜ୍ଞାନିକ ଆଲଫ୍ରେଡ ନୋବେଲଙ୍କ ନାମରେ ଦିଆଯାଉଥିବା ଏହି ସମ୍ମାନ ନୋବେଲ କମିଟି ଦ୍ୱାରା ଦିଆଯାଇ ନାହିଁ। ଟ୍ରମ୍ପ ଏହି ପୁରସ୍କାର ଜିତିନାହାନ୍ତି, ବରଂ ତାଙ୍କୁ ଅଦିନିଆ ଦାନରେ ମିଳିଛି। ଭେନେଜୁଏଲା ବିପକ୍ଷ ନେତା ମାରିଆ କାରିନୋ ମାଚାଡ଼ୋ ହ୍ୱାଇଟ ହାଉସରେ ଟ୍ରମ୍ପଙ୍କୁ ଭେଟି ନିଜ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ନୋବେଲ ପୁରସ୍କାରର ଇତିହାସରେ ପ୍ରଥମ ଥର ପାଇଁ ଏପରି ହୋଇଛି। ମାତ୍ର ଏଭଳି ଦେବାନେବା ବେଆଇନ ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି। କିନ୍ତୁ କୌଣସି ବଦାନ୍ୟତା ନୁହେଁ, ବରଂ କ୍ଷମତା ଲୋଭରେ ମାଚାଡ଼ୋ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।



ସୂଚନା ଅନୁଯାୟୀ, ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଉଠାଇ ନେଇ ବନ୍ଦୀ କରିବା ପରେ ଟ୍ରମ୍ପ ପ୍ରଥମଥର ପାଇଁ କୌଣସି ଭେନେଜୁଏଲା ନେତାଙ୍କୁ ଭେଟିଛନ୍ତି। ଆଉ ଏହି ସାକ୍ଷାତ ଇତିହାସ ପାଲଟି ଯାଇଛି। ମାଚାଡ଼ୋ ଟ୍ରମ୍ପଙ୍କୁ ନିଜ ନୋବେଲ ଶାନ୍ତି ପୁରସ୍କାରକୁ ବଦାନ୍ୟତା ସ୍ୱରୂପ ପ୍ରଦାନ କରିଛନ୍ତି। ଆଜି ଭେନେଜୁଏଲା ବାସୀଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି ମାଚାଡୋ କହିଛନ୍ତି। ବୈଠକ ପରେ ସାମ୍ବାଦିକଙ୍କ ସହ କଥା ହେବା ବେଳେ ମାଚାଡୋ ଟ୍ରମ୍ପଙ୍କୁ ତାଙ୍କ ପୁରସ୍କାର ପ୍ରଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ତେବେ ସେ ଅନ୍ୟ କୌଣସି ବିବରଣୀ ପ୍ରଦାନ କରି ନଥିଲେ। ଟ୍ରମ୍ପ ପୁରସ୍କାରର ପଦକ ଗ୍ରହଣ କରିଛନ୍ତି କି ନାହିଁ ତାହା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇନି। ହ୍ୱାଇଟ୍ ହାଉସ୍ ଛାଡ଼ିବା ପରେ ଟ୍ରମ୍ପଙ୍କୁ ବିଶ୍ୱାସ କରିବା ନେଇ ମାଚାଡ଼ୋ କହିଥିଲେ। କିନ୍ତୁ ଟ୍ରମ୍ପ ଏପର୍ଯ୍ୟନ୍ତ ମାଚାଡ଼ୋଙ୍କୁ ଭେନେଜୁଏଲାର ନୂଆ ନେତା ଭାବେ ସମର୍ଥନ ଦେଇନାହାନ୍ତି। ପୂର୍ବରୁ ନରୱେର ନୋବେଲ ଇନଷ୍ଟିଚ୍ୟୁଟ୍ ସ୍ପଷ୍ଟ କରିଛି ଯେ, ନୋବେଲ ଶାନ୍ତି ପୁରସ୍କାର ଜଣେ ଅନ୍ୟ ଜଣକୁ ଦେଇପାରିବ ନାହିଁ କିମ୍ବା ସ୍ଥାନାନ୍ତରିତ ହୋଇପାରିବ ନାହିଁ। ନୋବେଲ ପୁରସ୍କାର ଥରେ ଘୋଷଣା ପରେ ଏହାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ। ଏହି ନିଷ୍ପତ୍ତି ଚୂଡ଼ାନ୍ତ ଓ ସବୁଦିନ ପାଇଁ ବୈଧ।

ଉଲ୍ଲେଖଥାଉ କି, ମାଚାଡୋଙ୍କୁ ଭେନେଜୁଏଲାରେ ଗଣତାନ୍ତ୍ରିକ ଅଧିକାର ପାଇଁ ତାଙ୍କର ନିରନ୍ତର ସଂଗ୍ରାମ ଏବଂ ଏକଛତ୍ରବାଦରୁ ଗଣତନ୍ତ୍ରକୁ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ପାଇଁ ୨୦୨୫ରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେତେବେଳେ ସେ ଏହି ପୁରସ୍କାର ଟ୍ରମ୍ପଙ୍କୁ ଉତ୍ସର୍ଗ କରିଥିଲେ। ତେବେ ଟ୍ରମ୍ପ ମାଚାଡୋଙ୍କଠାରୁ ନୋବେଲ ପୁରସ୍କାର ପଦକ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଟ୍ରମ୍ପ ପୂର୍ବରୁ ଏକାଧିକ ବାର ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜର ଇଚ୍ଛା ଜାହିର କରିଥିଲେ। ପୁରସ୍କାର ପାଇଁ ମାଚାଡୋଙ୍କ ନାମ ଘୋଷଣା କରାଯିବା ପରେ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଟ୍ରମ୍ପଙ୍କ ଆଉ ଏକ ରୂପକୁ ବିଶ୍ୱ ଦେଖିଥିଲା।

## ଦିଲ୍ଲୀ ବାୟୁ ଗୁଣବତ୍ତା ବହୁତ ଖରାପ

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ଦିଲ୍ଲୀରେ ଶୀତ ସ୍ଥିର ରହିଥିଲେ ମଧ୍ୟ ବାୟୁ ଗୁଣବତ୍ତା ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ଶୁକ୍ରବାର ସକାଳ ୭ଟାରେ ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୪୬ ରେକର୍ଡ କରାଯାଇଥିଲା। ଏହାକୁ ଅତ୍ୟନ୍ତ ଖରାପ ବର୍ଗର ବୋଲି କୁହାଯାଇପାରେ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦିଲ୍ଲୀର ଏକାଧିକ ଅଞ୍ଚଳରେ ଏକ୍ୟୁଆଇ ସ୍ତର ୩୦୦ ଉପରେ ରେକର୍ଡ କରାଯାଇଛି। ସକାଳ ୭ଟା ପର୍ଯ୍ୟନ୍ତ ସିପିସିବି ତଥ୍ୟ ଅନୁଯାୟୀ, ଆନନ୍ଦ ବିହାରରେ ଏକ୍ୟୁଆଇ ୩୫୪, ଆଶୋକ ବିହାରରେ ୩୬୭, ଆଇଟିଓରେ ୩୬୨ ଓ ଆରକେ ପୁରମ୍ରେ ୩୭୪ ରେକର୍ଡ କରାଯାଇଛି। ପାଟପରଗଞ୍ଜରେ ଏକ୍ୟୁଆଇ ୩୭୨, ୱାଜିରପୁରରେ ୩୭୪, ଚାନ୍ଦନୀ ଚୌକରେ ୩୭୦ ଓ ଦ୍ୱାରକା ସେକ୍ଟର-୮ରେ ୩୬୯ ରେକର୍ଡ କରାଯାଇଛି।

ମୃତଦେହ ପଡ଼ିଥିବାବେଳେ ମରିଗଲା ମାନବିକତା

## ସହାୟତା ପରିବର୍ତ୍ତେ ମାଛ ବୋହିନେଲେ ଲୋକେ

ସୀତାମଢି, ୧୬।୧ (ଏଜେନ୍ସି): ନୈତିକ ଅଧୋପତନ ଏବଂ ମାନବିକତାକୁ ଲଜ୍ଜିତ କଲାଭଳି ଏକ ବିଚଳିତ ଘଟଣା ବିହାର ସୀତାମଢ଼ିର ଝଝିହାଟ ଗ୍ରାମ ନିକଟରୁ ସାମନାକୁ ଆସିଛି। ଏଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ସାଧାରଣ ଜନତାଙ୍କ ସମ୍ବେଦନହୀନ ମନୋବୃତ୍ତି ବିହାରକୁ ପୁଣି ଦେଶରେ ଲଜ୍ଜିତ କରିଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ସପ୍ତମ ଶ୍ରେଣୀ ଛାତ୍ରର ମୃତଦେହ ରାସ୍ତାରେ ପଡ଼ିଥିବାବେଳେ ଲୋକେ ଧକ୍କା ଦେଇ ଓଲଟି ପଡ଼ିଥିବା ଟ୍ରକରୁ ମାଛ ଲୁଟି ନେଇଛନ୍ତି। ରାସ୍ତାର ଗୋଟିଏ ପଟେ ପୀଡ଼ିତ ପରିବାର ପୁଅର ବିୟୋଗ ଦୁଃଖରେ ରାସ୍ତାରେ ବସି କାନ୍ଦୁଥିବାବେଳେ ଅନ୍ୟପଟେ ଆନର ସମ୍ପତ୍ତି ଲୁଟିବାର ଲୋଭ ନାଗରିକଙ୍କ ନୈତିକ ମୂଲ୍ୟବୋଧକୁ ବି ଭୁଲାଇ ଦେଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଛାତ୍ର ରିତେଶ କୁମାର ଓରଫ ଗୋଲୁ କୋଚିଂ ପାଇଁ ଯାଉଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ପିକ୍ଅପ ଟ୍ରକ ତାଙ୍କୁ ଧକ୍କା ଦେଇଥିଲେ। ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଗୋଲୁ ପ୍ରାଣ ହରାଇଥିବାବେଳେ ଟ୍ରକ୍ଟି ଓଲିଟ ପଡ଼ିଥିଲା। ଏହି ଖବର ଶୁଣି ଗୋଲୁଙ୍କ ବାପା ସନ୍ତୋଷ ଦାସ ଏବଂ ପରିବାର ସଦସ୍ୟ ଘଟଣାସ୍ଥଳକୁ ପହଞ୍ଚି ଥିଲେ। ପୁଅକୁ ହରାଇବାର ଦୁଃଖରେ ମ୍ରିୟମାଣ ହୋଇ ପରିବାର ସଦସ୍ୟ ଶୋକରେ ବୁଡ଼ି ରହିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକଟି ଓଲଟି ପଡ଼ିବାରୁ ସେଥିରେ ଥିବା ମାଛ ଚାରିଆଡ଼େ ଖେଳାଇ ହୋଇ ପଡ଼ିଥିଲା। ଆଖପାଖରେ ଥିବା ଲୋକେ ଏହା ଦେଖି ପୀଡ଼ିତଙ୍କୁ ସହାୟତା କରିବା ପରିବର୍ତ୍ତେ ମାଛ ଲୁଟି ନେଇଥିଲେ। ଯିଏ ଯେଉଁଥିରେ ପାଇଲେ ମାଛ ବୋହି ନେଇ ଚାଲିଥିଲେ। କିଏ ଲୁଗାରେ ତ ଆଉ କିଏ ପିନ୍ଧିଥିବା ପୋଷାକରେ ମାଛ ନେଇ ପଳାଇ ଥିଲେ। ମାତ୍ର ପୀଡ଼ିତ ପରିବାରକୁ ଟିକିଏ ବି ଧ୍ୟାନ ଦେଇ ନ ଥିଲେ। କିଛି ସମୟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଲୋକଙ୍କୁ ହଟାଇ ରିତେଶଙ୍କ ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ଏବେ ମାମଲାର ତଦନ୍ତ ଜାରି ରହିଛି।

ଇରାନକୁ ଆମେରିକା ରାଷ୍ଟ୍ରଦୂତଙ୍କ ଚେତାବନୀ

# 'ଟ୍ରମ୍ପ କଥା କୁହନ୍ତିନି; ସିଧା କାର୍ଯ୍ୟାନୁଷ୍ଠାନ ନିଅନ୍ତି'

ୱାଶିଂଟନ, ୧୬।୧(ଏଜେନ୍ସି): ଜାତିସଙ୍ଘ ନିରାପତ୍ତା ପରିଷଦ (ୟୁଏନ୍ଏସସି) ଜରୁରୀକାଳୀନ ବୈଠକରେ ଆମେରିକା ଇରାନକୁ କଡ଼ା ବାର୍ତ୍ତା ଦେବା ସହ ଚେତାବନୀ ଦେଇଛି। ଆମେରିକୀୟ ରାଷ୍ଟ୍ରଦୂତ ମାଇକ୍ ୱାଲ୍ଜ କହିଛନ୍ତି ଯେ, ଇରାନରେ ଚାଲିଥିବା ଆନ୍ଦୋଳନ ତଥା ପ୍ରତିବାଦ ଉପରେ ନିଷ୍ଠୁର କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ସମସ୍ତ ବିକଳ୍ପ ଖୋଲା ଅଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ସେ ଇରାନ ନାଗରିକଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। ଇତିହାସରେ ପୂର୍ବରୁ ଇରାନୀମାନେ ଏତେ ପ୍ରଭାବୀ ଢଙ୍ଗରେ କେବେ ବି ସ୍ୱାଧୀନତା ଦାବି କରିନାହାନ୍ତି। ଟ୍ରମ୍ପ କଥା କୁହନ୍ତି ନାହିଁ, ସିଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି ବୋଲି ୱାଲ୍ଜ ସତର୍କ କରାଇ କହିଛନ୍ତି। ଏହିକ୍ରମରେ ସେ ଚେତାବନୀ ଦେଇ କହିଛନ୍ତି ଯେ, ଇରାନ ନେତୃତ୍ୱ ଜାଣି ରଖିବା ଉଚିତ ଯେ ଆମେରିକା ଇରାନରେ ଚାଲିଥିବା ନରସଂହାର ରୋକିବାକୁ ଯେକୌଣସି କଡ଼ା ପଦକ୍ଷେପ ନେଇପାରେ। ଅବଶ୍ୟ ୧୫ ସଦସ୍ୟ ବିଶିଷ୍ଟ ଜାତିସଂଘ ନିରାପତ୍ତା ପରିଷଦରେ ଇରାନ୍ ଉପ-ରାଷ୍ଟ୍ରଦୂତ ଘୋଲାମ ହୋସେନ ଦର୍ଜି ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଇରାନ ସଂଘର୍ଷ ଚାହୁଁନାହିଁ, କିନ୍ତୁ ଯଦି ଆମେରିକା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଇରାନ ଏହାର କଡ଼ା ଜବାବ ଦେବ।

ଏହି ବୈଠକରେ ୱାଲ୍ଜ ଇରାନ ସରକାରଙ୍କ କାର୍ଯ୍ୟକୁ ନିନ୍ଦା କରିଥିଲେ।



ଇରାନରେ ଇଣ୍ଟରନେଟ୍ ବ୍ଲାକ୍ଆଉଟ୍ ହେବା କାରଣରୁ ଆନ୍ଦୋଳନକାରୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନର ପରିମାଣ ନିର୍ଣ୍ଣୟ କରିବା କଷ୍ଟକର ହୋଇଛି ବୋଲି ସେ କହିଛନ୍ତି। ଇରାନ ସରକାର ଜାନୁଆରୀ ୮ରୁ ସାରା ଦେଶରେ ଇଣ୍ଟରନେଟ୍ ପାଖାପାଖି ପୂରା ବନ୍ଦ କରିଦେଇଛନ୍ତି। ୱାଲ୍ଜ କହିଛନ୍ତି ଯେ, ଆନ୍ଦୋଳନକାରୀଙ୍କ ପଛରେ ବିଦେଶୀ ଶକ୍ତିର ହାତ ଥିବା ଇରାନ ସରକାର ଦାବି କରିଛନ୍ତି। ସରକାର ନିଜ ସରକାରଙ୍କୁ ଡରୁଛନ୍ତି ଓ ଅନ୍ୟ ମୁଣ୍ଡରେ ଦୋଷ ଲଦିବାକୁ ପ୍ରୟାସ କରୁଛନ୍ତି ବୋଲି ଏଥିରେ ସ୍ପଷ୍ଟ ହେଉଛି। ଟ୍ରମ୍ପ ଚାପ ପକାଇବା ଫଳରେ ଇରାନରେ ୮୦୦ ଲୋକଙ୍କୁ ଫାଶୀ ଦେବାର ପ୍ରକ୍ରିୟା ରୋକା ଯାଇଥିଲା। ମାନବାଧିକାର ସଂଗଠନଗୁଡିକ ଦେଇଥିବା ତଥ୍ୟ ଅନୁସାରେ, ଏପର୍ଯ୍ୟନ୍ତ ୩, ୪୨୮ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଯାଇଛି ଓ ୧୮, ୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି। ସେପଟେ ଇରାନ ମାମଲାରେ ଆମେରିକା ହସ୍ତକ୍ଷେପ କରୁଛି ଓ ଏହା ଠିକ୍ ନୁହେଁ ବୋଲି ରୁଷିଆ କହିଛି। ଉଲ୍ଲେଖଥାଉ କି, ଡିସେମ୍ବର ୨୮ରୁ ଇରାନରେ ହିଂସ୍ରକ ଆନ୍ଦୋଳନ ଆରମ୍ଭ ହୋଇ ଏବେ ଉଗ୍ରରୂପ ଧାରଣ କରିଛି। ଦରଦାମ ବୃଦ୍ଧି, ଆର୍ଥିକ ସଙ୍କଟ, ବ୍ୟବସାୟୀଙ୍କ ଆନ୍ଦୋଳନ, ସରକାରଙ୍କ ବିରୋଧରେ ରୋଷ, ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଆମେରିକା, ଇସ୍ରାଏଲ ଭଳି ରାଷ୍ଟ୍ରଙ୍କ ହସ୍ତକ୍ଷେପ ଭଳି ବିଭିନ୍ନ କାରଣରୁ ଏହି ଆନ୍ଦୋଳନ ଦେଶରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି।

'କୁନ୍ତୀଙ୍କୁ ଭେଟିବାର ଅଧିକାର କର୍ଣ୍ଣଙ୍କର ରହିଛି'

# ମା'ଙ୍କୁ ଖୋଜିବା ପାଇଁ ଭାରତରେ ନେଦରଲାଣ୍ଡ ମେୟର

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ନିଜ ମା'ଙ୍କୁ ଖୋଜିବା ପାଇଁ ସୁଦୂର ୟୁରୋପୀୟ ଦେଶ ନେଦରଲାଣ୍ଡରୁ ଜଣେ ମେୟର ଭାରତ ଆସିଛନ୍ତି। ୪୧ ବର୍ଷ ପୂର୍ବେ ତାଙ୍କ ମା ତାଙ୍କୁ ଏକ ଆଶ୍ରୟସ୍ଥଳରେ ଛାଡ଼ି ଚାଲିଯାଇଥିଲେ। ୧୯୮୫ରେ, ଜଣେ ଅବିବାହିତ ମା ତାଙ୍କର ୩ ଦିନର ଶିଶୁକୁ ନାଗପୁରରେ ଏକ ଆଶ୍ରୟସ୍ଥଳରେ ପରିତ୍ୟାଗ କରିଥିଲେ। ଏହାର ଗୋଟିଏ ମାସି ପରେ ନେଦରଲାଣ୍ଡର ଏକ ଦମ୍ପତି ତାଙ୍କୁ ଗ୍ରହଣ କରି ନେଇ ଯାଇଥିଲେ। ଏବେ ଏହି ଘଟଣାକୁ ପାଖାପାଖି ୪ ଦଶନ୍ଧି ବିତି ଗଲାଣି। ୩ ଦିନର ସେହି ଶିଶୁ ଏବେ ନେଦରଲାଣ୍ଡର ରାଜଧାନୀ ଆମଷ୍ଟରଡାମ ନିକଟବର୍ତ୍ତୀ ସହର ହିମଷ୍ଟେଡରର ମେୟର ହୋଇଛି। ତାଙ୍କ ନାମ ହେଉଛି ଫାଲଗୁନ୍ ବିନ୍ନେଣ୍ଡିଜକ୍। ଫାଲଗୁନ୍ ଏବେ ତାଙ୍କ ମାଙ୍କୁ ଖୋଜି ପାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ସେ ୨୦୨୫ ଡିସେମ୍ବରରେ ଶେଷଥର ପାଇଁ ଭାରତ ଆସିଥିଲେ। ଫାଲଗୁନ୍ କହିଛନ୍ତି ଯେ, ମୁଁ ମହାଭାରତ ପଢ଼ିଛି। ସେ ନିଜ ଜୀବନର ଏହି ଯାତ୍ରାକୁ ମହାଭାରତର 'କର୍ଣ୍ଣ ଓ କୁନ୍ତୀ'ଙ୍କ କାହାଣୀ ସହ ତୁଳନା କରିଛନ୍ତି।



ମୋତେ ଲଗୁଛି ଯେ, ସବୁ କର୍ଣ୍ଣଙ୍କୁ ତାଙ୍କ ମା କୁନ୍ତୀଙ୍କୁ ଦେଖିବା ଓ ସାକ୍ଷାତ କରିବାର ଅଧିକାର ରହିଛି। ନିଜ ମାଙ୍କୁ ଥରେ ମାତ୍ର ଦେଖିବାକୁ ଚାହୁଁଛି ଓ ତାଙ୍କ କହିବାକୁ ଚାହୁଁଛି ଯେ, ମୋତେ ବହୁତ ଭଲ ପାଇବାର ସହ ବଡ଼ କରାଯାଇଛି। ୧୯୮୫ ଫେବୃଆରୀ ୧୦ରେ ଫାଲଗୁନ୍ଙ୍କ ଜନ୍ମ ହୋଇଥିଲା। ମା ତାଙ୍କୁ ନାଗପୁରର 'ମାତୃ ସେବା ସଂଘ' ନାମକ ଏକ ଆଶ୍ରୟ ସ୍ଥଳରେ ଛାଡି ଚାଲିଯାଇଥିଲେ। ଆଶ୍ରୟସ୍ଥଳର ନର୍ସ ତାଙ୍କ ନାମ ଫାଲଗୁନ ରଖିଥିଲେ। ଫାଲଗୁନ ୨୦୨୫ରେ ୩ଥର ଭାରତ ଆସିଛନ୍ତି। ଏହି ନର୍ସଙ୍କୁ ଏବେ ଫାଲଗୁନ ଭେଟିଛନ୍ତି। ବଦନାମ ଓ ସମାଜ ଡରରେ ମା' ତାଙ୍କୁ ଆଶ୍ରୟସ୍ଥଳରେ ଛାଡି ଯାଇଥିଲେ। ୨୦୦୬ରେ ସେ ଭାରତ ଆସି ନିଜ ମାଙ୍କୁ ଖୋଜି ପାଇବା ପାଇଁ କେତୋଟି ଏନ୍‌ଜିଓ, ପୌର ପାଳିକା ଓ ପୁଲିସର ସାହଯ୍ୟ ଲୋଡିଛନ୍ତି। ଏଥର ନହେଲେ ସେ ପୁଣି ଥରେ ନାଗପୁର ଆସି ନିଜ ମାଙ୍କୁ ଖୋଜିବାକୁ ଚେଷ୍ଟା କରିବେ ବୋଲି ଫାଲଗୁନ କହିଛନ୍ତି।

## ସମ୍ପତ୍ତି ତାଲିକା ନ ଦେବାରୁ ୩ ମନ୍ତ୍ରୀ, ୨୯ ସାଂସଦ ନିଲମ୍ବିତ

ଇସଲାମାବାଦ, ୧୬।୧ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଆରା ଉଦାହରଣ ସୃଷ୍ଟି କରିଛି। ଏହି ଦେଶର ନିର୍ବାଚନ କମିଶନ (ପିଇସି) ୩ ମନ୍ତ୍ରୀ ଏବଂ ୨୯ ସାଂସଦଙ୍କ ସମେତ ୧୫୨ ବିଧାୟକଙ୍କ ସଦସ୍ୟତା ନିଲମ୍ବନ କରିଦେଇଛନ୍ତି। ସମ୍ପତ୍ତି ବିବରଣୀ ଦେଇ ନ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପାକିସ୍ତାନରେ ପ୍ରତ୍ୟେକ ବର୍ଷ ସାଂସଦଙ୍କୁ ନିଜ ସମ୍ପତ୍ତି ବିବରଣୀ ଦେବାର ନିୟମ ରହିଛି। ଏହାକୁ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି। ପ୍ରଥମ ଥର ପାଇଁ ଏହି ମାମଲାରେ ଏତେ ସାଂସଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପିଇସିଙ୍କ ପକ୍ଷରୁ କୁହାଯାଇଛି ଯେ ମନ୍ତ୍ରୀ ଖାଲିଦ ମକବୁଲ ସିଦ୍ଦିକି, ସୈଦ ଅଲି ମୁସା ଗିଲାନୀ, ସୈଦ ଅବଦୁଲ କାଦିର ଗିଲାନିଙ୍କ ସମେତ ୨୯ ସାଂସଦ ଏବଂ ପଞ୍ଜାବ ବିଧାନପରିଷଦର ୫୨ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଏହି ସଦସ୍ୟଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦିଆଯିବ। ଯଦି ଧାର୍ଯ୍ୟ ସମୟ ପୂର୍ବରୁ ସମ୍ପତ୍ତି ବିବରଣୀ ନ ଦେବେ ତେବେ ସଦସ୍ୟତା ରଦ୍ଦ କରିଦିଆଯିବ। ଦୁର୍ନୀତିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ପୁଲୱାମାରେ ତାପମାତ୍ରା ବିୟୁକ୍ତ ୪.୬

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି। ଜମ୍ମୁ-କଶ୍ମୀରର ପୁଲୱାମାରେ ଗୁରୁବାର ରାତିରେ ଚଳିତ ଶୀତଋତୁରେ ସବୁଠାରୁ ଥଣ୍ଡା ଅନୁଭୂତ ହୋଇଥିଲା। ଏଠାରେ ତାପମାତ୍ରା ବିୟୁକ୍ତ ୪.୬ ଡ଼ିଗ୍ରୀ ସେଲସିୟସ ଥିଲା। ସେହିପରି ହରିୟାଣା ହିସାରରେ ଶୀତ ଦୁଇବର୍ଷର ରେକର୍ଡ ଭାଙ୍ଗି ତାପମାତ୍ରା ସର୍ବନିମ୍ନ ୦.୨ ଡିଗ୍ରୀ ରହିଛି। ଅନ୍ୟପଟେ ଉତ୍ତରପ୍ରଦେଶର ୩୫ଟି ଜିଲ୍ଲାରେ ଘନ କୁହୁଡ଼ି ଛାଇ ରହିଥିଲା। ଏହି ଦୁର୍ଘଟଣାଗୁଡିକରେ ୨୪ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏଥିରେ ଜଣେ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪୦ ଜଣ ଆହତ ହୋଇଥିଲେ। କୁହୁଡି କାରଣରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଞ୍ଜାବ ଜଳନ୍ଧର ଗସ୍ତ ବାତିଲ ହୋଇଛି। ଅମୃତସରରୁ ତାଙ୍କ ବିମାନ ଉଡ଼ାଣ ଭରିପାରି ନଥିଲା। ସେ ଏନ୍ଆଇଟି ଜଳନ୍ଧରର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା।

# ଆଫଗାନରେ ରୁଢ଼ିବାଦ ବନାମ ଆଧୁନିକତା; ଭୁଶୁଡ଼ିବ ତାଲିବାନ ସରକାର!

କାବୁଲ, ୧୬।୧(ଏଜେନ୍ସି): ଆଫଗାନିସ୍ତାନରେ କ୍ଷମତାସୀନ ତାଲିବାନ ସରକାର ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତାଲିବାନ ମଧ୍ୟରେ ଏକ ବଡ଼ ବିଭାଜନ ଦେଖା ଦେଇଛି। ସରକାରରେ କ୍ଷମତାକୁ ନେଇ ସଂଘର୍ଷ ସୃଷ୍ଟି ହୋଇଛି। ସର୍ବୋଚ୍ଚ ନେତା ହିବତୁଲ୍ଲା ଅଖୁନ୍ଦଜାଦା ଓ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନୀଙ୍କ ମଧ୍ୟରେ ଥିବା ମତଭେଦ ଏବେ ପଦାରେ ପଡ଼ିଛି। ଦେଶରେ ଇଣ୍ଟରନେଟ୍କୁ ନିଷିଦ୍ଧ କରିବାରୁ ବିଦ୍ରୋହ ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏବେ ଏହି ମତଭେଦ ତୀବ୍ର ହେବା ସହ ସାର୍ବଜନୀନ ହୋଇଛି। ଗତ ସେପ୍ଟେମ୍ବରରେ ଅଖୁନ୍ଦଜାଦା ସମଗ୍ର ଦେଶରେ ଇଣ୍ଟରନେଟ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ କାବୁଲରେ ଥବା ହକ୍କାନୀ ଗୋଷ୍ଠୀ ଏହି ନିର୍ଦ୍ଦେଶକୁ ନମାନି ୩ ଦିନ ପରେ ହିଁ ଇଣ୍ଟରନେଟ ସେବା ପୁନଃସ୍ଥାପିତ କରିଥିଲେ। ଏହାକୁ ଏକ ଆଭ୍ୟନ୍ତରୀଣ ବିଦ୍ରୋହ ଭାବେ ଦେଖାଯାଉଛି। ପୁଣି ଏବେ ତାଲିବାନ ଦୁଇଟି ଭାଗରେ ଯଥା କାବୁଲ ଓ କାନ୍ଦାହାର ଗୋଷ୍ଠୀରେ ବିଭକ୍ତ ହୋଇଛି। କାନ୍ଦାହରରୁ ଅଖୁନ୍ଦଜାଦା କଠୋର ଇସ୍ଲାମିକ ନିୟମ ଓ ପୃଥକୀକରଣ ଚାହୁଁଥିବା ବେଳେ କାବୁଲର ହକ୍କାନୀ ଓ ପ୍ରତିରକ୍ଷା ମନ୍ତ୍ରୀ ମୁଲ୍ଲା ୟାକୁବ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଓ ଅର୍ଥନୈତିକ ସମ୍ପର୍କ ରଖିବା ସପକ୍ଷରେ ଅଛନ୍ତି। ଏକ ଲିକ୍ ହୋଇଥିବା ଭିଡିଓରେ ମତପାର୍ଥକ୍ୟ ନେଇ ପ୍ରମାଣ ମିଳିଛି। ଏଥିରେ ଅଖୁନ୍ଦଜାଦା ସତର୍କ କରାଇଛନ୍ତି ଯେ, କନ୍ଦଳ ଯୋଗୁଁ ତାଲିବାନ ଶାସନ ଭୁଶୁଡ଼ି ଯାଇପାରେ। ଇଣ୍ଟରନେଟ ବ୍ୟାନ କଲେ ଶାସନ ପରିଚାଳନ ଅସମ୍ଭବ ବୋଲି ହକ୍କାନୀ କହିଛନ୍ତି। ଏହି ମତ ପାର୍ଥକ୍ୟ ଦୂର ନହେଲେ ତାଲିବାନ ଶାସନ ଭୁଶୁଡିବା ନିଶ୍ଚିତ ବୋଲି କୁହାଯାଉଛି।



ୟୁପିଏ ଅମଳର ଆଉ ୨ଟି ଆଇନ୍ ବଦଳିବ

## ଶିକ୍ଷା ଅଧିକାର, ଖାଦ୍ୟ ସୁରକ୍ଷା ଆଇନରେ ସଂସ୍କାର ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ପୂର୍ବର ୟୁପିଏ ସରକାରଙ୍କ କାର୍ଯ୍ୟକାଳରେ ପ୍ରଣୀତ ଦୁଇଟି ପ୍ରମୁଖ ଆଇନରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଦୁଇଟି ଆଇନ୍ ହେଲା ଶିକ୍ଷା ଅଧିକାର ଓ ଖାଦ୍ୟ ସୁରକ୍ଷା ଅଧିକାର ଆଇନ୍। ଏଥିରେ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଯୋଜନାଗୁଡ଼ିକର ଲୋକ ସଠିକ୍ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଓ ସମସ୍ତ ହିତାଧିକାରୀ ପଞ୍ଜିକୃତ ହେବା ନେଇ ସରକାର ନିଶ୍ଚିତ ହେବାକୁ ଚାହୁଁଛନ୍ତି। ଏହିକ୍ରମରେ ସରକାର ପ୍ରଥମେ ନିୟମ ଓ ନିର୍ଦ୍ଦେଶ ମାଧ୍ୟମରେ ସଂସ୍କାର କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ। ଯଦି ଏହା ବିଫଳ ହୁଏ, ତେବେ ନୂତନ ବିଲ୍ ସଂସଦରେ ଆଗତ କରାଯାଇପାରେ। ପୁଣି ସରକାର ଘର ପାଇବାର ଅଧିକାରକୁ ଏକ ଆଇନଗତ ଅଧିକାର କରିବାକୁ ମଧ୍ୟ ବିଚାର କରୁଛନ୍ତି।

# ୧୫ ସାଂଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତି ବାଛିଲା ବିଜେଡି

ଭୁବନେଶ୍ୱର,୧୬ ।୧(ସମିସ): ରାଜ୍ୟର ୧୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରିଛି ବିଜେଡି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏହି ୧୫ଟି ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ୧୨୬ ବ୍ଲକ୍ ସଭାପତି ଓ ୪୧ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏହି ୧୫ଟି ସାଙ୍ଗଠନିକ ଜିଲ୍ଲା ମଧ୍ୟରେ ବୌଦ୍ଧ, ବରଗଡ଼, କଟକ, ଦେବଗଡ଼, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାଉରକେଲା, ରାୟଗଡ଼ା, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ରହିଛି।

ପୂର୍ବରୁ ୯ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଆଜିର ଘୋଷଣା ସହ ମୋଟ ୨୪ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ୍ ଓ ନଗର ସଭାପତିଙ୍କ ନାମ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ଏହି ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା ଦଳର ତୃଣମୂଳସ୍ତରର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବ। ନବନିଯୁକ୍ତ ବ୍ଲକ୍ ଓ ନଗର ସଭାପତିମାନେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ସହ ବିଜୁ ଜନତା ଦଳର ଦୃଷ୍ଟିକୋଣ ଓ ନୀତିକୁ ସାଧାରଣଲୋକଙ୍କ ନିକଟକୁ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଦଳ କହିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସାଙ୍ଗଠନିକ ଶିଷ୍ଟାଚାର, ତୃଣମୂଳ ସଶକ୍ତୀକରଣ ଓ ଓଡ଼ିଶାର ଜନସାଧାରଣଙ୍କ ସେବା ପ୍ରତି ଦୃଢ଼ ପ୍ରତିବଦ୍ଧ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ନିଲମ୍ବନ କଲା ବିଜେଡି

ଭୁବନେଶ୍ୱର,୧୬ ।୧(ସମିସ): ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ପ୍ରକାଶିତ ଏକ ବିଜ୍ଞପ୍ତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନାଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କୁ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ କରାଯାଇଛି ବୋଲି ଦଳର ବରିଷ୍ଠ ଉପସଭାପତି ପ୍ରତାପ ଜେନା ସୂଚନା ଦେଇଛନ୍ତି। ଉଭୟଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

# ଅପରେଶନ 'ଭାଇନା' ଜିଲ୍ଲା ସଭାପତିଙ୍କ କାନ୍ଧରେ 'ଅପା'ଙ୍କ ବନ୍ଧୁକ!

ପୁରୀ,୧୬।୧(ସମିସ): ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର କିଛିମାସ ପରେ ନିମାପଡ଼ା ବିଜେପିରେ ଆରମ୍ଭ ହୋଇଥିଲା ଦଳୀୟ କନ୍ଦଳ। ନିର୍ବାଚନ ସମୟରେ ପ୍ରଭାତୀ ଆବଶ୍ୟକତା ଦୃଷ୍ଟିରୁ ସମୀରଙ୍କ ପ୍ରତି ଆନୁଗତ୍ୟ ଦେଖାଇଥିଲେ ହେଁ ଉପମୁଖ୍ୟମନ୍ତ୍ରୀ ପଦ ମିଳିବା ପରେ ସେଥିରେ କଳଙ୍କି ଲାଗିଗଲା। ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ସହ କନ୍ଦଳ ବି ବଢ଼ିଲା। ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରୁଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ତିକ୍ତତାକୁ ପଦାରେ ପକାଇ ଦେଉଥିଲା। କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ହେଉଥିଲେ ସେଠାରେ କେବଳ ଜଣଙ୍କୁ ହିଁ ଦେଖିବାକୁ ମିଳୁଥିଲା। ଏପରିକି ମଞ୍ଚରେ କେହି କାହାରି ଉପସ୍ଥିତି ଚାହୁଁ ନ ଥିଲେ। ନିର୍ବାଚନମଣ୍ଡଳୀରେ କୌଣସି କାର୍ଯ୍ୟକ୍ରମ କିମ୍ବା ରାଲି ସମାନ୍ତରାଳ ଭାବେ ଆୟୋଜନ କରି ସେମାନଙ୍କ ଭିତରେ ଶୀତଳ ନୁହେଁ, ସମ୍ମୁଖ ଯୁଦ୍ଧ ଚାଲିଥିବାର ଆଭାସ ବି ଦେଉଥିଲେ। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରି ଅସନ୍ତୁଷ୍ଟ ରାଜ୍ୟ ନେତୃତ୍ୱଙ୍କୁ ଇସାରା ଦେଇଥିଲେ ସମୀର। ଯଦିଓ ପଦ ପଦବୀକୁ ନେଇ ଅପା ଚୁପ୍ ରହିବାକୁ ବାଧ୍ୟ ହେଉଥିଲେ, କିନ୍ତୁ ଭାଇନା ଥିଲେ ଲଗାମ୍‌ଛଡ଼ା। ତେଣୁ ମଝିରେ ମଝିରେ ଆକ୍ଷେପ ପ୍ରତିଆକ୍ଷେପର ରୋଚକ ଖବର ପଦାକୁ ଆସୁଥିବା ବେଳେ ଏବେ ସମୀର ନିଜେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆଉ ହଜମ କରିପାରୁନାହାନ୍ତି ଅପା। ତେଣୁ ଜିଲ୍ଲା ସଭାପତିଙ୍କ କାନ୍ଧରେ ବନ୍ଧୁକ ରଖି ଭାଇନାଙ୍କୁ ଶିକାର କରିବାକୁ ଅପା ଆରମ୍ଭ କରିଛନ୍ତି ଗୋଟି ଚାଳନା।

ନିକଟରେ ସମୀର ନିମାପଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସମସ୍ୟା ଶୁଣିବା ପାଇଁ ସପ୍ତାହର ଦୁଇଦିନ ଧାର୍ଯ୍ୟ କରିଛନ୍ତି। ଏହାକୁ ନେଇ ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ତରାଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବିଜେପି ଏକ ସାଙ୍ଗଠନିକ ବ୍ୟବସ୍ଥାର ପାର୍ଟି। ଯିଏ ଯେତେ ଉଚ୍ଚରେ ଥାନ୍ତୁ ସାଙ୍ଗଠନିକ ବ୍ୟବସ୍ଥା ବାହାରେ କେହି କିଛି କରିପାରିବେ ନାହିଁ। ସମୀର ଦାଶ ପୂର୍ବତନ ମନ୍ତ୍ରୀ ହୋଇପାରନ୍ତି; କିନ୍ତୁ ସେ ବିଜେପିରେ ଯୋଗଦାନ ପରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ବିଶୃଙ୍ଖଳିତ ଆଚରଣ କରୁଛନ୍ତି। ଏଥିପାଇଁ ଜିଲ୍ଲା ପକ୍ଷରୁ ତାଙ୍କୁ ଦୁଇଥର ତାଗିଦ୍ କରାଯିବା ସହିତ ଲିଖିତ ଭାବେ ଜଣାଇ ଦିଆଯାଇଛି। ନିଜକୁ ନିମାପଡ଼ାର ନେତା କହୁଥିବା ସମୀର ଦାଶ ଯଦି ଏହି ଅଳ୍ପଦିନ ମଧ୍ୟରେ ତାଙ୍କ କାର୍ଯ୍ୟକ୍ରମରେ ଶାଳୀନତା ନ ରଖନ୍ତି ତା' ହେଲେ ଜିଲ୍ଲାର ଦାୟିତ୍ୱ କ୍ରମରେ ରାଜ୍ୟ ସଙ୍ଗଠନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ପୂର୍ବରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ତରଫରୁ ରାଜ୍ୟ ସହ ପରାମର୍ଶ ହୋଇଥିଲା। ହେଲେ ସେ କୌଣସି କାର୍ଯ୍ୟକ୍ରମ ବିଶୃଙ୍ଖଳିତ ଭାବେ କରିବେ ନାହିଁ ବୋଲି ରାଜ୍ୟ ନେତୃତ୍ୱଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦେଖୁଛୁ ସେ ବାରମ୍ବାର ବିଶୃଙ୍ଖଳିତ କାର୍ଯ୍ୟକ୍ରମ କରୁଛନ୍ତି। ଯଦି ସେ ଶାଳୀନତା ଭିତ୍ତିରେ କାର୍ଯ୍ୟକ୍ରମ ନ କରନ୍ତି ନିଶ୍ଚିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ବିଧି ବ୍ୟବସ୍ଥାରେ ଅଭିଯୋଗ ଶୁଣିବାର ଅଧିକାର ତାଙ୍କର ଆଦୌ ନାହିଁ। ଆମର ମଣ୍ଡଳ ସଭାପତି, ଜିଲ୍ଲା ସଭାପତି ଏବଂ ସାଙ୍ଗଠନିକ ବ୍ୟବସ୍ଥାରେ ଥିବା ବ୍ୟକ୍ତି ଅଭିଯୋଗ ଗ୍ରହଣ କରିପାରିବେ। ସାଙ୍ଗଠନିକ ବ୍ୟବସ୍ଥାରେ ନ ଥିବା ବ୍ୟକ୍ତିଙ୍କୁ ଏ ଅଧିକାର ଦେଲା କିଏ? ସେ କେବଳ ଛଳନାପୂର୍ଣ୍ଣ କାର୍ଯ୍ୟକ୍ରମ କରୁଛନ୍ତି। ନିମାପଡ଼ାର ବିଧାୟକ ପ୍ରଭାତୀ ପରିଡ଼ା ଏବେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ। ତାଙ୍କ ନେତୃତ୍ୱରେ ନିମାପଡ଼ାରେ ସଙ୍ଗଠନ ଦୃଢ ଭାବେ ଚାଲିଛି। ସମୀର ଦାଶ ଅଭିଯୋଗ ଶୁଣାଣି କରିବା ପରେ କାହାକୁ କହିବେ? ସରକାରଙ୍କର ମୁଖ୍ୟ ଲୋକ ସେଠାରେ ନେତ୍ରୀ ଅଛନ୍ତି ବୋଲି କହିଛନ୍ତି ଜିଲ୍ଲା ବିଜେପି ସଭାପତି।

**ଶାଳୀନତା ନ ରଖିଲେ କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ଦେବେନ୍ଦ୍ର**

ସମୀରଙ୍କୁ ଇଙ୍ଗିତ କରି ଜିଲ୍ଲା ସଭାପତି ଆହୁରି କହିଛନ୍ତି, ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନାହିଁ। ଲୋକଙ୍କଠାରୁ ଅଭିଯୋଗ ଶୁଣିବାକୁ ତାଙ୍କୁ କେହି କହିନାହାନ୍ତି। ସେ ତାଙ୍କର ବ୍ୟକ୍ତିଗତ ଭାବେ କରୁଥାଇପାରନ୍ତି। ମୁଁ ସଭାପତି ହେବା ପରେ ମୋର କୌଣସି ସାଙ୍ଗଠନିକ ବୈଠକ ବା କାର୍ଯ୍ୟକ୍ରମରେ ସେ ସାମିଲ ହୋଇନାହାନ୍ତି। ସେ ବିଜେପିର ପ୍ରବକ୍ତା ଭାବେ ରାଜ୍ୟ ଦାୟିତ୍ୱରେ ଅଛନ୍ତି ବୋଲି କହୁଛନ୍ତି। ହେଲେ ମୋତେ ଲାଗୁଛି ସେ ଜଣେ ପ୍ରବକ୍ତାର କାର୍ଯ୍ୟକ୍ରମ କରୁନାହାନ୍ତି, ପାଗଳାମୀର କାର୍ଯ୍ୟକ୍ରମ କରୁଛନ୍ତି ବୋଲି କହିଛନ୍ତି ଜିଲ୍ଲା ସଭାପତି ଡାକ୍ତର ତରାଇ। ଜିଲ୍ଲା ସଭାପତିଙ୍କ ଏଭଳି ମନ୍ତବ୍ୟ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ାର ଭାଇନା ସମୀର ଦାଶଙ୍କୁ ପଚାରିବାରେ ସେ କହିଛନ୍ତି, 'ମୋ ପାଖକୁ କୌଣସି ନୋଟିସ୍ ଆସିନାହିଁ। ଭିଡିଓରେ ଜିଲ୍ଲା ସଭାପତିଙ୍କ କଥା ଶୁଣିଛି। ହେଲେ ନୋଟିସ୍ କଥା ମିଛ। ସେ କହିବା କଥା କହି ଦେଇଛନ୍ତି। ରାଜ୍ୟ ନେତୃତ୍ୱଙ୍କୁ ମୁଁ ମୋ କଥା କହିଛି। ସେମାନେ ମୋତେ ଡାକି କଥା ହେବେ ବୋଲି କହିଛନ୍ତି'।

# ପୁଣି ରାଜଧାନୀରେ ବନ୍ଧୁକ ବେପାର

ଭୁବନେଶ୍ୱର, ୧୬।୧(ସମିସ): ପୁଣି ଜଣେ ବନ୍ଧୁକ ବେପାରୀକୁ ଗିରଫ କରିଛି ଭୁବନେଶ୍ୱର କମିସନରେଟ୍ ପୁଲିସ। ସେ ହେଲା, ଯାଜପୁର ଜିଲ୍ଲାର ବିଞ୍ଝାରପୁର ଥାନା ବୋଡୁଆ ଗ୍ରାମର ମନୋଜ କୁମାର ମଲ୍ଲିକ ଓରଫ୍ ପପୁ। ତା'ଠାରୁ ପୁଲିସ ୬ଟି ସେମି ଅଟୋ-ମେଟେଡ୍ ପିସ୍ତଲ୍, ୧୦ ରାଉଣ୍ଡ ଗୁଳି, ୬ଟି ମାଗାଜିନ୍, ଗୋଟିଏ ମୋବାଇଲ୍ ଓ ବାଇକ୍ ଜବତ କରିଛି। ଗୁରୁବାର ରାତି ପ୍ରାୟ ୨ଟାରେ ପୁଲିସ୍ ଗ୍ରାହକ ବେଶରେ ତାକୁ ଚନ୍ଦକା ଅଞ୍ଚଳରୁ ଗିରଫ କରିଛି। ମନୋଜ ବିରୋଧରେ ପୂର୍ବରୁ ଏକ ଦୁଷ୍କର୍ମ ମାମଲା ରହିଛି ବୋଲି ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।



**ଅଭିଯୁକ୍ତ ଗିରଫ, ୬ ପିସ୍ତଲ୍, ୧୦ ଗୁଳି ଜବତ**

**୬ ମାସରେ ଜବତ ହେଲାଣି ୩୪ ବନ୍ଧୁକ**

ସୂଚନାନୁଯାୟୀ, ମନୋଜ ରାଜଧାନୀରେ ବନ୍ଧୁକ କାରବାର କରୁଛି ବୋଲି ସ୍ପେଶାଲ କ୍ରାଇମ୍ ୟୁନିଟ୍‌କୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତାକୁ ଧରିବାକୁ ପୁଲିସ ଅଭିଯାନ ଆରମ୍ଭ କରିଥିଲା। ଗ୍ରାହକ ବେଶରେ ତା' ସହ ଯୋଗାଯୋଗ କରି ବନ୍ଧୁକ କିଣିବାକୁ ମୂଲଚାଲ କରିଥିଲା। ମୂଲଚାଲ କରୁଥିବା ପୁଲିସ ଅଧିକାରୀଜଣଙ୍କ ମନୋଜକୁ ବାରମ୍ବାର ଭରସା ଦେଇଥିଲେ ଯେ ବନ୍ଧୁକର ନିହାତି ଆବଶ୍ୟକତା ରହିଛି। ବନ୍ଧୁକ ନ ମିଳିଲେ, ବିରୋଧୀ ଗୋଷ୍ଠୀଙ୍କୁ ଚେକ୍ ଦେଇ ହେବ ନାହିଁ। ଏହା ଶୁଣି ମନୋଜ ଲୋଭରେ ପଡ଼ି ଯାଇଥିଲା ଓ ବଡ଼ ମାଛ ହାତରେ ଲାଗିଛି ଭାବି ୬ଟି ବନ୍ଧୁକ ବିକିବାକୁ ରାଜି ହୋଇଯାଇଥିଲା। ସେ ଚନ୍ଦକାସ୍ଥିତ କୁଜିମହଲ ଖେଳପଡ଼ିଆରେ ବନ୍ଧୁକ ବିକିବାକୁ ଅପେକ୍ଷା କରିଥିବା ବେଳେ ପୁଲିସ ତାକୁ ମାଡ଼ି ବସିଥିଲା।

ମନୋଜ ବିହାରୀ ବନ୍ଧୁକ ବେପାରୀ ଗ୍ୟାଙ୍ଗର ସଦସ୍ୟ ବୋଲି ପୁଲିସ ଜାଣିବାକୁ ପାଇଛି। ବିଗତ ଦିନରେ ସେ ଭୁବନେଶ୍ୱରରେ ବହୁ ବନ୍ଧୁକ ବିକ୍ରି କରିଛି। ବିହାରୀ ବନ୍ଧୁକ କାରବାର ଲିଙ୍କ୍‌ରେ ପୁଲିସ ଦ୍ୱାରା ଗିରଫ ହୋଇଥିବା ଏକାଧିକ ଅଭିଯୁକ୍ତ ମନୋଜ ନାଁ ନେଇଥିଲେ ହେଁ ପୁଲିସ ତାକୁ ଠାବ କରିପାରୁନଥିଲା। କିନ୍ତୁ ଏକ ବିଶ୍ୱସ୍ତ ସୂତ୍ରରୁ ପୁଲିସ ମନୋଜକୁ ଟ୍ରାକ୍ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ ୬ ମାସ ମଧ୍ୟରେ କମିସନରେଟ୍ ପୁଲିସ ୩୪ ବନ୍ଧୁକ ଜବତ କରିବା ସହ ଅନେକଙ୍କୁ ଗିରଫ କରିଛି। ଏହା ସତ୍ତ୍ୱେ ବନ୍ଧୁକ ବେପାର ଉପରେ ରୋକ୍ ଲାଗି ପାରୁନାହିଁ। ଏହା ପୁଲିସର ଚିନ୍ତା ବଢ଼ାଇ ଦେଇଛି।

# ନିପା ଭାଇରସ୍ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬ ।୧(ସମିସ): ପଶ୍ଚିମବଙ୍ଗରେ ନିପା ଭାଇରସ ଚିହ୍ନଟ ହେବା ପରେ ଓଡ଼ିଶାରେ ପ୍ରତିରୋଧମୂଳକ ବୈଠକ କରାଯାଇଛି। ବର୍ତ୍ତମାନ ରାଜ୍ୟରେ କୌଣସି ନିପା ଭାଇରସର ସନ୍ଦିଗ୍ଧ କେସ ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାର ସଂପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ରାଜ୍ୟରେ ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁ, ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ରାଜ୍ୟ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ବୈଠକ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ସାଧାରଣ ଜନତାଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି। ସମସ୍ତ ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ ରହିବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ, ପିପିଇ କିଟ୍ ଓ ଚିକିତ୍ସା ସାଧନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି।

**ବାଲେଶ୍ୱରରେ ଭିଡ଼ ହିଂସାରେ ଯୁବକଙ୍କ ମୃତ୍ୟୁ**

# ଧର୍ମାନ୍ଧ ଏବେ ସରକାରଙ୍କ ଗେହ୍ଲାପୁଅ: ଭକ୍ତ

ଭୁବନେଶ୍ୱର,୧୬ ।୧(ସମିସ): ବାଲେଶ୍ୱରରେ ଏସ୍‌କେ ମକନ୍ଦର ମହମ୍ମଦ ନାମକ ଜଣେ ଯୁବକଙ୍କୁ ପିଟିପିଟି ମାରିଦେବା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛି ଏଆଇସିସି। ଶୁକ୍ରବାର ଏଆଇସିସି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ଘଟଣାକୁ ନିନ୍ଦା କରାଯାଇଛି। ଏଆଇସିସି ପୋଷ୍ଟରେ ଉଲ୍ଲେଖ କରିଛି ଯେ ବାଲେଶ୍ୱରରେ ଏସ୍‌କେ ମକନ୍ଦର ମହମ୍ମଦଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏଭଳି ଘଟଣା ସଭ୍ୟ ସମାଜ ପାଇଁ ଏକ ଅପମାନ। ଏଭଳି ଘଟଣା ମାନବ ଜାତିକୁ ଲଜ୍ଜିତ କରୁଛି। ଦେଶରେ ସଂଖ୍ୟାଲଘୁଙ୍କ ବିରୋଧରେ ଏଭଳି ଅପରାଧ କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୧୪ ମସିହାରୁ ଦେଶରେ ଭିଡ଼ହିଂସାକୁ ପ୍ରୋତ୍ସାହିତ କରାଯାଉଛି। ଏହା ବିଜେପିର ଘୃଣା ରାଜନୀତିର ପରିଣାମ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦଳ ଦାବି କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛି।

**କାର୍ଯ୍ୟାନୁଷ୍ଠାନ ଦାବିରେ ବର୍ଷିଲା ଏଆଇସିସି**

ଅନ୍ୟପଟେ ଶୁକ୍ରବାର ସନ୍ଧ୍ୟାରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ଦାସ କହିଛନ୍ତି, ହିନ୍ଦୁ ଧର୍ମର ମହାନ ଗୁଣକୁ ଏହି ଧର୍ମାନ୍ଧମାନେ ତିଳତିଳ କରି ହତ୍ୟା କରୁଛନ୍ତି। ବିଜେପି ସରକାର ଆସିଲା ଦିନଠୁ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ସଂଖ୍ୟାଲଘୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଛି। ଶେଖ ମକନ୍ଦର ମହମ୍ମଦଙ୍କ ହତ୍ୟାକାରୀଙ୍କୁ ପୁଲିସ ଏପର୍ଯ୍ୟନ୍ତ ଧରିପାରିନାହିଁ। ଯେହେତୁ ସରକାର ଏଭଳି ଅପରାଧୀଙ୍କୁ ପ୍ରଶ୍ରୟ ଦେଉଛି, ପୁଲିସ ବି ନିଜ ଚାକିରି ଯିବା ଭୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଏଭଳି ଧର୍ମାନ୍ଧ ଅପରାଧୀ ବିଜେପି ସରକାରଙ୍କ ଗେହ୍ଲାପୁଅ ହୋଇଛନ୍ତି ବୋଲି ସେ କହିଛନ୍ତି।

# ଜଷ୍ଟିସ କୃଷ୍ଣରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ନିଯୁକ୍ତ

କଟକ, ୧୬ ।୧(ସମିସ): ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।



ସମାଜର ଦଳିତ ଓ ଅବହେଳିତ ଜନସାଧାରଣ କିଭଳି ଉନ୍ନତମାନର ନିଃଶୁଳ୍କ ଆଇନ ସହାୟତା ପାଇପାରିବେ, ସେଥିପାଇଁ ଆଇନ ସେବା ସଂସ୍ଥାଗୁଡ଼ିକ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଏହି ଅବସରରେ ଜଷ୍ଟିସ ମହାପାତ୍ର ପରାମର୍ଶ ଦେଇଛନ୍ତି। ତତ୍‌ସହିତ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ ଉପଯୁକ୍ତ ମାମଲାଗୁଡ଼ିକୁ ଅଧିକ ସଂଖ୍ୟାରେ ଫଇସଲା କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ସମସ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗଞ୍ଜାମର ବିଭିନ୍ନ ସ୍ଥାନରେ ଇଡି ଚଢ଼ଉ

ବ୍ରହ୍ମପୁର/ଆସିକା/ଶେରଗଡ଼, ୧୬।୧ (ସମିସ): ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶୁକ୍ରବାର ଭୋର୍‌ରେ ବଡ଼ଧରଣର ଚଢ଼ଉ ହୋଇଛି। ମୁଖ୍ୟତଃ ବାଲି କାରବାରରେ ଲିପ୍ତ ବ୍ୟବସାୟୀଙ୍କ ଘରେ ଏକକାଳୀନ ଚଢ଼ଉ ହୋଇଥିବା ଜଣାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଚଢ଼ଉ ଜାରି ରହିଛି। ଇଡିର ୫ରୁ ଅଧିକ ଟିମ୍ ବ୍ରହ୍ମପୁର ସହରର ଏକାଧିକ ସ୍ଥାନ ସମେତ କନିସି, ଶେରଗଡ଼ ଓ ଆସିକା ଅଞ୍ଚଳରେ ଚଢ଼ଉ କରି ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ କରିଥିବା ଜଣାପଡ଼ିଛି।



**ଖଣି ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀଙ୍କ ଘର ବି ବାଦ୍ ପଡ଼ିଲାନି**

**ବାଲି କାରବାରରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ଉ!**





ବ୍ରହ୍ମପୁର ସହରର ଜୟପ୍ରକାଶନଗର, ଅମ୍ବିକା ନଗର, ବିଜିପୁର, ଲାଞ୍ଜିପଲ୍ଲୀ, ଷ୍ଟେସନ୍‌ରୋଡ୍ ଓ ତୁଳସୀନଗର ସମେତ ସହର ଉପକଣ୍ଠ କନିଷିରେ ଇଡି ଚଢ଼ଉ କରିଥିଲା। ସେହିଭଳି ଜିଲ୍ଲାର ଶେରଗଡ଼ ଓ ଆସିକାଠାରେ ମଧ୍ୟ ଚଢ଼ଉ କରାଯାଇଥିଲା। ଶେରଗଡ଼ର ପ୍ରତିଷ୍ଠିତ ଠିକାଦାର ହୃଷୀକେଶ ପାଢ଼ୀଙ୍କ ବାସଭବନ, ଆସ୍କା ବ୍ଲକ୍ ଖାରିଆ ସରପଞ୍ଚଙ୍କ ସ୍ୱାମୀ ତଥା ମଦ ଓ ବାଲି ବ୍ୟବସାୟୀ ଭଗବାନ ସାହୁ ଓରଫ୍ ଭାଲୁଙ୍କ ବାସଭବନ, ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଉମାନଗରସ୍ଥିତ ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ କାର୍ଯ୍ୟାଳୟ, ଜୟପ୍ରକାଶ ନଗରସ୍ଥିତ ହୃଷୀକେଶ ପାଢ଼ୀଙ୍କ ପୁଅ ସଚ୍ଚିନ ପାଢ଼ୀଙ୍କ ବାସଭବନ, ବିଜିପୁର କାଲୁଆସାହିସ୍ଥିତ ବିଶ୍ୱଜିତ ପାତ୍ର ଓରଫ୍ 'ହକି'ଙ୍କ ବାସଭବନ, ଶ୍ରୀ ଟୁର ଏଣ୍ଡ ଟ୍ରାଭଲ୍ ମାଲିକ ଶିବ ପ୍ରସାଦ ପଣ୍ଡାଙ୍କ ଅମ୍ବିକା ନଗର ଦ୍ୱିତୀୟ ଲାଇନସ୍ଥିତ ବାସଭବନ ଓ ଷ୍ଟେସନ୍ ରୋଡ୍‌ରେ ଥିବା କାର୍ଯ୍ୟାଳୟ, ତୁଳସୀନଗରସ୍ଥିତ ସନ୍ତୋଷ ଦଳେଇଙ୍କ ଘର, କନିଷି ଗାଁର ବ୍ୟବସାୟୀ ସୁନୀଲ ପାତ୍ର ଓ ଶୁଭାଶିଷ ସାହୁଙ୍କ ଘରେ ଇଡି ଚଢ଼ଉ କରିଥିଲା।

ଏହି ଚଢ଼ଉ ସମ୍ପର୍କରେ ଇଡି ପକ୍ଷରୁ କୌଣସି ସୂଚନା ମିଳି ନଥିବା ବେଳେ ବାଲି ବ୍ୟବସାୟ ଓ ବଡ଼ ଧରଣର ଆର୍ଥିକ କାରବାରକୁ ନେଇ ଏହି ଚଢ଼ଉ କରାଯାଇଥିବା ଆଲୋଚନା ହେଉଛି। ସେପଟେ ବାଲି କାରବାର ଓ ଟିକସ ଫାଙ୍କିବା ଅଭିଯୋଗରେ ଏଭଳି ଚଢ଼ଉ ହୋଇଥିବା ନେଇ ଆଲୋଚନା ହେଉଥିବା ବେଳେ ଖୋଦ୍ ଖଣି ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଜେନାଙ୍କ ଘନିଷ୍ଠ ସହଯୋଗୀ ସୁନୀଲ ପାତ୍ରଙ୍କ କନିଷିସ୍ଥିତ ବାସଭବନ ମଧ୍ୟ ଇଡିର ଚଢ଼ଉରୁ ବାଦ୍ ପଡ଼ିନାହିଁ।

ବଡ଼ କଥା ହେଲା, ଖଣି ଓ ପରିବହନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ପରେ ମନ୍ତ୍ରୀ ବିଭୂତି ଜେନା ନିଜର ଘନିଷ୍ଠ ସହଯୋଗୀଙ୍କ ନାମ ତାଲିକା ପ୍ରସ୍ତୁତ କରି ନିଜ ନିର୍ବାଚନମଣ୍ଡଳୀରେ ବିଭିନ୍ନ ବିଭାଗର ଦାୟିତ୍ୱ ବୁଝିବା ପାଇଁ ଜିଲ୍ଲାପାଳଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ଚିଠି କରିଥିଲେ। ଉକ୍ତ ଚିଠିରେ ୧୯ ଜଣଙ୍କ ନାମ ରହିଥିବା ବେଳେ ୧୪ ନମ୍ବରରେ କନିଷିର ସୁନୀଲ ପାତ୍ରଙ୍କ ନାମ ରହିଥିଲା। ତାଙ୍କୁ ଖଣି, ପୁଲିସ ଓ କୋର୍ଟ ଭଳି ବିଭାଗ ସମ୍ପର୍କିତ କଥା ବୁଝିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ। କିନ୍ତୁ ବର୍ତ୍ତମାନ ହୋଇଥିବା ଚଢ଼ଉରୁ ଖୋଦ୍ ଖଣି ଓ ପରିବହନ ମନ୍ତ୍ରୀଙ୍କ ଖଣି ଦାୟିତ୍ୱ ବୁଝୁଥିବା ଘନିଷ୍ଠ ସହଯୋଗୀ ସୁନୀଲ ପାତ୍ର ମଧ୍ୟ ଇଡି ପଞ୍ଝାରୁ ବର୍ତ୍ତିପାରିନଥିବା ଦେଖିବାକୁ ମିଳିଛି। ଏହା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।


FAKIR MOHAN UNIVERSITY
NAAC 'A'
nirf NATIONAL INSTITUTIONAL RANKING FRAMEWORK
Ranked 51-100 University Category





NAAC 'A' 25 YEARS OF EXCELLENCE

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
~ଅଧ୍ୟୟନ ଓ ଅନୁସନ୍ଧାନରେ ଗୁଣାତ୍ମକ ଅଗ୍ରସରତା~

୧. ସବୁଜ ଓ ସୁସ୍ଥିର ପରିସର
ପରିବେଶ ସୁରକ୍ଷା, ସବୁଜ ଶକ୍ତି ବ୍ୟବହାର, କାର୍ବନ ନିସ୍ସରଣ ହ୍ରାସ, ପରିବେଶ-ମିତ୍ର ପଦକ୍ଷେପ ଓ ବ୍ୟାଟେରୀଚାଳିତ ଯାନ ମାଧ୍ୟମରେ ପ୍ରଦୂଷଣମୁକ୍ତ ଯାତାୟାତ।

୨. ଜାତୀୟ ଶିକ୍ଷାନୀତି-୨୦୨୦ର ସମ୍ପୂର୍ଣ୍ଣ ରୂପାୟନ
୨୦୨୪-୨୫ ଶିକ୍ଷାବର୍ଷରୁ NEP-2020 ର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସହ ଶିକ୍ଷାର ଗୁଣାତ୍ମକ ବୃଦ୍ଧି।

୩. ଭାରତୀୟ ଜ୍ଞାନ ପ୍ରଣାଳୀ ଓ ନବୋନ୍ମେଷମୂଳକ ଗବେଷଣା
ଧାନ-ପାନ-ମୀନ-ବିଜ୍ଞାନ, ଫକୀରମୋହନ ଚେତନା, ଭାରତୀୟ ଜ୍ଞାନ ପ୍ରଣାଳୀ, ସାଂସ୍କୃତିକ-ଐତିହ୍ୟ ସଂରକ୍ଷଣ ଉପରେ ମୂଳ ଓ ମୂଲ୍ୟଯୁକ୍ତ ଗବେଷଣା।

୪. ବିଶେଷ ଅଧ୍ୟୟନ କେନ୍ଦ୍ର ଓ ସଂଗ୍ରହାଳୟ ସ୍ଥାପନା
ଭାରତୀୟ ଜ୍ଞାନ ପ୍ରଣାଳୀ, ସାମଗ୍ରିକ ସ୍ୱାସ୍ଥ୍ୟ, ସଂସ୍କୃତି ଓ ଐତିହ୍ୟ ଅଧ୍ୟୟନ ପାଇଁ ବିଶେଷ କେନ୍ଦ୍ର ଓ ମ୍ୟୁଜିୟମ୍।

୫. ଗବେଷଣା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ
ANRF-PAIR , OMBRIC ପ୍ରକଳ୍ପ , ବିଶ୍ୱବିଦ୍ୟାଳୟ ଫେଲୋସିପ ଓ ବିଭାଗୀୟ ଗବେଷଣା ମାଧ୍ୟମରେ ପ୍ରାୟୋଗିକ ଓ ସଂସ୍ଥାଗତ ସମର୍ଥନ।

୬. ଛାତ୍ର-କେନ୍ଦ୍ରିକ ଓ ସାମଗ୍ରିକ ବିକାଶ
ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଓ ମୂଲ୍ୟାଧାରିତ ଉନ୍ନତି।

୭. ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସୁସ୍ଥତା
ପରାମର୍ଶ ଓ ଚିକିତ୍ସା ସୁବିଧା ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱୀକାର କରି ଆନେମିଆମୁକ୍ତ ପରିସର ପାଇଁ ବିଶେଷ ଉଦ୍ୟମ।

୮. କ୍ରୀଡା, ସାଂସ୍କୃତିକ ଓ ସହପାଠ୍ୟକ୍ରମିକ କାର୍ଯ୍ୟକଳାପ
ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନ ପାଇଁ ବିବିଧ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଆମ କଲେଜ, ଆମ ଗୌରବ' ଜରିଆରେ ଡିଜିଟାଲ୍ ଲାଇବ୍ରେରୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ। 'ଉନ୍ମୁକ୍ତ' ଆନ୍ତର୍ଜାତୀୟ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ ।

୯. ଶିକ୍ଷକ ଓ ଗବେଷଣାର୍ଥୀଙ୍କ ଶିକ୍ଷାଗତ ସଶକ୍ତିକରଣ
ସେମିନାର, କର୍ମଶାଳା, ଆଲୋଚନାଚକ୍ର, ଅତିରିକ୍ତ ଅଧ୍ୟାପନା ଓ ଅନୁଶୀଳନ କାର୍ଯ୍ୟକ୍ରମ।

୧୦. ସୁଶାସନ, ସାମାଜିକ ଦାୟିତ୍ୱ ଓ ଗୋଷ୍ଠୀ ସଂଲଗ୍ନତା
ଦିବ୍ୟାଙ୍ଗ-ମିତ୍ର ପରିସର, ଲିଙ୍ଗ ସମାନତା, POSH (ICC), ଅଭିଯୋଗ ସମାଧାନ, NSS, ଆଉଟ୍‌ରିଚ୍ କାର୍ଯ୍ୟକଳାପ, ପୋଷ୍ୟ ଗ୍ରାମ ଓ ଗୋଷ୍ଠୀସମୁଦାୟର ଉନ୍ନୟନ।

~Upcoming Mega Events~
*EAST ZONE YOUTH FESTIVAL(UTSAH-2026)
*CONVOCATION-2026
*STATE INTER UNIVERSITY SPORTS & GAMES-2025-26
*EAST ZONE INTER UNIVERSITY KHO-KHO

ନୂତନ ଆଶା ଓ ସମ୍ଭାବନା ସହ ନବବର୍ଷର ଶୁଭେଚ୍ଛା – ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର



## ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର




ତାଳଚେର,୧୬ ।୧(ସମିସ): ତାଳଚେର କୋର୍ଟ ପରିସର ମଧୁସୂଦନ ସମ୍ମିଳନୀ କକ୍ଷରେ ତାଳଚେର ବାର ଆସୋସିଏସନ ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ତାଳଚେର ତାଲୁକ୍ ଆଇନସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ତାଳଚେର ଜିଲ୍ଲା ଓ ଦୌରା ଜଜ୍ ତଥା ଆଇନସେବା କମିଟି ଅଧ୍ୟକ୍ଷ ସତ୍ୟନାରାୟଣ କରଙ୍କ ଅଧ୍ୟକ୍ଷତାରେ ଶିବିର ହୋଇଥିଲା । ଏଥିରେ ତାଳଚେର ସବ୍‌ଜଜ୍ ସ୍ୱର୍ଣ୍ଣଲତା ନାୟକ, ଅତିରିକ୍ତ ସବ୍‌ଜଜ୍ ମଧୁସ୍ମିତା ଜେନା, ଜେଏମ୍‌ଏଫ୍‌ସି କ୍ରୀଷ୍ଣା ସୁବୁଦ୍ଧି ଯୋଗଦେଇଥିଲେ । ଆଇନଜୀବୀ ଯଦୁମଣି ସାହୁ କୃତ୍ରିମ ବୁଦ୍ଧିମତା ଏବଂ ଆଇନଜୀବୀ ଛବି କୁମାର ସାହୁ ମେଡିଏସନ ୨୦୦୭, (ମାମଲା ବିଚାର ପୂର୍ବରୁ ମଧ୍ୟସ୍ଥତା) ଉପରେ ଆଲୋକପାତ କରିଥିଲେ । ଆଇନଜୀବୀ ବାଉରୀବନ୍ଧୁ ବେଜ ଶିବିର ସଂଯୋଜନା କରିଥିଲା ବେଳେ ଓକିଲ ସଙ୍ଘ ସଧାରଣ ସମ୍ପାଦକ ମାନସ ରଞ୍ଜନ ବାଇ ଧନ୍ୟବାଦ ଦେଇଥିଲେ ।

## ବାଜିରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପାଲଲହଡ଼ା,୧୬ ।୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଝିମିରିପାଲି ଖେଳପଡ଼ିଆରେ ଗୁରୁବାର ଚତୁର୍ଥ ବାଜିରାଉତ କପ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ଓ ଆମେ ଓଡ଼ିଆ ଟ୍ରଷ୍ଟ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି । ପାଲଲହଡ଼ା ନିର୍ବାଚନମଣ୍ଡଳୀର ବଛା ବଛା ଫୁଟବଲ ଟିମ୍ ଏଥିରେ ଯୋଗଦେଇଛନ୍ତି । ଚାମ୍ପିଅନ ଟିମ ଜିଲ୍ଲା ସ୍ତରରେ ଖେଳ ପ୍ରଦର୍ଶନ କରିବେ । ପରେ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ଦେବଗଡ଼ରୁ ୪ଟି ଦଳ ଚୟନ କରାଯାଇ ସମ୍ବଲପୁରରେ ଫାଇନାଲ ଖେଳ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ରେଫରୀ ଦୁର୍ଗାମାଧବ ନାଏକଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହେଉଛି । ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ସାହୁ, ଧର୍ମେନ୍ଦ୍ର ମହାନ୍ତ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ ।

## ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ



ଅନୁଗୋଳ,୧୬ ।୧(ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସତ୍ୟଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦିଲୀପ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସଂସାର କୁମାର ମାଝୀ, ତୁବେ ସରପଞ୍ଚ ଅନିଲ କୁମାର ପ୍ରଧାନ, ସିଆରସିସି ଧୀରେନ କୁମାର ସାହୁ, ତୁବେ କୃଷି ସମବାୟ ସମିତି ସଭାପତି ସତ୍ୟବ୍ରତ ପ୍ରଧାନ, ସୁରେନ୍ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ନାଗରୀମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିଥି ସମେତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ପ୍ରଧାନଶିକ୍ଷକ ସତ୍ୟଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା



କିଶୋରନଗର,୧୬ ।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଶୁକ୍ରବାର ପିଏମ୍‌ଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡିଏସପି ରମାକାନ୍ତ ନାୟକ, ଜୁନିଅର ଏମ୍‌ଭିଆଇ ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆର୍‌ଟିଓ କର୍ମଚାରୀ ଗଗନ ପରିଜା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷକ ବିନାୟକ ଦେହୁରୀ, ଜାଗ୍ରତ କୁମାର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଭରତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଶୋଭାଯାତ୍ରାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ, ବସ ମାଲିକ ସଙ୍ଘ, ଅଟୋ ସଂଘ କର୍ମଚାରୀ ସହଯୋଗ କରିଥିଲେ ।

### ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ

# ମହିଳାଙ୍କ ପାଇଁ ଥିବା ଯୋଜନା କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ

ଅନୁଗୋଳ,୧୬ ।୧(ସମିସ):




ଶୁକ୍ରବାର ପୂର୍ବାହ୍ନରେ ବିଜୁ ମଇଦାନରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ ହୋଇଛି । ଏହି ମେଳା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ଉତ୍ପାଦଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜିଲ୍ଲା ସ୍ତରରେ ପ୍ରଦର୍ଶନ ଓ ବିକ୍ରିବଟା କରିବା ଏହି ମେଳାର ଲକ୍ଷ୍ୟ । ମହିଳା ସଶକ୍ତୀକରଣକୁ ଆଧାର କରି ଅନୁଷ୍ଠିତ ଏହି ମେଳାରେ ମୋଟ ୧୨୫ ଷ୍ଟଲ ବ୍ୟବସ୍ଥା କରାଯାଇଛି । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ମହିଳାଙ୍କ ପାଇଁ ଥିବା ସରକାରୀ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ନାରୀ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ସମାଜର ବିକାଶ ସମ୍ଭବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ବିଡିଓ ଡ. ବିଶ୍ୱ ଭୂଷଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମନ ମଲ, ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଲମ୍ବୋଦର ବାସ୍କେଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଡିଆଇଇଟିର ବାର୍ଷିକ କ୍ରୀଡ଼ା ଉତ୍ସବ ‘ଭେଲୋସିଟି’ ଉଦଘାଟିତ



ଛେଣ୍ଡିପଦା,୧୬ ।୧(ସମିସ): ଅନୁଗୋଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ବାର୍ଷିକ କ୍ରୀଡ଼ା ଉତ୍ସବ “ଭେଲୋସିଟି” ଗୁରୁବାର ଉଦଘାଟିତ ହୋଇଛି । ଡିଆଇଇଟି ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକ ଉଦଘାଟନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ସାହୁ କହିଲେ ଯେ କ୍ରୀଡ଼ା ଶିକ୍ଷାର ଅଭିନ୍ନ ଅଂଶ । ଏହା ଶାରୀରିକ ସୁସ୍ଥତା ସହ ଶିଷ୍ଟାଚାର, ନେତୃତ୍ୱ, ଦଳୀୟ ଭାବନା ଓ ଜୀବନ କୌଶଳକୁ ବିକଶିତ କରେ । ଆଗାମୀ ଶିକ୍ଷକ ଭାବେ ଗୁରୁଛାତ୍ରମାନେ ପାଠ୍ୟ ଜ୍ଞାନ ସହ କ୍ରୀଡ଼ା ଓ ସହପାଠ୍ୟ କାର୍ଯ୍ୟକଳାପକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ବରିଷ୍ଠ ଅଧ୍ୟାପକ ମଦନ ସୁନ୍ଦର ପ୍ରଧାନ, ମମିତା ସାହୁ, ରାମକୃଷ୍ଣ ପରିଛା ମଞ୍ଚାସୀନ ଥିଲେ । ଛୋଟରାୟ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଷ୍ଠାନର କ୍ରୀଡ଼ା ବିଭାଗ ଅଧିକାରୀ ଡ. ଗଣେଶ୍ୱର ସାହୁଙ୍କ ନେତୃତ୍ୱ ଓ ଅଧ୍ୟାପକମାନଙ୍କ ସହଯୋଗରେ ପ୍ରଥମ ଓ ଦ୍ୱିତୀୟ ବର୍ଷ ଗୁରୁ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କ୍ରୀଡ଼ା ସମ୍ପାଦକ ଦେବାଶିଷ, ଛାତ୍ର ସଂସଦ ସଭାପତି ଲିଲନ ପ୍ରଧାନ, ଗୁରୁଚରଣ ବେହେରା, ଆଶିଷ ସାହୁ, ପ୍ରିୟଙ୍କା ସାହୁ, ଦୋଳାନନ୍ଦ ଶୁଣ୍ଠି, ପ୍ରିୟରଞ୍ଜନ ଶତପଥୀ, ଦ୍ୱିତୀକୃଷ୍ଣ କିଶାନ, ଆରତୀ ବେହେରା, ଲିଜାରାଣୀ ବେହେରା, ଶକ୍ତି ସତରୂପା ମିଶ୍ର, ଭାଗ୍ୟଧର ଡଗାର ପ୍ରମୁଖ ସହଯୋଗ କରିଥିଲେ ।

## ସାଂସ୍କୃତିକ ଜାତୀୟତାବାଦର ଆଧାର ‘ବନ୍ଦେ ମାତରମ୍’



କିଶୋରନଗର,୧୬ ।୧(ସମିସ): ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ କିଶୋରନଗର ପଞ୍ଚାୟତ ସମିତିସ୍ତରୀୟ ଉତ୍ସବ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଛି । ବିଡିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ତହସିଲଦାର ବିକ୍ରମ କେଶରୀ ନାୟକ, ମୁଖ୍ୟବକ୍ତା ରୂପେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ବିଇଓ ଅରୁଣ କୁମାର ସେଠୀ, ଏବିଡିଓ ଦିଲୀପ କୁମାର ପ୍ରଧାନ, ଶିଶୁ ପ୍ରକଳ୍ପ ଅଧିକାରୀ ଭାଗ୍ୟଲତା ସେଠୀ, ଏବିଇଓ ରମଣୀ ରଞ୍ଜନ ସାହୁ ଓ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଧାନ ଉପସ୍ଥିତ ଥିଲେ । ବନ୍ଦେ ମାତରମ୍ ଏକ କବିତା ନୁହେଁ, ଏକ ମନ୍ତ୍ର ରୂପରେ ସମସ୍ତ ଭାରତୀୟଙ୍କୁ ବାନ୍ଧି ରଖି ସାଂସ୍କୃତିକ ଜାତୀୟତାବାଦ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାମାଜିକ ନିରାପତ୍ତା ଅଧିକାରୀ ଝସକେତନ ସାହୁଙ୍କ ତତ୍ତ୍ୱାବଧାନ ଓ ବିଇଓଙ୍କ ପରିଚାଳନାରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଅଗସ୍ତି କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବଥରନାଳୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କିଶୋରନଗର,୧୬ ।୧(ସମିସ): କିଶୋରନଗର ବ୍ଲକ ବଥରନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ନାୟକ, ବିଜୟ



ପ୍ରଧାନ, ସ୍କୁଲର ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଉଦିତ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଶ୍ୱରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ସ୍ୱଦେଶୀ ସଂକଳ୍ପ ଯାତ୍ରାକୁ ଅନୁଗୋଳରେ ସ୍ୱାଗତ

ଅନୁଗୋଳ,୧୬ ।୧(ସମିସ): ଭାରତକୁ ଆତ୍ମିକ ରୂପରେ ସୁରକ୍ଷିତ, ସମୃଦ୍ଧ ଏବଂ ସ୍ୱାବଲମ୍ବୀ ବନେଇବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ଜାନୁଆରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ପୁରୀ ଶ୍ରୀମନ୍ଦିରଠାରୁ “ସ୍ୱଦେଶୀ ସଂକଳ୍ପ ଯାତ୍ରା’ ପୂର୍ବ ଓଡ଼ିଶା ପରିଭ୍ରମଣ କରୁଛି । ଶୁକ୍ରବାର ଅପରାହ୍ନରେ ଅନୁଗୋଳ ଜିଲ୍ଲାରେ ଏହି ସଂକଳ୍ପ ଯାତ୍ରା ପହଞ୍ଚିଥିଲା । ଅନୁଗୋଳ ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ଏହାକୁ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଗତ କରାଯାଇଥିଲା । ସ୍ୱଦେଶୀ ବସ୍ତୁର କ୍ରୟ, ବିକ୍ରୟ, ସ୍ୱ ଭାଷା, ଭୂଷା, ପର୍ବପର୍ବାଣି ଆଦିକୁ ପ୍ରାଥମିକତା ଦେବାକୁ ସଂକଳ୍ପପାଠ କରାଯାଇଥିଲା । ଗାନ୍ଧୀମାର୍ଗ ଶିଶୁ ମନ୍ଦିରଠାରେ ମଧ୍ୟ ଏହି ସଂକଳ୍ପ ଯାତ୍ରାକୁ ସ୍ୱାଗତ କରିବା ସହିତ ସଂକଳ୍ପପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଅଭୟ ରାୟ, ଶ୍ରୀଗୋପାଳ ମୁଦ୍ରା, ଅମୀୟ କୁମାର କର, ଗୋପବନ୍ଧୁ ସାହୁ, ଲରେନଜିତ୍ ସାମଲ, ସୁଶୋଭିତ ସାହୁ, ଜୟନ୍ତ କର ଓ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




## ଅଏଡା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ

ଆଠମଲ୍ଲିକ,୧୬ ।୧(ସମିସ): ଆଠମଲ୍ଲିକ ବ୍ଲକ ଅଏଡା ସେବା ସମବାୟ ସମିତି ପକ୍ଷରୁ ଗୁରୁବାର ଧାନମଣ୍ଡି ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମବାୟ ସମିତି ସଭାପତି ଚିତ୍ତରଞ୍ଜନ କର୍ଣ୍ଣ, ପୂର୍ବତନ ସମିତି ସଭ୍ୟ ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ପ୍ରଧାନ, ଦାମୋଦର ହୋତା, ସୁରେନ୍ଦ୍ର ପ୍ରଧାନ, ବସନ୍ତ କର୍ଣ୍ଣ, ବିପିନ ମଲ୍ଲିକ, ସୁବ୍ରତ ବାରିକ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ । ସମବାୟ ସମିତି ସମ୍ପାଦକ ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ନଅଗାଁ, ଅଏଡା, ଲୁହାସିଙ୍ଗା ଓ ଜାମୁଡୋଲି ପଞ୍ଚାୟତର ଚାଷୀ ଏହି ମଣ୍ଡିରେ ଧାନ ବିକ୍ରି କରିବେ ବୋଲି ସୂଚନା ଦିଆଯାଇଛି ।



## ବଅଁରପାଳ +୨ କଲେଜର ବାର୍ଷିକ ଉତ୍ସବ



ବଅଁରପାଳ,୧୬ ।୧(ସମିସ): ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ଅଡିଟ୍ ଅଧିକାରୀ ପ୍ରୋମୋଦ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଚିନ୍ମୟୀ କୁମାର ପ୍ରଧାନ, ଅଧ୍ୟାପିକା ଅନୁପମା ଦାସ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗ୍ରନ୍ଥାଗାରିକ ବିକ୍ରମ ଚରଣ ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପକ ବୀରେନ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ମାନସ କୁମାର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଗାୟତ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଦୁଃଖବନ୍ଧୁ ଗରିଡ଼ା ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପକ କମଳ ଲୋଚନ ନାଏକ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସାନହୁଲା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ



କିଶୋରନଗର,୧୬ ।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ସାନହୁଲା ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ଖରିଫ ଋତୁ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଛି । ସମିତି ସଭାପତି ଅର୍ଜୁନ ପଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ନିର୍ଦ୍ଦେଶକ ନରହରି ବେହେରା, କୁଶଧ୍ୱଜ ବିଶ୍ୱାଳ, ଭାରତୀ ବାଘ, ବିଷ୍ଣୁଚରଣ ସାହୁ, ଅମୂଲ୍ୟ ବେହେରା, ଅକ୍ଷୟ ନାୟକ, ଚାଷୀ ସଂସାର ଦେହୁରୀ, ରବୀନ୍ଦ୍ର ସାହୁ, ପୀତବାସ ସାହୁ, ବିଶେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସମିତି ସମ୍ପାଦକ ଯୁଗଳ କିଶୋର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟର ଦୀପକ କୁମାର ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ ଓ ଜିତେନ୍ଦ୍ର କୁମାର ସାହୁ ସହଯୋଗ କରିଥିଲେ । ପ୍ରଥମ ଦିନରେ ମୋଟ ୧୦ ଚାଷୀଙ୍କଠାରୁ ୩୧୮.୫୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ।

## ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



ତାଳଚେର,୧୬ ।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ତାଳଚେର ବ୍ଲକ୍ କଳମଛୁଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଣିହାଁସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ଶିକ୍ଷାବିତ୍ ସୁଧାକର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଇଂ.ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୈତାରୀ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ଉତ୍କଳମଣି ଗୋପବନ୍ଧୁ ଦାସ, ତାଳଚେର ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ଓ ସମିତିର ପ୍ରାଣପ୍ରତିଷ୍ଠାତା କପିଳେଶ୍ୱର ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସମିତିର ସମ୍ପାଦକ କାଳିନ୍ଦୀ ଚରଣ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ୨୫୬ ଜଣ ଦିବ୍ୟାଙ୍ଗଙ୍କୁ ସମିତି ପକ୍ଷରୁ ଅନ୍ନ ଓ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ଜଗବନ୍ଧୁ ବାରିକଙ୍କ ସମେତ କଳମଛୁଇଁ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ୧୯୭୪ରେ କଣିହାଁ ବ୍ଲକ ପଥରମୁଣ୍ଡା ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ କପିଳେଶ୍ୱର ପ୍ରଧାନ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଥିବା ବେଳେ କଳମଛୁଇଁ ଗ୍ରାମରେ ୧୯୮୨ରୁ ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ଦିନ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଅନ୍ନ ଓ ବସ୍ତ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

### ଜାତୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

# ଅନୁଗୋଳ ଜିଲ୍ଲାକୁ ଗୋଟିଏ ସ୍ୱର୍ଣ୍ଣ ସହ ୬ ପଦକ

ଅନୁଗୋଳ,୧୬ ।୧(ସମିସ):



ଜାନୁଆରୀ ୫ରୁ ୭ ପର୍ଯ୍ୟନ୍ତ ତେଲଙ୍ଗାନା ହାଇଦରାବାଦର ଗୋଛିଓଲି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ୨୬ତମ ଜାତୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ବାଳକ ଓ ବାଳିକା ବର୍ଗରେ ମୋଟ ୯ ଖେଳାଳି ଅଂଶଗ୍ରହଣ କରିଥିଲେ । ଏମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ପଦକ ସହିତ ୬ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବାଳିକା ବିଭାଗର ଅଭିଳାଷା ସାମଲ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କାବ୍ୟା ଦାସ, ଶ୍ରୀୟାଂଶ୍ରୀ ପ୍ରଧାନ, ତନିଷ୍କା ପ୍ରିୟଦର୍ଶିନୀ ପତି କାଂସ୍ୟ ପଦକ ହାସଲ କରିଛନ୍ତି । ବାଳକ ବିଭାଗରେ ଆଶୁତୋଷ ସ୍ୱାଇଁ ରୌପ୍ୟ ପଦକ ହାସଲ କରିଥିବା ବେଳେ ସାଇ ଶୟନ୍ ତ୍ରିପାଠୀ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ସଫଳତା ପାଇଁ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତର, ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଅନୁଗୋଳ ଜିଲ୍ଲା ସ୍କୋଏ ମାର୍ଶାଲ ଆର୍ଟ ସଭାପତି ଆଇନଜୀବୀ ଦ୍ୱାରିକାପ୍ରସାଦ ନନ୍ଦ, ଉପସଭାପତି ପ୍ରଦୀପ କୁମାର ଦେବତା, ସଞ୍ଜୟ କୁମାର ମହାପାତ୍ର, ପର୍ଶୁରାମ ଦାଶ, ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଇଫକୋ ଡିଏଭିରେ ପୁଷ୍ପକଳା ପ୍ରଦର୍ଶନୀ



ପାରାଦୀପ,୧୬।୧(ସମିସ): ଇଫକୋ ଡିଏଭି ସ୍କୁଲ ପରିସରରେ ବିଦ୍ୟାଳୟର ଅଧକ୍ଷ ସସ୍ମିତ ସୁକୁମାର ଚିନ୍ନରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ କଳାତ୍ମକ ଭାବନାରେ ଅଭିଭାବକଙ୍କ ପୁଷ୍ପକଳା ଓ କୁଣ୍ଡରେ ବୃକ୍ଷ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସପତ୍ନୀକ ସହ ବିଜୟ କୁମାର ପରିଜା, ସମ୍ମାନିତ ଅତିଥି ଭାବେ ଇଫକୋ ମହାପ୍ରବନ୍ଧକ (ଯୋଜନା ଓ ବିକାଶ) ଜୟନ୍ତ କୁମାର ଜେନା, ବରିଷ୍ଠ ସହାୟକ ଇଫକୋ ମହାପ୍ରବନ୍ଧକ (ଯୋଜନା ଓ ବିକାଶ) ବିଜୟ କୁମାର ପରିଜା ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଡିଏଭି ଇଫକୋର ଅଧକ୍ଷ ସସ୍ମିତ ସୁକୁମାର ଚିନ୍ନରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏଥିରେ ପୁଷ୍ପକଳା ପ୍ରଦର୍ଶନୀ ପାଇଁ ପ୍ରାୟ ୨୨ ଜଣ ଯୋଗଦାନ କରିଥିଲେ। କୁଣ୍ଡରେ ବୃକ୍ଷର ଯତ୍ନ ପ୍ରତିଯୋଗିତାରେ ପ୍ରାୟ ୪୪ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ନିଜ ହାତଗଢ଼ା ବୃକ୍ଷର ଯତ୍ନ ଓ ଉପକାରିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବୃକ୍ଷରୋପଣ ଉପରେ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଋତୁପର୍ଣ୍ଣା ସିଂହ ନିଜର ଅଭିବ୍ୟକ୍ତି ରଖିଥିଲେ ଓ ଚତୁର୍ଥ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସାଧନା ସଦଗତି ବେହେରା ବୃକ୍ଷ ଉପରେ ଏକ ସୁନ୍ଦର କବିତା ଅଭିନୟ କରିଥିଲେ। ପୁଷ୍ପକଳା ପ୍ରଦର୍ଶନୀ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାତୀ ସୁଚରିତା ଜେନା ଓ ସୌମି ଚକ୍ରବର୍ତ୍ତୀ ଓ କୁଣ୍ଡରେ ବୃକ୍ଷର ପ୍ରଦର୍ଶନୀ ଶୁଭସ୍ମିତା ମହାନ୍ତି, ଶର୍ମିଳା ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ନାୟକ ତତ୍ତ୍ୱାବଧାନ କରିଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସଫଳତାରେ ଇଫକୋ, ପାରାଦୀପ ବିଭାଗର ମୁଖ୍ୟ ମହାପାତ୍ର, ଓଡ଼ିଶା ଜୋନ୍ ଡିଏଭି ସମୂହର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଏବଂ ନିର୍ବାହିକା ଡ. ସୁଜାତା ସାହୁ ପ୍ରଶଂସା କରିଥିଲେ।

# କଣ୍ଡୁଣିଆରେ ବ୍ୟାସକବି ଜୟନ୍ତୀ

ନାଉଗାଁ,୧୬।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ କଣ୍ଡୁଣିଆ ସ୍ଥିତ ଫକୀରମୋହନ ସେନାପତି ସ୍ମୃତି ପାଠାଗାର ଯତ୍ନରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ଓ ମକର ଉତ୍ସବ ପାଳିତ ହୋଇଯାଇଛି। ପାଠାଗାର ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ସଭାରେ ମୁଖ୍ୟଅତିଥି ଭାବେ ଡ.ସୁରେନ୍ଦ୍ର ନାଥ ତ୍ରିପାଠୀ, ମୁଖ୍ୟବକ୍ତା ଡ. ଦିଲ୍ଲୀପ କୁମାର ସେନାପତି, ସମ୍ମାନିତ ଅତିଥି ଭାବରେ ନଳିନୀକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ କବୟିତ୍ରୀ କଳ୍ପନା ବିଶାଳ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ସାଧାରଣ ସଭାରେ ଉଦଘାଟନ ଭାବରେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ମୁଖ୍ୟବକ୍ତା ଭାବରେ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସ୍ୱାମୀ ବିବେକାନନ୍ଦ ସ୍ମୃତି ମହାବିଦ୍ୟାଳୟ ଜଗତସିଂହପୁରର ଅଧକ୍ଷ ଡ. ସୁଜାତା ଓ ଭାଓ ପାଠାଗାରର ସଭାପତି ରୁଦ୍ରପ୍ରସନ୍ନ ପ୍ରଧାନ ଯୋଗ ଦେଇଥିଲେ। ପାଠାଗାରର ସମ୍ପାଦକ ହିମାଂଶୁ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଶିକ୍ଷକ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପାଠାଗାରର ମୁଖ୍ୟ ଉପଦେଷ୍ଟା ଅଭିନ୍ନ ରାୟ, ଉପସଭାପତି ପ୍ରଦୀପ୍ତ କୁମାର ରାୟ, ଶିକ୍ଷକ ବୁଲୁ ସେଠୀ, କୋଷାଧ୍ୟକ୍ଷ ସୁଚିରଞ୍ଜନ ପରିଡ଼ା, ସୁଧୀର କୁମାର ବିଶ୍ୱାଳ, ସଂସଦ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାରର ସହ ସମ୍ପାଦକ ପ୍ରସନ୍ନଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣ୍ଡତରି ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ଉଦ୍‌ଘାଟିତ

ରଘୁନାଥପୁର,୧୬।୧(ସମିସ): ଓରମାସ ଦ୍ୱାରା ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡତରି ଠାରେ ଗ୍ରାମ୍ୟ ଶିଳ୍ପ ଉଦ୍ୟାନକୁ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ପ୍ର. ରମାକାନ୍ତ ଭୋଇ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଓ ବିଜେପି ନେତା ରାଜକିଶୋର ବେହେରା ଯୋଗଦେଇଥିଲେ। ରଘୁନାଥପୁର ବ୍ଲକ ବିଡ଼ିଓ ବିରଞ୍ଚି ନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅପରାହ୍ଣରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ଛପରା ସରପଞ୍ଚ ଅମିତା ଖୁଣ୍ଟିଆ, ଜିଲ୍ଲାପରିଷଦ



ସଭ୍ୟା ରାଜୀନାରାୟଣ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓରମାସ ପକ୍ଷରୁ ୨ ମହିଳା ଗୋଷ୍ଠୀ ଯଥା ସାଦେଇପୁର ସ୍ଥିତ ଠାକୁର ଅଭିରାମ ସ୍ୱୟଂସହାୟିକା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ (କାଫେ) ଓ ଜଇପୁର ବୟନ ଗ୍ରାମ ମହିଳା ଉତ୍ପାଦକ ଗୋଷ୍ଠୀ ଶ୍ରୀରାମ ହ୍ୟାଣ୍ଡଲୁମ ଏଣ୍ଟରପ୍ରାଇଜକୁ ହସ୍ତାନ୍ତର ଉତ୍ପାଦକ ସାମଗ୍ରୀ ବିପଣି ନିମନ୍ତେ ସୁଯୋଗ ଦିଆଯାଇଛି। ଉତ୍ସବରେ ବିଶେଷ କରି ଜଗତସିଂହପୁର ସୁତା ବ୍ରାଣ୍ଡକୁ ସାର୍ବଜନୀନ କରାଯିବା ସହ ଏହି ଶିଳ୍ପ ଉଦ୍ୟାନରେ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଓରମାସ ଡେପୁଟି ସିଇଓ ମଧୁସ୍ମିତା ସାହୁ ପ୍ରକାଶ କରିଥିଲେ। ସେହିପରି ପଥଚାରୀମାନଙ୍କ ପାଇଁ ସୁଲଭ ମୂଲ୍ୟରେ ମହିଳାଙ୍କ ଦ୍ୱାରା ହାତ ତିଆରି ଖାଦ୍ୟ ସାମଗ୍ରୀ ଉପଲବ୍ଧ ହୋଇପାରିବ ବୋଲି ଡେପୁଟି ସିଇଓ ସାହୁ ପ୍ରକାଶ କରିଥିଲେ। ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡିପିଓ ତ୍ରିଲୋଚନ ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ଓଏଲଏମ ବିପିଏମ୍ ଲିପିକା ଷଡ଼ଙ୍ଗୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ମିଶନ ଶକ୍ତି ବିପିସି ଶଙ୍କର ଶେଖର ସ୍ୱାଇଁ, ଭବେଶ କୁମାର ବେହେରା, ସରୋଜ କୁମାର ଦାସ, ଶେଷଦେବ ସେଠୀଙ୍କ ସହ ସମସ୍ତ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ମାଲଣ୍ଡ ଭାରତୀ ବିଦ୍ୟାଳୟ କ୍ରୀଡ଼ା ଉତ୍ସବ



ତିର୍ତ୍ତୋଲ,୧୬।୧(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ କୋଷ୍ଟିମଲ୍ଲିକାପୁର ପଞ୍ଚାୟତ ଭାରତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଲଣ୍ଡର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ବିଭୁପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ବିଜୟ କୁମାର ନନ୍ଦୀ, ବିଶିଷ୍ଟ ଅତିଥି କଟରା ରାଧାକାନ୍ତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ନାଥ ବିଶ୍ୱାଳ, ସମ୍ମାନୀତ ଅତିଥି ନରେନ୍ଦ୍ର ବେହେରା ଯୋଗଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇ ଦିନ ଧରି ୧୨ଟି ବିଭାଗରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ବରିଷ୍ଠ ଶିକ୍ଷକ କୈଳାଶ ନନ୍ଦ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଅଭୟ କୁମାର ସ୍ୱାଇଁ, କିରଣବାଳା ରାଉତ, ସାରଦା ପ୍ରସାଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ତରଫରୁ ୮୫ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ କପ୍ ପ୍ରଦାନ କରାଯାଇଥିବା ବେଳେ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାସେବକ ପୁରସ୍କାର ପ୍ରଦାନ କରାଯାଇଥିଲା।

**ପୁସ୍ତକମେଳାର ୨ୟ ଦିବସ**

# 'ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ' ଆଲୋଚନା

ଜଗତସିଂହପୁର,୧୬।୧(ସମିସ):

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଚାଲିଥିବା ପୁସ୍ତକମେଳାର ଆଜିଥିଲା ୨ୟ ଦିବସ। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଶିଷ୍ଟ ଭାଷାବିତ ପ୍ରଫେସର ଡ.ସନ୍ତୋଷ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ଡ.ଜୟକୃଷ୍ଣ ଦାସ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ମନୋଜ କୁମାର ମହାପାତ୍ର ଏବଂ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ





ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଆଜିର ଆସରକୁ ଶିକ୍ଷାବିତ ଗୋଲେଖ ସିଂଙ୍କ ପାଇଁ ଉତ୍ସର୍ଗ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅନ୍ୟତମ ସଦସ୍ୟ ଅବନିକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ କବିତା ଆସର ଏବଂ ଅପରାହ୍ନରେ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସାହିତ୍ୟ ଆସର ପୂର୍ବରୁ ଏବଂ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ,୧୬।୧(ସମିସ): ପାରାଦୀପ କଲେଜରେ ରାଜ୍ୟର ପ୍ରଥମ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଏବେକାର ଚାକିରି ବଜାର ଦକ୍ଷତା, ଯୋଗାଯୋଗ, ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ପାରାଦୀପ କଲେଜରେ ନବ ଉଦ୍‌ଘାଟିତ ଦକ୍ଷତା କେନ୍ଦ୍ରରେ ବିଏଫ୍‌ଏସଆଇ କ୍ଷେତ୍ରରେ ଆକାଉଣ୍ଟ ଏକଜିକ୍ୟୁଟିଭ ପାଠ୍ୟକ୍ରମ ପ୍ରଦାନ କରାଯିବ ବୋଲି କହିଥିଲେ। ଏଠାରେ ବାର୍ଷିକ ୨୦୦ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। କେନ୍ଦ୍ରଟି ନୂଆ ଓଡ଼ିଶା ଯୋଜନା ଅଧୀନ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲ୍ ଦ୍ୱାରା ପରିଚାଳିତ ହେବ। କେନ୍ଦ୍ରରେ ଜାତୀୟସ୍ତରରେ ସ୍ୱୀକୃତିପ୍ରାପ୍ତ ତାଲିମ ମାନଦଣ୍ଡ, ଶିଳ୍ପ-ଭିତ୍ତିକ ପାଠ୍ୟକ୍ରମ ଏବଂ ନିଯୁକ୍ତି ଅନୁକୂଳ ପରିବେଶ ସୁନିଶ୍ଚିତ କରାଯିବ। ଦକ୍ଷତା କେନ୍ଦ୍ର, ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ସେତୁ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ନାନୋ ୟୁନିକର୍ନ ଯୋଜନାରେ ପ୍ରଶିକ୍ଷଣ ନେଇଥିବା ୧୩ ଜଣଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ ପ୍ରଧାନ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ପାରାଦୀପ କଲେଜ ଅଧକ୍ଷା ସସ୍ମିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଭିପି ପକ୍ଷରୁ ରାଷ୍ଟ୍ରୀୟ ଯୁବା ଦିବସ





ଜଗତସିଂହପୁର,୧୬।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କୁଜଙ୍ଗ ନଗର ତରଫରୁ କୁଜଙ୍ଗ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବା ଦିବସ ପାଳନ କରାଯାଇଛି।। ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଏବିଭିପିର ଜିଲ୍ଲା ସଂଯୋଜକ ଓ ରାଜ୍ୟ ଏସ୍‌ଏଫ୍‌ଡିର ସହ ସଂଯୋଜକ ସତ୍ୟପ୍ରକାଶ ମହାନ୍ତି ଯୋଗଦେଇଥିଲେ। କୁଜଙ୍ଗ ନଗରର ସମ୍ପାଦକ ଅମିତ୍ ବାରିକ୍ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି କାର୍ଯକ୍ରମରେ କଲେଜର ଛାତ୍ରଛାତ୍ରୀ ବିଶ୍ୱରଂଜନ ସାମନ୍ତରାୟ, ଶିବ ପ୍ରସାଦ ବାରିକ୍, ସରସ୍ୱତୀ ପରିଡ଼ା ସହଯୋଗ କରିଥିଲେ। ବିଶ୍ୱରଞ୍ଜନ ସାମନ୍ତରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।।

# କୁତାମଚଣ୍ଡି କଲେଜର କ୍ରୀଡ଼ା ଉତ୍ସବ

ନାଉଗାଁ,୧୬।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଦେବିଦୋଳ ସ୍ଥିତ ମା' କୁତାମଚଣ୍ଡି ଉଚ୍ଚ ମାଧମିକ ବିଦ୍ୟାଳୟରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବାରିକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବିଦ୍ୟାଳୟ ନିମନ୍ତେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସମ୍ମାନିତ ଅତିଥି ଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର କ୍ରୀଡ଼ାରେ ବିଦ୍ୟାଳୟର ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମହିମା ଅଲେଖ ଆଶ୍ରମର ପ୍ରତିଷ୍ଠା ଉତ୍ସବ

ନାଉଗାଁ,୧୬।୧(ସମିସ): ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ବାୟାଁପଡ଼ା ନୂତନ ମହିମା ଅଲେଖ ଆଶ୍ରମର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱାଶାନ୍ତି ବ୍ରହ୍ମଧୁନୀ ବହୁ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଏକତ୍ରିତ ହୋଇ ବ୍ରହ୍ମଧୁନୀ ଦେଖିବାରେ ସୌଭାଗ୍ୟ ଅର୍ଜନ କରିଥିଲେ। ଅନ୍ୟପଟେ ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ରୂପେ ପ୍ରକାଶ ଚନ୍ଦ୍ର ପରିଡ଼ା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପବିତ୍ର କୁମାର ରାଉତରାୟ, ଚିତ୍ତରଞ୍ଜନ ପରିଡା, ଜ୍ଞାନ ରଞ୍ଜନ ସାହୁ, ଉପେନ୍ଦ୍ରନାଥ ବିଶ୍ୱାଳ, ପ୍ରସନ ଚନ୍ଦ୍ର ସ୍ୱାଇଁ, ସତ୍ୟରଞ୍ଜନ ଛଟଇ ଓ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ମୟ ତରେଇ ଜାତୀୟ ସୁରକ୍ଷା ଆଇନରେ ଅଟକ



ଜଗତସିଂହପୁର,୧୬।୧(ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ବିଶ୍ୱାଳି (ତରେଇ ସାହି) ଅଞ୍ଚଳର ପେଷାଦାର ଅପରାଧୀ ଚିନ୍ମୟ ତରେଇ (ଟିଙ୍କୁ)କୁ ଜାତୀୟ ସୁରକ୍ଷା ଆଇନ-୧୯୮୦ରେ ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ଟିଙ୍କୁ ଏକ ଅପରାଧୀ ସିଣ୍ଡିକେଟ ତିଆରି କରି ଏଥିରେ ଗ୍ୟାଙ୍ଗ ଲିଡ଼ର ଥିଲା। ଚୋରି ଡକାୟତି ସହିତ ନିୟମିତ ଭାବେ ଅପରାଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲା ଏହି ଗ୍ୟାଙ୍ଗ। ବିଶେଷ କରି ରାଜ୍ୟ ରାଜପଥ ଏବଂ ଜାତୀୟ ରାଜପଥରେ ଲୁଟପାଟ ଚଳାଇ ଆସିଥିଲା ଟିଙ୍କୁର ଅପରାଧୀ ଗ୍ୟାଙ୍ଗ। ଗତବର୍ଷ ମେ'ରୁ ଅକ୍ଟୋବର ମାସ ମଧ୍ୟରେ ଅନେକ ଅପରାଧ ଘଟାଇଥିବା ଏହି ଗ୍ୟାଙ୍ଗକୁ ଧରିଥିଲା ଜଗତସିଂହପୁର ପୁଲିସ। ଏସ୍‌ପି ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ପୁଲିସ ଟିମ ଟିଙ୍କୁ ସମେତ ଗ୍ୟାଙ୍ଗର ଅନ୍ୟ ସଦସ୍ୟ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଟିଙ୍କୁ ୩୫ଟି ଜଘନ୍ୟ ଅପରାଧରେ ଜଡ଼ିତ ଥିବାବେଳେ ବାରମ୍ବାର ଜେଲଯାଇଛି। ତେବେ ତାର ଅପରାଧିକ କାର୍ଯ୍ୟକଳାପରେ କୌଣସି ପରିବର୍ତ୍ତନ ଆସିଲାନାହିଁ। ସାଧାରଣ ଜନତାଙ୍କ ଧନଜୀବନ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଜଗତସିଂହପୁର ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସୂଚନା ଆଧାରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଟିଙ୍କୁ ଓରଫ ଚିନ୍ମୟ ତରେଇ ବିରୋଧରେ ଜାତୀୟ ସୁରକ୍ଷା ଆଇନ-୧୯୮୦ ଲାଗୁ କରିବା ପାଇଁ ଅନୁମତି ଦେଇଥିଲେ। ସେହିପରି ଅନ୍ୟ ଅପରାଧୀମାନଙ୍କ ଉପରେ ନଜର ରଖାଯାଇଥିବା ବେଳେ ଆବଶ୍ୟକ ସ୍ଥଳେ ସେମାନଙ୍କ ବିରୋଧରେ ମଧ୍ୟ ଏହି ଆଇନ ଲାଗୁ କରାଯିବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅସହାୟଙ୍କୁ କମ୍ବଳ ଦେଲା ଆଦର୍ଶ ପ୍ରୟାସ

ପାରାଦୀପ,୧୬।୧(ସମିସ): ପାରାଦୀପ ଅଞ୍ଚଳରେ ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଯେହେତୁ ଏବେ ପାରାଦୀପ ଉପକୂଳ ଅଞ୍ଚଳରେ ଶୀତର ଲହରୀ ପ୍ରବଳରୁ ପ୍ରବଳ ଅନୁଭୂତ ହେଉଛି। ଏହାକୁ ଆଖି ଆଗରେ ରଖି ଶୀତ ପ୍ରବାହରୁ ରକ୍ଷା ପାଇବା ପାଇଁ ଅସହାୟ ବୃଦ୍ଧ ବୃଦ୍ଧା ଏବଂ ମାନସିକ ବିକାରଗ୍ରସ୍ତ ମାନଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ବନ୍ଦର ସହର ପାରାଦୀପର ବଡପଡ଼ିଆ, ମଧୁବନ, ନୂଆବଜାର, ଅଠରବାଙ୍କୀ, ନେହୁରୁବଙ୍ଗଳା, ତାରିଣୀଗଡା ଏବଂ ଦୋଛକି ଅଞ୍ଚଳରେ ବୁଲା ବୁଲି କରୁଥିବା ଅସହାୟମାନଙ୍କୁ ସଂଗଠନର ସଦସ୍ୟମାନେ ସେମାନଙ୍କ ନିକଟକୁ ଯାଇ ପ୍ରତ୍ୟକଙ୍କୁ କମ୍ବଳ ପ୍ରଦାନ କରିଥିଲେ। ପାରାଦୀପ ତଥା ରାଜ୍ୟରେ ପ୍ରବଳ ଶୀତର ଲହରୀ ଚାଲୁଥିବାରୁ ଅସହାୟ ମାନେ




ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଶୀତ ପ୍ରବାହ ସରିବା ପର୍ଯ୍ୟନ୍ତ ଏବଂ ଆଗକୁ ମଧ୍ୟ ଅସହାୟ ମାନଙ୍କୁ ଖୋଜି ଚିହ୍ନଟ କରାଯିବା ସହିତ ଶୀତରୁ ରକ୍ଷା ନିମନ୍ତେ କମ୍ବଳ ପ୍ରଦାନ କରାଯିବ ବୋଲି ସଂଗଠନର ସଭାପତି ଓ ସମ୍ପାଦକ ଜଣାଇଛନ୍ତି।

# ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ

ଜଗତସିଂହପୁର/ପରାଦୀପ, ୧୬।୧ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶାଗଡ଼ସ୍ଥିତ ପ୍ରଫୁଲ ପାଠାଗାର ପରିସରରେ ଫକୀର ମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଜୟ କୁମାର ପତି ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ବିଭୁତି ଭୂଷଣ ଲେଙ୍କା, ସତ୍ୟବାଦୀ ଦାସ ଏବଂ ସତ୍ୟବାଦୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାରାଦୀପ ଉତ୍କଳ ସମ୍ମିଳନୀ ଓ ସୂର୍ଯ୍ୟମୁଖୀର ମିଳିତ ଆନୁକୂଲ୍ୟରେ ବ୍ୟାସକବି ଫକିର ମୋହନଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଉତ୍କଳ ସମ୍ମିଳନୀର ସଭାପତି ଧ୍ରୁବଚରଣ ମହାପାତ୍ର ଏବଂ ସୂର୍ଯ୍ୟମୁଖୀର ସମ୍ପାଦକ ହାରାମଣି ମହାପାତ୍ର ଫକିର ମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମାଧ୍ୟମରେ ସଂଘମିତ୍ରା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ସନ୍ତୋଷ କୁମାର ସାମଲ ଫକୀର ମୋହନ ସେନାପତିଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। କବୟିତ୍ରୀ ପ୍ରେମଲତା ମହାପାତ୍ର କବିତା ପାଠୋତ୍ସବ ସଂଯୋଜନା ଏବଂ ସଭା ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ପୁଷ୍ପଲତା ଦାସ।

# ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

ବାଲିକୁଦା,୧୬।୧(ସମିସ): ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସୁକିଦା ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ଅଦ୍ୱୈତ୍ୟ ଚରଣ ମହାନ୍ତି (୯୧)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଅକ୍ଷୟ କୁମାର ମହାନ୍ତି, ଦିଲ୍ଲୀପ ମହାନ୍ତି, ପୁତୁରା ଅରୁଣ କୁମାର ମହାନ୍ତି, ସନ୍ତୋଷ ମହାନ୍ତି, ଅମୀୟ ମହାନ୍ତିଙ୍କ ସହ ପରିବାର ଲୋକ, ଆତ୍ମୀୟ ସ୍ୱଜନ ଉପସ୍ଥି ଥିଲେ। ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଥିବା ବେଳେ ଅନ୍ତିମ ଦର୍ଶନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ଜିଲ୍ଲାପରିଷଦ ଶୁଭେନ୍ଦୁ ଶେଖର ଦାସ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ପାଳ, ବିକାଶ ମହାନ୍ତି ଜ୍ଞାନ ରଞ୍ଜନ ମହାନ୍ତି, ଦେବବ୍ରତ ମହାନ୍ତି, ଦିଲ୍ଲୀପ ଦାସ, ସମ୍ପଦ ଦାସ, ତପନ ମହାନ୍ତି, ଶରତ ମହାନ୍ତି, ବୁଲୁ ବିଶ୍ୱାଳ, ଉଲ୍ଲାସ ବିଶ୍ୱାଳ, ନରେନ୍ଦ୍ର ଦାସ, ରିଙ୍କୁ ମହାନ୍ତି, ଦିପୁନା ମହାନ୍ତି କରିଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଜେପି ନେତା ସତ୍ୟସାରଥୀ ମହାନ୍ତି, ବିଜେପି ନେତା ସଞ୍ଜୟ ମହାନ୍ତି, ବରିଷ୍ଠ ସୁପ୍ରିମକୋର୍ଟ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନଗୋ, ଯୁବନେତା ସଂଜୀବ ବିଶ୍ୱାଳ, ଜିଲ୍ଲାପରିଷଦ ରୁନୀଲତା ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



# ବିଜେଡି ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା

ଜଗତସିଂହପୁର,୧୬।୧(ସମିସ):

ଜଗତସିଂହପୁର ଜିଲ୍ଲାର ସମସ୍ତ ୮ଟି ବ୍ଲକ ଓ ୨ ପୌରାଞ୍ଚଳ ପାଇଁ ବିଜୁ ଜନତା ଦଳ ସଭାପତିଙ୍କ ନାମ ତାଲିକା ପ୍ରକାଶ ପାଇଛି। ଜଗତସିଂହପୁର ସଦର ବ୍ଲକ ବିଜେଡି ସଭାପତି ଭାବେ କାଳନ୍ଦୀ ପତି, ନାଉଗାଁ ବ୍ଲକ ସଭାପତି ଭାବେ ନିରଞ୍ଜନ ବେଉରା, ବାଲିକୁଦା ବ୍ଲକ ସଭାପତି ଭାବେ ରତ୍ନାକର ନାୟକ, ଏରସମା ବ୍ଲକ ସଭାପତି ଭାବେ ପୀତବାସ ଗୋଛାୟତ, ତିର୍ତ୍ତୋଲ ବ୍ଲକ ସଭାପତି ଭାବେ ଦେବଦତ୍ତ ଖଣ୍ଡୁଆଳ, ବିରିଡି ବ୍ଲକ ସଭାପତି ଭାବେ ରବୀନ୍ଦ୍ର କୁମାର ରାଉଳ, ରଘୁନାଥପୁର ବ୍ଲକ ସଭାପତି ଭାବେ ଦେବାଶିଷ ତ୍ରିପାଠୀ ଏବଂ କୁଜଙ୍ଗ ବ୍ଲକ ସଭାପତି ଭାବେ ମନୀନ୍ଦ୍ର ଗୁରୁଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଜଗତସିଂହପୁର ପୌରାଞ୍ଚଳ ସଭାପତି ଭାବେ ପ୍ରିୟବ୍ରତ ମହାପାତ୍ର ଏବଂ ପାରାଦୀପ ପୌରାଞ୍ଚଳ ସଭାପତି ଭାବେ କୁମରବର ନାୟକଙ୍କୁ ଦାୟିତ୍ୱ ମିଳିଛି।


## କୁମରବର ପାରାଦୀପ ନଗର ସଭାପତି

ପାରାଦୀପ,୧୬।୧(ସମିସ): ବିଜୁ ଜନତା ଦଳର ପାରାଦୀପ ନଗର ସଭାପତି ଭାବେ ପାରାଦୀପ ଅଞ୍ଚଳର ଜଣାଶୁଣା ବରିଷ୍ଠ ବିଜେଡି ନେତା କୁମରବର ନାୟକଙ୍କୁ ନିଯୁକ୍ତି ମିଳିଛି। ଏଥିପାଇଁ ସେ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ସହ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଓ ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶାସକ ଦଳର ଅରାଜକତା ବିରୋଧରେ



ସ୍ୱର ଉତ୍ତୋଳନ କରାଯିବା ସହ ରାଜରାସ୍ତାକୁ ବିଜେଡି ଓହ୍ଲାଇବ ବୋଲି ସେ କହିଛନ୍ତି।

# ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ



ଜଗତସିଂହପୁର,୧୬।୧(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ କାଦୁଆପଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବର ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଦିଲ୍ଲୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇନଜୀବୀ ନରେଶ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉତ୍ସବରେ ପ୍ରଧାନ ଶିକ୍ଷୟତ୍ରୀ ଭାରତୀ ସିଂ ସଭାପତିତ୍ୱ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁଦୁପୁର କ୍ଲଷ୍ଟର୍ ସିଆର୍‌ସିସି ସୁଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସ ଓ ପଞ୍ଚସଖା ସେତୁ ସଂଗଠନର ସଭାନେତ୍ରୀ ସଂଯୁକ୍ତା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି, ରୁବିନା ବିଶ୍ୱାଳ, ମମତା ପରିଜା, ସୋନାଲୀ ଖୁଣ୍ଟିଆ, ରାଜଶ୍ରୀ ମହାନ୍ତି, ସୌମ୍ୟା ସୁଚରିତା ପଣ୍ଡା, ମିନର୍ଭା ମଲ୍ଲିକ, କ୍ରୀଡା ଶିକ୍ଷୟତ୍ରୀ ବୈଦେହୀ ସାମଲ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। କର୍ମଚାରୀ ଦେବଦତ୍ତ ମହାନ୍ତି, ରମେଶ ଚନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ରୀଡାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଦରୁଆଁ ଦଳିତ ସାହିରେ କମ୍ବଳ ବଣ୍ଟନ

ବାଲିକୁଦା,୧୬।୧(ସମିସ): ଫାଦର ମଦର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୋଦରୁଆଁ ଦଳିତ ସାହିରେ ଆଲୋକୀକରଣ ବ୍ୟବସ୍ଥା ସହ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ପ୍ରଦୀପ୍ତ ମହାନ୍ତି, ଅଧକ୍ଷା ମାନିନୀ ଦାସ, ଉପଦେଷ୍ଟା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଉପସଭାପତି ପ୍ରକାଶ ମହାନ୍ତି, ସହ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସ୍ମିତାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିବା ସହ ଉଜ୍ଜ୍ୱଳ ଆଲୋକୀକରଣର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଦଳିତ ସାହିର ମା' ବୁଢ଼ୀ ସାହାରେଇ ମନ୍ଦିର ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଅର୍ଦ୍ଧନିର୍ମିତ ହୋଇଥିବା ବେଳେ ସମସ୍ତ ପରିବାରଙ୍କ ଅନୁରୋଧ କ୍ରମେ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ପ୍ରତିଷ୍ଠାତା ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।



# ସମ୍ପାଦକୀୟ



ସମ୍ଭାବନା ଦୁଇଟି। ଆମେ ବିଶ୍ୱ ବ୍ରହ୍ମାଣ୍ଡରେ ଏକା ଅଛୁ କିମ୍ବା ଏକା ନାହୁଁ ! ଉଭୟ ସ୍ଥିତି ଅତି ଭୀତିପ୍ରଦ !
-କାର୍ଲ ସାଗାନ୍

ସକାଳ
THE SAKALA

## ମଦର ଆଦର ଧାନରେ ନାହିଁ

ଆମରାଜ୍ୟରେ ଚାଷୀଙ୍କ ଆର୍ଥିକ ସ୍ୱଚ୍ଛଳତା ଜାତୀୟ ଦୃଶ୍ୟପଟ୍ଟ ଦୃଷ୍ଟିରୁ ବିଚାର କଲେ ଅତି ଦୟନୀୟ। ଜାତୀୟସ୍ତରରେ ଚାଷୀଙ୍କ ଆୟ ତାଲିକାର ସର୍ବନିମ୍ନରେ ଝାଡ଼ଖଣ୍ଡ ଥିବାବେଳେ ତା'ଠାରୁ ମାତ୍ର ଗୋଟିଏ ପାହାଚ ଆଗରେ ଅଛି ଓଡ଼ିଶା। କିନ୍ତୁ ଚାଷୀଙ୍କଠାରୁ ଧାନ ସଂଗ୍ରହରେ ଆମ ରାଜ୍ୟରେ ଯେଉଁଭଳି ଅନିୟମିତତା ଲାଗି ରହିଛି ସେଥିରୁ ସରକାରଙ୍କ ଆଭିମୁଖ୍ୟ ବାରି ହୋଇପଡୁଛି। ଚାଷୀଙ୍କୁ ନ୍ୟାୟ ଦେବାରୁ ବଞ୍ଚିତ କରୁଥିବା ସରକାର ସେମାନଙ୍କ ଆୟବୃଦ୍ଧି ନେଇ କେତେଦୂର ସଚେତନ ତାହା ସହଜରେ ଅନୁମେୟ। ଧାନର କ୍ୱିଣ୍ଟାଲ ପିଛା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଇନ୍‌ପୁଟ୍ ସବ୍‌ସିଡି (ବୋନସ) ୮ ଶହ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର ନିଜ ଘୋଷିତ ନୀତିରୁ ଓହରି ଯାଇଛନ୍ତି। ପ୍ରଥମ ବର୍ଷ ଧାନ ସଂଗ୍ରହ ବେଳେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେଇ ପ୍ରତିଶ୍ରୁତି ରକ୍ଷାର ଯେଉଁ ପ୍ରଚାର ଓ ପ୍ରସାର ସରକାର କରିଥିଲେ ସେଥିରୁ କାହିଁକି ଓହରି ଗଲେ ତାହା ସ୍ପଷ୍ଟ ହେଉନାହିଁ। ଏଠାରେ ସୂଚାଇ ଦିଆଯାଇପାରେ କି କେନ୍ଦ୍ର ସରକାର ଧାନର କ୍ୱିଣ୍ଟାଲ ପିଛା ଏମଏସପି ମୂଲ୍ୟ ୬୯ ଟଙ୍କା ବଢ଼ାଇବାରୁ ମନେ ହେଲା ତାହା ଉପରେ ୮ ଶହ ଟଙ୍କା ବୋନସ ଚାଷୀ ପାଇବେ। ଅଥଚ ଏବର୍ଷ ଖରିଫ ଧାନ ସଂଗ୍ରହ ଆରମ୍ଭରୁ ବୋନସ ୮୦୦ ଟଙ୍କାରୁ ବର୍ଦ୍ଧିତ ମୂଲ୍ୟ ୬୯ ଟଙ୍କା ବାଦ ଦେଇ ତାହାକୁ ୭୩୧ ଟଙ୍କାରେ ସୀମିତ ରଖାଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ବଡ଼ ଚାଷୀଙ୍କ ଠାରୁ ୧୫୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନକ୍ରୟ କ୍ଷେତ୍ରରେ ଏହି ୭୩୧ ଟଙ୍କା ବୋନସ ମିଳିବ ନାହିଁ ଘୋଷଣା କରାଗଲା। ଦୁଇ ମାସ ହେଲା ମଣ୍ଡିଖୋଲିବା ଆରମ୍ଭ ହୋଇଥିଲେ ମଧ୍ୟ ଧାନ ସଂଗ୍ରହ ବ୍ୟବସ୍ଥା ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇନାହିଁ। ସବୁଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୮୦୦ ଟଙ୍କା ବୋନସ ପ୍ରଦାନକୁ ପ୍ରଚାରର ଅସ୍ତ୍ରକରି ପ୍ରଶଂସା ସାଉଁଟୁ ଥିବା ସରକାରଙ୍କ ପାଇଁ ଧାନ ସଂଗ୍ରହ ଏବେ ବୋଝ ହୋଇପଡ଼ିଥିବା ଭଳି ମନେ ହେଉଛି। ଏ ବାବଦରେ ସରକାର ସମ୍ମୁଖୀନ ହେଉଥିବା ଅତିରିକ୍ତ ବ୍ୟୟ ଭାର କେଉଁ ସୂତ୍ରରୁ ଭରଣା କରିବେ ତାହାର ବାଟ ଖୋଜି ପାଉ ନ ଥିବାରୁ ବଜେଟ ପୂର୍ବରୁ ଏଭଳି ଏକ ଅପ୍ରିୟ ନିଷ୍ପତ୍ତି ନେବାକୁ ପଡ଼ିଛି। ଅଥଚ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଇ ସରକାର ଅବକାରୀ ରାଜସ୍ୱ ବଢ଼ାଇବାକୁ ଗୁରୁତ୍ୱ ଦେଇଛନ୍ତି। ଲାଇସେନ୍ସବ୍ରାଣ୍ଡି ଡିଲର ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ମଦବିକ୍ରି କଲେ ଓଡ଼ିଶା ବେଭେରେଜ୍ କର୍ପୋରେସନ ପକ୍ଷରୁ ପୁରସ୍କୃତ କରାଯାଉଛି। ଗୋଟିଏ ପଟେ ଚାଷୀଙ୍କ ବୋନସ ଅର୍ଥ କଟା ଯାଉଥିବା ବେଳେ ମଦବେପାରୀଙ୍କୁ ପୁରସ୍କାର ମାଧ୍ୟମରେ ପ୍ରୋତ୍ସାହିତ କରିବା କିଭଳି ଜନହିତକର ନିଷ୍ପତ୍ତି ତାହା ରାଜ୍ୟବାସୀଙ୍କ ବିଚାରସାପେକ୍ଷ। କହିବା ବାହୁଲ୍ୟ ଯେ ରାଜ୍ୟରେ ଯେଉଁ ହାରରେ ଅପରାଧ ବୃଦ୍ଧି ପାଉଛି ତାହା ପଛରେ ମଦର ପ୍ରସାର ଅନ୍ୟତମ ମୁଖ୍ୟ କାରଣ। ଏବେ ମଧ୍ୟ ରାଜ୍ୟରେ ମଦ ବିକ୍ରିକୁ ବିରୋଧ କରି ମହିଳାଙ୍କ ଜାଗରଣ ଓ ଆନ୍ଦୋଳନ ବଳବତ୍ତର ରହିଛି। ଉଜୁଡି ଯାଉଥିବା ପରିବାରର ସୁରକ୍ଷା ଓ ନିରାପତ୍ତା ସକାଶେ ସେମାନେ ଲଢୁଛନ୍ତି। କିନ୍ତୁ ଏସବୁ ଊର୍ଦ୍ଧ୍ୱରେ ବର୍ଦ୍ଧିତ ଅବକାରୀ ରାଜସ୍ୱ ଉପରେ କ୍ଷମତାର ନିର୍ଭରଶୀଳତାକୁ ଏଡ଼ାଇ ଯିବା ମଧ୍ୟ ଏତେ ସହଜ ନୁହେଁ।

ସରକାରଙ୍କ ବାଧ୍ୟବାଧକତା ନିକଟରେ ଆନ୍ଦୋଳନ, ଧାରଣା, ବିକ୍ଷୋଭ ଆଦି ଦିନକୁ ଦିନ ଅର୍ଥହୀନ ହୋଇପଡୁଛି। କ୍ଷମତା ବାହାରେ ରହି ଅନ୍ନଦାତାଙ୍କ ସ୍ୱାର୍ଥରକ୍ଷା ସପକ୍ଷରେ ସ୍ଲୋଗାନ ଦେବା ଏବଂ କ୍ଷମତାକୁ ଆସିବା ପରେ ପ୍ରତିଶ୍ରୁତି ରକ୍ଷା କରି ନ ପାରିବାର ଅକ୍ଷମତାକୁ କେବଳ ଅହଂକାର ପ୍ରଦର୍ଶନ କରି ଏଡ଼ାଇ ଦିଆଯାଇପରେ।

## ନାଟୋରେ ଫାଟ

ଶୀତଳ ଯୁଦ୍ଧ ସମୟରେ ବିଶ୍ୱରେ ଦୁଇ ପ୍ରମୁଖ ଶକ୍ତିକେନ୍ଦ୍ରକୁ ନେଇ ଗଢ଼ି ଉଠିଥିବା ସାମରିକ ମେଣ୍ଟ ସୋଭିଏତ ରୁଷର ବିଭାଜନ ପରେ ନିଶ୍ଚିହ୍ନ ହୋଇଯାଇଥିଲେ ମଧ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ନେଇ ଆମେରିକା ନେତୃତ୍ୱରେ 'ନାଟୋ' ଏବେ ମଧ୍ୟ ସକ୍ରିୟ ରହିଛି। କିନ୍ତୁ ପରିବର୍ତ୍ତିତ ସ୍ଥିତିରେ ଆମେରିକାର ଏକଚାଟିଆ ପ୍ରାଧାନ୍ୟ ଓ ପତିଆରା ବୃଦ୍ଧି 'ନାଟୋ'ର ସହଯୋଗୀ ରାଷ୍ଟ୍ରଙ୍କୁ ମଧ୍ୟ ବ୍ୟତିବ୍ୟସ୍ତ କରିପକାଉଛି। ଯେଉଁ ପରିସ୍ଥିତି ପାଇଁ ରୁଷ–ୟୁକ୍ରେନ ଯୁଦ୍ଧ ଅନେକାଂଶରେ ଦାୟୀ। ଯୁଦ୍ଧ ବିରାମ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଚାଲିଥିବା ବିଚାରବିମର୍ଶ ରୁଷ ସ୍ୱାର୍ଥକୈନ୍ଦ୍ରିକ ହୋଇଥିବାରୁ ୟୁରୋପୀୟ ରାଷ୍ଟ୍ରଙ୍କ ପକ୍ଷରୁ ତାହାକୁ ବିରୋଧ କରାଯାଉଛି। ଏକ୍ଷେତ୍ରରେ 'ନାଟୋ'ରେ ପରିଲକ୍ଷିତ ଅସହମତି ଗ୍ରୀନଲାଣ୍ଡ ପ୍ରସଙ୍ଗକୁ ନେଇ ଆହୁରି ଉତ୍କଟ ହେବାରେ ଲାଗିଛି। ଆମେରିକା ଆବଶ୍ୟକ ପଡ଼ିଲେ ସାମରିକ ଶକ୍ତି ପ୍ରୟୋଗ କରି ଗ୍ରୀନଲାଣ୍ଡକୁ ଦଖଲ କରିବାର ଯେଉଁ ଧମକ ଦେଇଛି ତାହାକୁ ବିରୋଧ କରିଛନ୍ତି 'ନାଟୋ'ର ସହଯୋଗୀ ରାଷ୍ଟ୍ର। ଏଥିମଧ୍ୟରେ ଫ୍ରାନ୍ସ ଓ ନରୱେ ପ୍ରତୀକାତ୍ମକ ଭାବେ ଗ୍ରୀନ୍‌ଲାଣ୍ଡକୁ ସେନା ପ୍ରେରଣ କରିଛନ୍ତି। ଗ୍ରୀନଲାଣ୍ଡକୁ ସ୍ୱାୟତ୍ତତା. ପ୍ରଦାନ କରାଯାଇଥିଲେ ମଧ୍ୟ ତାହାର ପରରାଷ୍ଟ୍ର ଓ ପ୍ରତିରକ୍ଷା ନୀତି ନିର୍ଦ୍ଧାରଣ ଦାୟିତ୍ୱ ଏବେ ମଧ୍ୟ ଡେନମାର୍କ ଦାୟିତ୍ୱରେ ରହିଛି। 'ନାଟୋ'ର ସଦସ୍ୟତା ସତ୍ତ୍ୱେ ସେମାନଙ୍କ ସାର୍ବଭୌମତା ପ୍ରତି ଆମେରିକା ପକ୍ଷରୁ ସୃଷ୍ଟି ହୋଇଥିବା ବିବାଦ ଅନ୍ୟ ସହଯୋଗୀଙ୍କୁ କେବଳ କ୍ଷୁବ୍ଧ କରି ନାହିଁ, ବରଂ ଯେଉଁ ସୁରକ୍ଷା ପାଇଁ ମେଣ୍ଟ ଗଠନ କରାଯାଇଥିଲା ତାହା ଏବେ ବିପନ୍ନ ବୋଲି ସେମାନେ ଅନୁଭବ କରୁଛନ୍ତି।

ଟ୍ରମ୍ପ କହିଛନ୍ତି ଗ୍ରୀନଲାଣ୍ଡ ଆମେରିକାର ଅଧୀନତା ସ୍ୱୀକାର କରିବାକୁ ବାଧ୍ୟ। ଏକ୍ଷେତ୍ରରେ ସାଲିସ କରିବାର ପ୍ରଶ୍ନ ଉଠୁନାହିଁ। ଅଥଚ ଗ୍ରୀନ୍‌ଲାଣ୍ଡ ଅଧିବାସୀ ସ୍ପଷ୍ଟ କରିଦେଇଛନ୍ତି ତାଙ୍କ ରାଷ୍ଟ୍ରକୁ ନେଇ କିଣାବିକା କରାଯାଇ ପାରିବ ନାହିଁ। ଅନ୍ୟପକ୍ଷରେ ହ୍ୱାଇଟ ହାଉସରୁ ସ୍ପଷ୍ଟ ସୂଚନା ମିଳିଛି ଯେ ଏହି ଆର୍କଟିକ୍ ଦ୍ୱୀପକୁ ଆବଶ୍ୟକ ହେଲେ ଦଖଲକୁ ନେବା ପାଇଁ ବଳ ପ୍ରୟୋଗ କରାଯିବ। ମାତ୍ର ୫୭,୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ବରଫାବୃତ୍ତ ଦ୍ୱୀପରେ ବିରଳ ଖଣିଜ ସାମଗ୍ରୀ ମହଜୁଦ ଅଛି। ତେବେ ଟ୍ରମ୍ପଙ୍କ କହିବା କଥା ରୁଷ ଓ ଚୀନର ମୁକାବିଲା ପାଇଁ ସେଠାରେ ଆମେରିକା ସାମରିକ ଘାଟି ପ୍ରତିଷ୍ଠା କରିବାକୁ ଚାହେଁ। 'ନାଟୋ'ର ବୃହତ୍ତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଏଭଳି ପ୍ରସ୍ତାବକୁ ବିରୋଧ ନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଆମେରିକାର ସାମରିକ ଶକ୍ତି ପ୍ରୟୋଗକୁ ମୁକାବିଲା କରିବା ସ୍ଥିତିରେ ଡେନମାର୍କ କିମ୍ବା ଅନ୍ୟ ସହଯୋଗୀଙ୍କ ସେଭଳି ସାମର୍ଥ୍ୟ ନାହିଁ। କିନ୍ତୁ 'ନାଟୋ' ସହଯୋଗୀ ହିସାବରେ ସେମାନଙ୍କ ପ୍ରତିବାଦ କରିବାର ଅଧିକାର ଅଛି। ଅଥଚ ଆମେରିକାର ଅଯଥାର୍ଥ ଓ ଅବିମୃଶ୍ୟକାରୀ ନିଷ୍ପତ୍ତିକୁ ସମର୍ଥନ ଦେଇ 'ନାଟୋ' ସହଯୋଗୀ ରାଷ୍ଟ୍ର ଇରାକ ଠାରୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ସବୁ ରଣକ୍ଷେତ୍ରରେ ନିଜକୁ ସାମିଲ କରି ଲଢ଼ିଛନ୍ତି। ଯେତେବେଳେ ସେମାନଙ୍କ ନିରାପତ୍ତା ଓ ସାର୍ବଭୌମତା ପ୍ରତି ଖୋଦ ମୁଖିଆଙ୍କ ପକ୍ଷରୁ ବିପଦ ସୃଷ୍ଟି ହେବ ଏଭଳି ସାମରିକ ମେଣ୍ଟରେ ଆବଶ୍ୟକତା ଶେଷ ହୋଇଛି ବୋଲି ଧରିନେବାକୁ ହେବ।

## ଅଲୋଡ଼ା ନୁହନ୍ତି ବୟସ୍କ

ମଞ୍ଜୁଲତା ସିଂହ

ବାର୍ଦ୍ଧକ୍ୟ ମଣିଷ ଜୀବନର ଏକ ପର୍ଯ୍ୟାୟ। ଏହା ସମୟାନ୍ତରେ ନିଶ୍ଚୟ ଶରୀରକୁ ସ୍ପର୍ଶ କରିବ ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ମଣିଷ ଚାହେଁ ତାରୁଣ୍ୟର ଛଟା ତା' ଶରୀରରେ ସର୍ବଦା ସତେଜ ହୋଇ ରହିଥାଉ। ଯୌବନର ଦୀପ୍ତିରେ ଝଟକୁ ଥାଉ ତା' ଶରୀର। ସୌନ୍ଦର୍ଯ୍ୟ ତା'ର ସର୍ବଦା ଅତୁଟ ରହୁ ଏବଂ ସେ ସବୁବେଳେ ସୁସ୍ଥ ସବଳ ରହିଥାଉ। କିନ୍ତୁ ଏପରି ହୁଏନା। କାଳର ନିୟମାନୁଯାୟୀ ସଠିକ ସମୟରେ ବାର୍ଦ୍ଧକ୍ୟ ପହଞ୍ଚି ଯାଏ ବିନା ନିମନ୍ତ୍ରଣରେ। ଯୌବନ ଅପସରି ଯାଏ। କୁଞ୍ଚିତ ଚର୍ମ ଉପରେ ବୟସର ଛାପ ବାରି ହୋଇପଡ଼େ। ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି କ୍ରମଶଃ ହ୍ରାସ ପାଏ। ସୌନ୍ଦର୍ଯ୍ୟ ବଢ଼ାଉଥିବା ମୁଣ୍ଡର କଳା ମୁଚୁମୁଚୁ ଗହଳ କେଶରାଶି ଧବଳ ବର୍ଣ୍ଣ ଧାରଣ କରେ। କ୍ରମଶଃ ଦୁର୍ବଳ ହୋଇ ଆସୁଥିବା ଶରୀର ବଞ୍ଚିବା ପାଇଁ ଅନ୍ୟର ସାହାରା ଲୋଡ଼େ। ବାର୍ଦ୍ଧକ୍ୟ ଆସିଗଲା ଭାବି ମଣିଷ ଭିତରେ ଭିତରେ ଅସହାୟ ବୋଧ କରେ। କାରଣ ଜୀବନର ଏହି ସମୟଟି ଶାରୀରିକ ଓ ମାନସିକ ଉଭୟ ସ୍ତରରେ ଭାଙ୍ଗି ପଡ଼ିବାର ସମୟ। ଏହି ସମୟରେ ମଧ୍ୟ ସମସ୍ତଙ୍କଠାରୁ ଉପେକ୍ଷିତ ହେବାର ନିରବ ଯନ୍ତ୍ରଣା ମୃତ୍ୟୁଠାରୁ ବଳି ପଡ଼େ। ଆଉ ଯଦି ଶରୀର ରୋଗଗ୍ରସ୍ତ ହେଲା ତା'ର ଦୁଃଖ ଅବର୍ଣ୍ଣନୀୟ। ରୁଗ୍ଣ ଶରୀରକୁ ନେଇ ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇପଡ଼େ ମଣିଷ ଆଉ ନିଜକୁ ଅଭିଶପ୍ତ ମନେକରେ। ଆଜିର ସମାଜରେ ଯେଉଁ କଥାଟି ସମସ୍ତଙ୍କୁ ବେଶୀ ଚିନ୍ତାରେ ପକାଏ, ତାହା ହେଉଛି ପରିବାରରେ ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ। ଏହାକୁ ନେଇ ପ୍ରତିଦିନ ଅନେକ ଘଟଣା ସାମ୍ନାକୁ ଆସୁଛି, ଯାହା କେବଳ ମନକୁ ଆନ୍ଦୋଳିତ କରୁନି ବରଂ ବ୍ୟଥିତ ଓ ବିଚଳିତ କରୁଛି। କେଉଁଠି ଜନ୍ମ କଲା ସନ୍ତାନ ସମ୍ପତ୍ତି ପାଇଁ ବୃଦ୍ଧ ପିତାମାତାଙ୍କୁ ହତ୍ୟା କରୁଛି। କେଉଁଠି ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହୋଇ ନିଜ ସ୍ୱାଭିମାନକୁ ଜାବୁଡ଼ି ଧରି ବୃଦ୍ଧାଶ୍ରମରେ ଜୀବନ କାଟୁଛନ୍ତି ପିତାମାତା। କେଉଁଠି ସନ୍ତାନଟିଏ ଦୂର ସହରରେ ଚାକିରି କଲା ପରେ ନିଜ ଜନ୍ମମାଟି ଓ ପିତାମାତାଙ୍କଠାରୁ ମୁହଁ ଫେରାଇ ନେଉଛି। ତାକୁ ଝୁରିଝୁରି ଦୟନୀୟ ଜୀବନ ଅତିବାହିତ କରୁଛନ୍ତି ବୟସ୍କ ମାତାପିତା। କେଉଁଠି ବି ନିଜର ଭିଟାମାଟିର ମୋହକୁ ତ୍ୟାଗ କରି ନ ପାରି ମାତାପିତା ସନ୍ତାନ ବିନା ଏକା ରହୁଛନ୍ତି ତ କେଉଁଠି ପିଲାମାନେ ନିଜର ଅତ୍ୟାଧୁନିକ ଜୀବନଶୈଳୀକୁ ଉପଭୋଗ କରିବାରେ କାଳେ ବାଧା ଉପୁଜିବ ଏବଂ ସେମାନଙ୍କର ଅଖଣ୍ଡ ସ୍ୱାଧୀନତା କ୍ଷୁର୍ଣ୍ଣ ହେବ; ସେ ଭୟରେ ବୃଦ୍ଧ ପିତାମାତାଙ୍କୁ ପାଖରେ ରଖିବାକୁ ଚାହୁଁନାହାନ୍ତି। ତେବେ ବୟସ୍କମାନେ ସବୁବେଳେ ଚାହାନ୍ତି ପିଲାମାନଙ୍କ ଗହଣରେ ହସଖୁସିର ଭରାପୂରା ପରିବାର ଭିତରେ ସମୟ କାଟିବାକୁ, ଯେଉଁଠି ସେମାନଙ୍କ ପାଇଁ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣଟିଏ ରହିଥିବ। ହେଲେ ସବୁ ପରିବାର ଭିତରେ ସବୁ ବୟସ୍କମାନଙ୍କର ଏପରି ଈପ୍‌ସିତ ଇଚ୍ଛାଟିଏ ପୂରଣ ହୋଇ ପାରେନାହିଁ।

ଜୀବନ ସମସ୍ତଙ୍କ ପାଇଁ ସମାନ। ତେଣୁ ମନକୁ ଆଘାତ ଦେଉଥିବା କିଛି କଥା ବା କାର୍ଯ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିବା ସହ ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ। ନିଜକୁ ପରିବାରରେ ଅଲୋଡ଼ା ବୋଲି ଭାବନ୍ତି। କିଛି କହିବାର ସାହସ ସେମାନଙ୍କ ପାଖରେ ନଥାଏ। କାରଣ ସେମାନେ ଏବେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ନିଜ ଭାବନା, ନିଜ ଚିନ୍ତାକୁ ନିଜ ଭିତରେ ଚାପି ରଖି ସେମାନେ ନିରବ ରହିବାକୁ ଶ୍ରେୟ ମନେ କରନ୍ତି। ଆଉ ଜୀବନ ଯଦି ସାଥୀହରା ହୋଇଥାଏ ତେବେ ଏ ଯନ୍ତ୍ରଣା ଆହୁରି ବଳିପଡ଼େ। ବିଗତ ଦିନର ମଧୁର ସ୍ମୃତିକୁ ସାଉଁଟି ସାଉଁଟି ଅକୁହା ଦୁଃଖକୁ ଛାତିରେ ବୋହି ନିରବରେ ସମୟ କାଟିବାକୁ ପଡ଼େ। ସବୁଥାଇ ମଧ୍ୟ ଏକ ନିଃସଙ୍ଗପଣ ହୃଦୟକୁ ଜାବୁଡ଼ି ଧରିଥାଏ। ନା ଏଥିରୁ ମୁକ୍ତି ମିଳେ ନା ମିଳିବାର ଆଶା ଥାଏ। ଏକ ଖୋଲାମେଲା ପରିବେଶରେ ଏକ ହସଖୁସିର ଜୀବନ ବଦଳରେ ଏକ ମାନସିକ ଚାପଗ୍ରସ୍ତ ଜୀବନ କାଟିବାକୁ ବାଧ୍ୟ ହୁଅନ୍ତି ସେମାନେ।

ସମୟ ବଦଳିବା ସହ ବଦଳୁଛି ଆଜିର ସଭ୍ୟ ସମାଜର ଚିନ୍ତାଧାରା। ଯେତିକି ସଭ୍ୟ ହେଉଛି ମଣିଷ, ସେତିକି ମାନବୀୟ ଚେତନାଠାରୁ ଦୂରେଇ ଯାଉଛି। ସେଦିନର ଯୌଥ ପରିବାର ଆଜି ନାହିଁ। ଯେଉଁ ଯୌଥ ପରିବାରର ଅଗଣା ଦିନେ କେତେ କେତେ ମଧୁର ସମ୍ପର୍କର କୋଳାହଳରେ ଫାଟି ପଡୁଥିଲା ସେଠି ଏବେ ଖାଁ ଖାଁ, ଶୂନ୍ୟପଣ ଖାଇ ଗୋଡ଼ାଉଛି। ଜୀବନରେ ଘଟି ଯାଉଥିବା ଦୁଃଖ, କଷ୍ଟ, ଆନନ୍ଦ, ବିଷାଦକୁ ବାଣ୍ଟିବା ପାଇଁ ପାଖରେ ଲୋକଟିଏ ନାହିଁ। ଯେଉଁଠି ଲୋକଟିଏ ଅଛି ସେଠି ଆତ୍ମୀୟତା ନାହିଁ। ଆମେ ଏବେ ଏମିତି ଏକ ସମାଜରେ ବଞ୍ଚୁଛେ, ଯେଉଁଠି ସ୍ନେହ, ଶ୍ରଦ୍ଧା, ଆବେଗ, ଅନୁରାଗ ଓ ଭାବପ୍ରବଣତାର ଘୋର ଅଭାବ ପରିଲକ୍ଷିତ ହେଉଛି। ଏକ ଆବେଗହୀନ ଯାନ୍ତ୍ରିକ ଜୀବନ ଭିତରେ ପେଷି ହୋଇ ଯାଉଛି ସମ୍ପର୍କର ମିଠାପଣ।

କେବେ ସମୟଥିଲା ଅପାଠୁଆ ବା ଅଧାପାଠୁଆ ପୁଅଟିଏ ପିତାମାତାଙ୍କ ପାଖରେ ସାରା ଜୀବନ କାଟୁଥିଲା। ବିଲବାଡ଼ିରେ ଚାଷବାସ କରି ପରିବାର ପ୍ରତିପୋଷଣ କରିବା ସହ ଅନେକ ଅଭାବ ଭିତରୁ ସୁଖକୁ ସାଉଁଟୁ ଥିଲା। ପିତାମାତାଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଲାଭ କରି ନିଜ ପରିବାର ଗଢୁଥିଲା। ତା'ର ସନ୍ତାନମାନେ ସେଇ ପରିବାର ଭିତରେ ସାନରୁ ବଡ଼ ହେଉଥିଲେ। ବଡ଼ମାନଙ୍କଠାରୁ ଶୃଙ୍ଖଳା ଜ୍ଞାନ ଶିକ୍ଷା କରୁଥିଲେ। ଜୀବନରେ ସ୍ନେହ, ଶ୍ରଦ୍ଧା, ସମ୍ମାନର ମୂଲ୍ୟବୋଧକୁ ସାଥିରେ ଧରି ବଡ଼ମାନେ ଦେଖାଇଥିବା ରାସ୍ତାରେ ବିନା ଦ୍ୱିଧାରେ ବାଟ ଚାଲୁଥିଲେ। ଝୁଣ୍ଟି ପଡ଼ିଯିବାର ଭୟ ନଥିଲା। କାରଣ ବିଶ୍ୱାସ ଥିଲା ପଡ଼ିବା ପୂର୍ବରୁ ପରିବାରର କାହାର ନା କାହାର ହାତ ପ୍ରସରି ଆସିବ ତାକୁ ଧରିନେବା ପାଇଁ। ପରିବାର ଭିତରେ ସୁନ୍ଦର ବୁଝାମଣାର ଅଭାବ ନଥିଲା। ଏ ଥିଲା ଗଭୀର ବିଶ୍ୱାସର କଥା। ସ୍ନେହ ସମ୍ପର୍କର କଥା।

ଏବେ ସେ ସମୟ ସ୍ୱପ୍ନ। ସେ ସମ୍ପର୍କ ଶିଥିଳ। ମଣିଷ ଆଜି ଆତ୍ମକୈନ୍ଦ୍ରିକ ହୋଇପଡ଼ିଛି। ପିତାମାତା ଓ ଗୋଟିଏ ସନ୍ତାନ ଭିତରେ ସୀମିତ ଆଜିର ସଭ୍ୟ ଶିକ୍ଷିତ ପରିବାର। ଏହି ଅଣୁ ପରିବାର ଭିତରେ ଆଉ କାହାର ଉପସ୍ଥିତି ସେମାନଙ୍କ ପାଇଁ ଗ୍ରହଣୀୟ ହେଉନି। ସେଠି ଜରାଗ୍ରସ୍ତ ଲୋକଟିର ଉପସ୍ଥିତି ସେମାନଙ୍କ ପାଇଁ ଏକ ବୋଝ ସଦୃଶ। ଯନ୍ତ୍ର ପାଲଟି ଯାଇଥିବା ଆଜିର ପିଲାମାନଙ୍କ ମନ ଓ ହୃଦୟରେ ସେ ଆବେଗପ୍ରବଣତା କାହିଁ ଯେ ବୟସ୍କମାନଙ୍କୁ ସମ୍ମାନ ଦେଇ ଆପଣାପଣର ବନ୍ଧନ ଭିତରେ ବାନ୍ଧି ରଖିବେ? ପରିବାର ଭିତରେ ବାସ କରୁଥିବା ବୟସ୍କ ଲୋକଟି କେବଳ ସ୍ନେହ, ଆଦର, ଆତ୍ମୀୟତା ବ୍ୟତୀତ ଆଉ ଅଧିକ କ'ଣ ବା ଆଶା କରେ? ଏତିକି ବି ଦେବାକୁ କୁଣ୍ଠିତ ଆଜିର ପିଲାମାନେ।

ଆଜିର ସଭ୍ୟ ସମାଜର ନୂତନ ପିଢ଼ି ବୁଝିବା ଉଚିତ ଯେ ବୟସ୍କ ହୋଇଗଲେ ମଧ୍ୟ ପିତାମାତାଙ୍କର ଜୀବନ ଅଛି। ସେ ଜୀବନର ବି କିଛି ନା କିଛି ସ୍ୱପ୍ନ ଅଛି। କିଛି ଇଚ୍ଛା ଅଛି। ସ୍ୱାଧୀନ ଭାବରେ ବଞ୍ଚିବାର ଏବଂ ମତବ୍ୟକ୍ତ କରିବାର ମଧ୍ୟ ଅଧିକାର ଅଛି। ସେମାନଙ୍କ ପାଇଁ ବି ଦରକାର କିଛି ସ୍ନେହ, ଶ୍ରଦ୍ଧା, ସମ୍ମାନ, ସହଯୋଗ ଆଉ ଆତ୍ମୀୟପଣ। ଆଜିର ତଥାକଥିତ ଶିକ୍ଷିତ ସନ୍ତାନମାନେ ଯଦି ଏତିକି କରି ପାରୁନାହାନ୍ତି ତେବେ ନିଜେ ଏହି ବୟସରେ ପହଁଚିଲା ପରେ ନିଜ ସନ୍ତାନଠାରୁ ସେସବୁ ଆଶା କରିବା ନିଶ୍ଚୟ ବୃଥା। କାରଣ ସମୟ ଆସିବ, ନିଜେ ଯେଉଁ ରାସ୍ତାଟିଏ ତିଆରି କରୁଛନ୍ତି ଦିନେ ସେହି ରାସ୍ତାରେ ନିଜକୁ ଚାଲିବାକୁ ହେବ। ସେମାନଙ୍କଠାରୁ ସେମାନଙ୍କ ସନ୍ତାନମାନେ ଯେଉଁ ଶିକ୍ଷା ପାଇଛନ୍ତି ପ୍ରତିବଦଳରେ ସେମାନେ ସେହିପରି ଆଚରଣ ଦେଖାଇବେ। ସେତେବେଳେ ସେମାନେ ବୁଝିବେ ହୃଦୟର ଆଘାତ କେତେ କଷ୍ଟ ଦିଏ।

ଆଜି ଯେଉଁମାନେ ବୟସର ବୋଝରେ ନଇଁ ପଡ଼ିଛନ୍ତି ବା ପଡ଼ିବାକୁ ଯାଉଛନ୍ତି ସେମାନେ ସମର୍ଥ ଥିବା ବେଳେ ନିଜ ସନ୍ତାନମାନଙ୍କ ପାଇଁ କ'ଣ ସବୁ କରିଛନ୍ତି ସେକଥା ଆଜିର ପିଲାଏ ଭାବିବା ଉଚିତ। ମନେରଖିବା ଉଚିତ ଯେ ବୟସ୍କମାନେ ପରିବାର ବୋଝ କିମ୍ବା ଅଲୋଡ଼ା ନୁହନ୍ତି। ସେମାନଙ୍କ ଆଶୀର୍ବାଦ ହିଁ ପିଲାମାନଙ୍କର ଜୀବନକୁ ସରସ ସୁନ୍ଦର କରି ଗଢ଼ିତୋଳେ। ସେମାନେ ଅନୁଭୂତିସମ୍ପନ୍ନ ମଣିଷ। ଦରକାର ବେଳେ ଜ୍ଞାନ, ବୁଦ୍ଧି, ଧୈର୍ଯ୍ୟ, ସାହସ ବାଣ୍ଟି ଦେବାର ଅସରନ୍ତି ଉତ୍ସ। ଯେଉଁମାନେ ପିଲାମାନଙ୍କର ମଙ୍ଗଳ କାମନା କରି ଦିଅଁ ଦେବତାଙ୍କ ଆଗରେ ଦିନରାତି ପ୍ରଣତି ବାଢ଼ନ୍ତି, ବୟସର ବୋଝରେ ଚାପି ହୋଇ ଯାଉଥିବା ସେଇ ବୟସ୍କ ମାତାପିତାଙ୍କୁ ଟିକେ ସମୟ ଦେଇ, ସ୍ନେହ, ଶ୍ରଦ୍ଧା ଓ ଆପଣାପଣର ବନ୍ଧନରେ ବାନ୍ଧିରଖିବା ସେମାନଙ୍କ ଶେଷ ଜୀବନକୁ ଆନନ୍ଦମୟ କରିବା ସନ୍ତାନର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ।

ମୋ:୮୮୪୭୮୫୨୯୧୭

## ଖଳନାୟକ ହୁଁ ମେଁ...

ମହମ୍ମଦ ହିଫ୍‌ଜୁର ରହମାନ୍



ମୁଁ ଥରେ ନୁହେଁ, ବାରମ୍ବାର କହି ଆସୁଛି। ଦ୍ୱିତୀୟଥର କ୍ଷମତାକୁ ଆସିବା ପରେ ୮ମାସରେ ୮ଟି ଯୁଦ୍ଧ ବନ୍ଦ କରିଛି। ଏଥିରେ ଭାରତ-ପାକିସ୍ତାନ ଯୁଦ୍ଧ ବି ରହିଛି। ଏହି ଯୁଦ୍ଧ ପରମାଣୁ ସଂଘର୍ଷ ଆଡ଼କୁ ମୁହାଁଉଥିଲା। ଏଇଟା କ'ଣ କମ୍ କଥା କି! ଇରାନ-ଇସ୍ରାଏଲ ଯୁଦ୍ଧ ବନ୍ଦ କଲି, ଇସ୍ରାଏଲ-ହମାସ ଯୁଦ୍ଧ ବନ୍ଦ କଲି। ଥାଇଲାଣ୍ଡ-କାମ୍ବୋଡ଼ିଆ ଯୁଦ୍ଧ ବନ୍ଦ କଲି। ଏମିତି ଆହୁରି ଅନେକ ଯୁଦ୍ଧ ବନ୍ଦ କରି ବିଶ୍ୱକୁ ରକ୍ତପାତରୁ ରକ୍ଷା କରିଛି। ଖାଲି ପୁଟିନ ମାନୁନି, ନହେଲେ ରୁଷ-ୟୁକ୍ରେନ ଯୁଦ୍ଧ କେବେଠାରୁ ସରି ଯାଇଥା'ନ୍ତା। କିନ୍ତୁ ନରୱେର ନୋବେଲ କମିଟିକୁ ଏସବୁ କିଛି ଦେଖାଗଲାନି। ମୁଁ ଥିଲି ନୋବେଲ ଶାନ୍ତି ପୁରସ୍କାରର ହକଦାର। ଏଥିପାଇଁ ମୋତେ କେତେ କେତେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସମର୍ଥନ କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଥରେ ନୁହେଁ, ଅନେକ ଥର ମୋ ପାଇଁ ନୋବେଲ ସୁପାରିସ କରିଛନ୍ତି। ଖାଲି ଭାରତର ମୋଦୀ ମତେ ସମର୍ଥନ କରିନାହାନ୍ତି। ମୁଁ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଛି ବୋଲି ସେ ମାନିବାକୁ ପ୍ରସ୍ତୁତ ନୁହେଁ। ଟିକେ ହଁ ମାରି ମୋ ପାଇଁ ନୋବେଲ ପୁରସ୍କାର ସୁପାରିସ କରିଥିଲେ କ'ଣ ସଂସାର ଭାସି ଯାଇଥା'ନ୍ତା?

ଏମାନେ ମୋର ଯନ୍ତ୍ରଣାକୁ ଅନୁଭବ କରି ପାରୁନାହାନ୍ତି। ମୁଁ ନିଜ ମୁହଁରେ ଆଉ କେତେ ତାରିଫ କରିବି? ସେ ବି ଟିକେ ସ୍ୱୀକୃତି ଦେବା କଥା ଦେଉନି। ତେଣୁ ଭାରତ ଉପରେ ଟାରିଫ୍ ଲଗାଇ ମୁଁ ଦେଇଛି ପାନେ। ଏଟା କିଛି ନୁହେଁ। ଏବେ ସାରା ବିଶ୍ୱ ଦେଖିବ ମୋର ଅସଲି ରୂପ। କାହାକୁ ଛାଡ଼ିବି ନାହିଁ। ଇରାନ, ଗାଜାକୁ ଛାଡ଼ିନାହିଁ। ଏବର୍ଷ ଭେନେଜୁଏଲାରୁ ଆରମ୍ଭ କରିଛି। ତା' ରାଷ୍ଟ୍ରପତିକୁ ବାନ୍ଧି ଆଣି ଆମ ଜେଲରେ ପୂରାଇ ଦେଇଛି। ମୁଁ ଏବେ ଦୁଇଦୁଇଟି ଦେଶର ମୁଖ୍ୟ। ଆମେରିକାର ରାଷ୍ଟ୍ରପତି ଓ ଭେନେଜୁଏଲାର ମଧ୍ୟ। ଏବେ ପଡ଼ିବ କ୍ୟୁବା, ମେକ୍ସିକୋ ଓ ଗ୍ରୀନଲାଣ୍ଡର ପାଳି। ଏହାପରେ ଆହୁରି କେତେ ଯେ ଦେଶରେ ମାଡ଼ି ଯାଇ ରାଷ୍ଟ୍ରପତି ହେବି ଯେ ଗଣିପାରିବ ନାହିଁ। ମୋର କିଏ କ'ଣ କରିବ, ଦେଖିବି। ଏଥର ସମସ୍ତଙ୍କର ନିଦ ହଜାଇଦେବି।

ଟ୍ରମ୍ପଙ୍କ ଏଭଳି ରୂପ ଦେଖି ପଶ୍ଚାତାପ କରୁଥିବ ନରୱେର ନୋବେଲ କମିଟି। ଟ୍ରମ୍ପଙ୍କ ଦାବି ଓ ଅନୁରୋଧ ସତ୍ତ୍ୱେ ଏହି କମିଟି ୨୦୨୫ ବର୍ଷ ଲାଗି ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ନଦେଇ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାସାଦୋଙ୍କୁ ଦେଇଦେଲା। ନୋବେଲ କମିଟି କେବେ କଳ୍ପନା କରି ନ ଥିବ ଜଣେ ରାଷ୍ଟ୍ରନେତା ନୋବେଲ ପାଇଁ କେତେ ବିକଳ। କେବଳ ବିକଳ ନୁହେଁ, ନୋବେଲ ନମିଳିବାରୁ କ୍ରୋଧରେ ଜର୍ଜରିତ ହୋଇ ସାରା ବିଶ୍ୱକୁ ଧ୍ୱଂସ ମୁହଁକୁ ଠେଲିଦେଲାଣି। ଅର୍ଥନୈତିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ସାମାଜିକ, ରାଜନୈତିକ ଓ ସାମରିକ ବ୍ୟବସ୍ଥାକୁ ଦୋହଲାଇ ଦେଲାଣି। ଦ୍ୱିତୀୟ ଥର କ୍ଷମତାକୁ ଆସିବାର ବର୍ଷେ ପୂରିନି, ସାରା ବିଶ୍ୱକୁ ଥରହର କରିସାରିଲାଣି। ଏମିତି ଅଥୟ, ଧୈର୍ଯ୍ୟହରା ଓ ଅପ୍ରତ୍ୟାଶିତ ରାଷ୍ଟ୍ରନେତାଙ୍କୁ କେହି କେବେ ଦେଖିନାହିଁ। ମୁଣ୍ଡରେ କେତେବେଳେ କ'ଣ ଚାଲିଛି, ତାହା କହିବା କଷ୍ଟକର। ଟ୍ରମ୍ପଙ୍କ ଏଭଳି ରୂପ ଦେଖି ମାରିଆ ମଧ୍ୟ ଜାଣିଗଲେଣି ଯେ ଟ୍ରମ୍ପଙ୍କୁ ନୋବେଲ ନମିଳିଲେ ଅନର୍ଥ କରିଦେବେ। ତେଣୁ ୨୦୨୫ ପାଇଁ ସେ ପାଇଥିବା ନୋବେଲ ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ଦେବା ଲାଗି ଆଗ୍ରହ ପ୍ରକାଶ କଲେ। କିନ୍ତୁ ନୋବେଲ କମିଟି ଏହାକୁ ପ୍ରତ୍ୟାଖ୍ୟାନ କରିଦେବାରୁ ଟ୍ରମ୍ପ ରାଗ ଏବେ ଚରମ ସୀମାରେ।

୨୦୨୫ ଜାନୁଆରୀ ୨୦ ତାରିଖରେ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଟ୍ରମ୍ପ ଘୋଷଣା କରିଥିଲେ, ସେ ବିଶ୍ୱରେ ଶାନ୍ତିର ଦୂତ ସାଜି କାମ କରିବେ। କିନ୍ତୁ ଶାନ୍ତି ପ୍ରତିଷ୍ଠା ତ ଦୂରର କଥା, ତାଙ୍କୁ ଆତଙ୍କ ରଚନାରୁ ଫୁରସତ ମିଳୁନାହିଁ। ଆମେରିକାକୁ ପୁଣି ମହାନ କରିବା ନିଶାରେ ନାଗରିକତା ଆଇନରେ ସଂଶୋଧନ କରି ହଜାର ହଜାର ଶରଣାର୍ଥୀଙ୍କୁ ଅପରାଧୀ ଭଳି ହାତଗୋଡ଼ରେ ଜଞ୍ଜିର ପକାଇ ବିଦା କଲେ। ନିଜର ଉଦ୍ଦେଶ୍ୟ ସାଧନ ଲାଗି ଏକଜିକ୍ୟୁଟିଭ୍ ଆଦେଶକୁ ଅସ୍ତ୍ର କରି ଆନ୍ତର୍ଜାତିକ ଆଇନ, ବାଣିଜ୍ୟ ନୀତି, ଶୁଳ୍କ ବ୍ୟବସ୍ଥା ଓ ରାଜନୈତିକ ପରମ୍ପରାକୁ ଦଳିମକଚି ଦେଲେଣି। ତାଙ୍କର ଏଭଳି ଆଚରଣ ନେଇ କେବଳ ଶତ୍ରୁ ନୁହନ୍ତି, ମିତ୍ରମାନେ ମଧ୍ୟ ଆଚମ୍ବିତ। ତାଙ୍କ ଭାଷାରେ ମଧ୍ୟ ସଂଯମ ରହୁନି। ଏଭଳି 'ବିନାଶକାରୀ' ଟ୍ରମ୍ପଙ୍କୁ ବିଶ୍ୱ ଆଉ କେତେଦିନ ବରଦାସ୍ତ କରିବ? ଟିକିଏ ଶାନ୍ତିରେ ଶୋଇବା ଦରକାର।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

## ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

ପ୍ରବୀର କୁମାର ପଟ୍ଟନାୟକ

### ଓଡ଼ିଶାର ବୌଦ୍ଧ ପରମ୍ପରା

କଳିଙ୍ଗ ତଥା ଉତ୍କଳ ଭୂଖଣ୍ଡର ଐତିହ୍ୟ ଅତ୍ୟନ୍ତ ପୁରାତନ କାଳର। ଏହି ଭୂଖଣ୍ଡ ସମ୍ପର୍କରେ ପ୍ରାଚୀନ ବୈଦିକ ତଥା ପୌରାଣିକ ସାହିତ୍ୟ ସହ ପାଲି ଧର୍ମ ଗ୍ରନ୍ଥଗୁଡ଼ିକରେ ବହୁସ୍ଥାନରେ ବର୍ଣ୍ଣନା ମିଳିଥାଏ। ବୈଦିକ କାଳର ଶାସକମାନଙ୍କର ବଂଶାବଳୀ, ଯାହା ପରବର୍ତ୍ତୀ କାଳରେ ପୁରାଣଗୁଡ଼ିକରେ ଦର୍ଶାଯାଇଛି, ସେଥିରେ କଳିଙ୍ଗ ପ୍ରଦେଶର ସୃଷ୍ଟି ସମ୍ପର୍କରେ ମଧ୍ୟ ବର୍ଣ୍ଣନା ରହିଛି। ସେହି ଅନୁସାରେ ଦାନବ ରାଜା ବଳୀଙ୍କ ରାଣୀ ସୁଦେଷ୍ଣାଙ୍କ ଗର୍ଭରୁ ଋଷି ଦୀର୍ଘତମାଙ୍କ ଔରସରୁ ପାଞ୍ଚ ଜଣ ପୁତ୍ରସନ୍ତାନ ଜନ୍ମଲାଭ କରିଥିଲେ। ସେମାନଙ୍କର ନାମ ହେଲା ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁମ୍ହ। ଏହି ପାଞ୍ଚଜଣ ପୁତ୍ର ଭିନ୍ନ ଭିନ୍ନ ପାଞ୍ଚଗୋଟି ରାଜ୍ୟର ଅଧିପତି ହୋଇଥିଲେ। ସେହି ରାଜ୍ୟଗୁଡ଼ିକ ସେହି ପୁତ୍ରମାନଙ୍କ ନାମରେ ନାମିତ ହୋଇଥିଲା। କିନ୍ତୁ ଋଗ୍‌ବେଦ ବର୍ଣ୍ଣିତ ଋଷି ଉତଥ୍ୟଙ୍କ ପୁତ୍ର ଋଷି ଦୀର୍ଘତମାଙ୍କ କାଳରୁ ପ୍ରସିଦ୍ଧ ସଂହିତା-ସ୍ରଷ୍ଟା ଋଷି ବୌଧାୟନଙ୍କ କାଳ ପର୍ଯ୍ୟନ୍ତ ଉପର ବର୍ଣ୍ଣିତ ପାଞ୍ଚଗୋଟି ଯାକ ରାଜ୍ୟ ଆର୍ଯ୍ୟ ସଭ୍ୟତାର ମାନ୍ୟତା ଅଥବା ସୀମା ବାହାରର ଅଞ୍ଚଳ ଭାବରେ ଚିହ୍ନି ହେଉଥିଲେ। ଏହି ଅଞ୍ଚଳର ବାସିନ୍ଦାମାନଙ୍କୁ 'ବୌଧାୟନ ସଂହିତା'ରେ 'ସଂକୀର୍ଣ୍ଣ ଯୋନାୟଃ' ବର୍ଗରେ ଚିହ୍ନିତ କରାଯାଇ ସେହିସବୁ ଅଞ୍ଚଳକୁ ଆର୍ଯ୍ୟ ସଭ୍ୟତାଭୁକ୍ତ ଅଞ୍ଚଳର ବାସିନ୍ଦାଙ୍କର ପ୍ରବେଶକୁ ମଧ୍ୟ ନିଷିଦ୍ଧ କରାଯାଇଥିଲା। ଯେଉଁମାନେ ଏହି ଅଞ୍ଚଳକୁ ପ୍ରବେଶ କରିବେ ସେମାନଙ୍କୁ 'ପୁନସ୍ତୋମ' ଏବଂ 'ସର୍ବପୃଥୈଷ୍ଟି' କ୍ରିୟାକର୍ମ ଅନୁଷ୍ଠିତ କରାଇ ଶୁଦ୍ଧ ହେବାକୁ ପଡୁଥିଲା।

ପରନ୍ତୁ ଆର୍ଯ୍ୟଗୋଷ୍ଠୀଙ୍କର ସଂପ୍ରସାରଣ ତଥା ପୂର୍ବାଞ୍ଚଳକୁ ବୈଦିକ ସଂସ୍କୃତିର ପ୍ରସାର ତଥା ଅନୁପ୍ରବେଶ ଘଟିବା ଆରମ୍ଭ ହୋଇଗଲା। 'ଶତପଥ ବ୍ରାହ୍ମଣ'ରେ ଉଲ୍ଲେଖ ଅନୁଯାୟୀ ସରସ୍ୱତୀ କୂଳରୁ ପୂର୍ବର ସଦାନୀର ନଦୀ ପର୍ଯ୍ୟନ୍ତ ବୈଶ୍ୱାନର ଅଗ୍ନିର ଦହନ କାର୍ଯ୍ୟରୁ ବୈଦିକ ଧର୍ମ ଓ ସଂସ୍କୃତିର ପୂର୍ବାଞ୍ଚଳକୁ ପ୍ରବେଶର ସଙ୍କେତ ମିଳିଥାଏ। ସେହିଭଳି ମହାଭାରତରେ ମଧ୍ୟ 'ପୁଣ୍ଡ୍ର, କଳିଙ୍ଗ, ମଗଧ ଓ ଚେଦି ରାଜ୍ୟର ଜ୍ଞାନୀ ତଥା ପାରଦର୍ଶୀ ଲୋକମାନଙ୍କ ସଂପର୍କରେ ଉଲ୍ଲେଖ ରହିଛି। ଏହିଭଳି ଭାବେ ପୁରାଣ ସାହିତ୍ୟକାରମାନଙ୍କ ସମୟକୁ ଏହିସବୁ ଅଞ୍ଚଳରେ ଆର୍ଯ୍ୟସଭ୍ୟତା ତଥା ସଂସ୍କୃତିର ପୂର୍ଣ୍ଣ ପ୍ରବେଶ ଘଟି ସାରିଥିବା ଜଣାଯାଉଛି।

*ମହାକାବ୍ୟରେ କଳିଙ୍ଗ:* ମହାକାବ୍ୟ ପରମ୍ପରା ଦର୍ଶାଇଥାଏ ଯେ କଳିଙ୍ଗ ରାଜ୍ୟକୁ ଗଙ୍ଗାନଦୀ ମୁହାଣଠାରୁ ସମୁଦ୍ର କୂଳେ କୂଳେ ତାମ୍ରଲିପ୍ତ, କଭଟ, ସୁମ୍ହ ଏବଂ ବୈତରଣୀ ନଦୀ ପାର ହୋଇ ଯାଇଥିବା ରାସ୍ତା ଦେଇ ପହଞ୍ଚିବାକୁ ହେଉଥିଲା। ଐତିହାସିକ ଡଃ ରାୟ ଚୌଧୁରୀ କଳିଙ୍ଗ ରାଜ୍ୟର ସୀମା ଧାର୍ଯ୍ୟ କରିଥିଲେ ଓଡ଼ିଶା ଭିତରେ ବୈତରଣୀ ନଦୀ ଠାରୁ ଆନ୍ଧ୍ରର ଗୋଦାବରୀ ମୁହାଣ ପର୍ଯ୍ୟନ୍ତ ବ୍ୟାପ୍ତ ଅଞ୍ଚଳ। ମାତ୍ର ତାଙ୍କର ଏହି ଅନ୍ଦାଜ ଠିକ ଭାବରେ ସୀମା ନିର୍ଦ୍ଧାରଣ କରିନାହିଁ। ଏହାର କାରଣ ହେଲା ମହାକାବ୍ୟ ଦର୍ଶାଇଥାଏ ଯେ ବୈତରଣୀ କଳିଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ ନଦୀ, ମାତ୍ର ରାଜ୍ୟର ସୀମା ନୁହେଁ। ମହାଭାରତ କହିଥାଏ ଯେ ଯେତେବେଳେ ଚିତ୍ରାଙ୍ଗଦ କଳିଙ୍ଗର ଶାସକ ଥିଲେ ରାଜପୁର ହିଁ ତାହାର ରାଜଧାନୀ ଥିଲା। କଳିଙ୍ଗର ରାଜା ଚିତ୍ରାଙ୍ଗଦଙ୍କ କନ୍ୟାଙ୍କର ସ୍ୱୟମ୍ବର ସମାରୋହରେ ସାରା ଭାରତରୁ ଶିଶୁପାଳ, ଜରାସନ୍ଧ, ଭୀଷ୍ମକ, କର୍ଣ୍ଣ ଓ ଦୁର୍ଯ୍ୟୋଧନ ଆଦି ଖ୍ୟାତନାମା ରାଜାସବୁ ଯୋଗ ଦେଇଥିଲେ। ସେହି ଉତ୍ସବ ସଂପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ରାଜକନ୍ୟା ଯେତେବେଳେ ଦୁର୍ଯ୍ୟୋଧନଙ୍କ ପାଖ ଦେଇ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଚାଲି ଯାଉଥିଲେ ଦୁର୍ଯ୍ୟୋଧନ ବଳ ପ୍ରୟୋଗ ପୂର୍ବକ ତାଙ୍କୁ ନିଜର ପତ୍ନୀ କରି ନେଇଥିଲେ। ଏ ଘଟଣା ଏହା ମଧ୍ୟ ଦର୍ଶାଉଛି ଯେ ଉତ୍ତର ଭାରତର କୌରବ ରାଜକୁମାରଙ୍କ ସହ କଳିଙ୍ଗର ବୈବହିକ ସଂପର୍କ ମଧ୍ୟ ସ୍ଥାପନ ହୋଇଥିଲା। ସେହିଭଳି ପାଞ୍ଚାଳ ରାଜକନ୍ୟା ଦ୍ରୌପଦୀଙ୍କ ସ୍ୱୟମ୍ବର ଉତ୍ସବରେ କଳିଙ୍ଗର ରାଜା ଦୁର୍ଯ୍ୟୋଧନଙ୍କ ଗହଣରେ ସେଠାରେ ଉପସ୍ଥିତି ଥିଲେ। ମହାଭାରତର ଆଦିପର୍ବରେ କଳିଙ୍ଗର ଅନେକ ଖ୍ୟାତନାମା ରାଜା ଉତ୍ତର ଭାରତର ବିଭିନ୍ନ ଆର୍ଯ୍ୟ ରାଜପରିବାର ସହ ବୈବାହିକ ସଂପର୍କ ସ୍ଥାପନ କରିଥିବା ତଥା କଳିଙ୍ଗର ରାଜକନ୍ୟାମାନେ ମଧ୍ୟ ଅକ୍ରୋଧନ ତଥା ତମସୁ ଇତ୍ୟାଦିଙ୍କୁ ବିବାହ କରିଥିବା ଦର୍ଶାଯାଇଛି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳରୁ ମାଈ ହାତୀର ମୃତଦେହ ଉଦ୍ଧାର



ବାରିପଦା, ୧୬।୧(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ଠାକୁରମୁଣ୍ଡା ରେଞ୍ଜ ଅସନକୁଡ଼ା ଅଞ୍ଚଳରୁ ବନବିଭାଗ ଏକ ମାଈହାତୀର ମୃତଦେହ ଉଦ୍ଧାର କରିଛି। ମୃତ ହାତୀର ବୟସ ପାଖାପାଖି ୬୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ୧୪ତାରିଖ ସନ୍ଧ୍ୟାରେ ମୃତଦେହକୁ ଠାବ କରାଯାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ନିୟମାନୁଯାୟୀ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି।

ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ହାତୀଟିର ମୃତଦେହକୁ ଠାବ କରିଥିଲେ। ସେମାନେ ରେଞ୍ଜ ଅଧିକାରୀଙ୍କୁ ଅବଗତ କରିବା ପରେ ୧୫ ତାରିଖରେ ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

# ବୋମା ଖାଇ ଗୁରୁତର ହାତୀର ମୃତ୍ୟୁ



ଅନୁଗୋଳ,୧୬ ।୧(ସମିସ): ବୋମା ଖାଇ ଗୁରୁତର ଅବସ୍ଥାରେ ଗୁରୁବାର ଠାବ ହୋଇଥିବା ଏକ ହାତୀର ଆଜି ମୃତ୍ୟୁ ହୋଇଛି। ଚିକିତ୍ସା ପାଇଁ ତାକୁ କପିଳାସ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲ୍ଲା ବନ୍ତଳା ବନାଞ୍ଚଳ ବାଲୁଅକଟା ଗାଁ ନିକଟରେ ଗୁରୁବାର ସକାଳେ ଏକ ୫ ବର୍ଷର ହାତୀ ଗୁରୁତର ହୋଇପଡ଼ିଥିଲା। ହାତୀଟି କୌଣସି କେଉଁ ସ୍ଥାନରୁ ବୋମା ଖାଇଦେଇଥିବା ବେଳେ ତାହା ଫୁଟି ପାଟିରେ ଗଭୀର କ୍ଷତ ହୋଇଥିଲା। ପାଟିରୁ ପ୍ରବଳ ରକ୍ତସ୍ରାବ ହେଉଥିବାରୁ ହାତୀଟି ମାଟିରୁ ଉଠିପାରିନଥିଲା। ଖବର ପାଇ ବନବିଭାଗ କର୍ମଚାରୀ ବାଲୁଅକଟାରେ ପହଞ୍ଚି ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ରାତି ପର୍ଯ୍ୟନ୍ତ ତା'ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଅଧିକ ଚିକିତ୍ସା ଲାଗି ଗୁରୁବାର ରାତିରେ ସ୍ୱତନ୍ତ୍ର 'ଐରାବତ' ଗାଡ଼ିରେ ତାକୁ କପିଳାସ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତା'ର ମୃତ୍ୟୁ ହୋଇଯାଇଥିଲା। ହାତୀ ହିନ୍ଦୋଳ ବନାଞ୍ଚଳରୁ ୫୧ଟିକିଆ ହାତୀ ସହ ଅନୁଗୋଳ ଆସିଥିବା କୁହାଯାଉଥିବା ବେଳେ କେଉଁ ସ୍ଥାନରୁ ବୋମା ଖାଇଲା, ସେ ସୂଚନା ବନ ବିଭାଗ ପାଖରେ ନାହିଁ।

# ଭିଜିଲାନ୍ସ ଜାଲରେ ଡାକ୍ତର



ତାଳଚେରସହର/କଣିହାଁ,୧୬ ।୧(ସମିସ): ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ଇନ୍‌ସେଣ୍ଟିଭ୍ ପ୍ରଦାନ ପାଇଁ ୪୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ କୁମାର ପଟେଲ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ପାଖରୁ ରାସାୟନିକ ପ୍ରଲେପ ବୋଳା ୪୯ ହଜାର ଟଙ୍କା ଜବତ କରିଛନ୍ତି। ଡା. ପଟେଲଙ୍କୁ ଗିରଫ କରି ଅନୁଗୋଳ ନିଆଯାଇଛି। ଏଥିସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଡା. ପଟେଲଙ୍କ ୩ଟି ଠିକଣାରେ ଏକକାଳୀନ ଚଢ଼ଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ ଡା. ପଟେଲ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ଇନସେଣ୍ଟିଭ ଟଙ୍କା ଦେବା ପାଇଁ ୪୯ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଡା. ପଟେଲଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ ଶୁକ୍ରବାର ଅପରାହ୍ଣରେ ଡା. ପଟେଲ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ସେଠାରେ ଛକି ବସିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ

ଉମରକୋଟ,୧୬।୧(ସମିମ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଡାଡିଗୁଡ଼ାଠା ପେଟ୍ରୋଲ ପମ୍ପ ନିକଟରେ ଆଜି ସଂଧ୍ୟାରେ ଏକ ଦୁର୍ଘଟଣା ଦୁଇ ସାଙ୍ଗଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଉମରକୋଟ କୁସୁମଗୁଡ଼ାର ନବୀନ ହରିଜନ ଓ ଝରିଗାଁ ରୋଡର ଡାଲି। ଆଜି ସଂଧ୍ୟା ପ୍ରାୟ ୭ଟା ବେଳେ ଦୁହେଁ ଏକ ବାଇକ୍‌ରେ ବରବରଣ୍ଡିରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଡାଡିଗୁଡ଼ାଠା ପେଟ୍ରୋଲ ପମ୍ପ ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ସେମାନଙ୍କ ବାଇକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୩ ଛେଳି ମାରିଲା କଲରାପତରିଆ

ମହୁଲଡିହା, ୧୬ ।୧ (ସମିସ): ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ମଣ୍ଡଳଝରି ଗ୍ରାମ ନିକଟ ଜଙ୍ଗଲରେ ଏକ କଲରାପତରିଆ ବାଘ ୩ଟି ଛେଳିକୁ ମାରିଥିବା ଜଣାପଡ଼ିଛି। ଏହି ଖବର ପଦାକୁ ଆସିବା ପରେ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି। ବାଘଟି ଗୋଟିଏ ଛେଳିକୁ ଖାଇ ଦେଇଥିବା ବେଳେ ଆଉ ୨ଟି ଅଧା ଖାଇଛି। ବାଘ ମାଡିଥିବାରୁ ଚାଷୀ ଆତଙ୍କିତ ହୋଇପଡିଛନ୍ତି। କିଛି ଦିନ ତଳେ ଡଙ୍ଗାଡିହା ଗ୍ରାମରେ ବାଘଟି ଗୋଟିଏ ଛେଳି ଶିକାର କରିଥିଲା। ମଣ୍ଡଳଝରି ଗ୍ରାମକୁ ଜଙ୍ଗଲ ଲାଗି ରହିଛି। ଗାଁ ମୁଣ୍ଡରେ ଚାନ୍ଦୁ ସଏ ସ୍ୱାମୀ ଭୀମଙ୍କ ଘର। ଗତ ୧୪ତାରିଖରେ ତାଙ୍କର ୭ଟି ଛେଳି ମଧ୍ୟରୁ ୪ଟି କୁଆଡ଼େ ହଜି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଆଜି ପାଖ ଜଙ୍ଗଲରୁ ସେ ଛେଳି ୩ଟିର ମୃତଦେହ ଠାବ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗକୁ ଅସମ୍ଭାଳ...

ଉତ୍ପାଦନ ସମ୍ଭବ ହୋଇପାରିଛି। ଗତ ନିର୍ବାଚନ ସମୟରେ ରାଜ୍ୟର ଏକ ଲକ୍ଷ ଘରକୁ ସୌରାଲୋକରେ ଆଲୋକିତ କରାଯିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା । ମାତ୍ର ଗତ ୧୮ ମାସ ମଧ୍ୟରେ ଓଡ଼ିଶାରେ ସୌର ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଉତ୍ସାହଜନକ ହୋଇପାରି ନାହିଁ। ସରକାର ଏହି ପ୍ରକଳ୍ପରେ ମେଗାୱାଟ ପିଛା ପ୍ରାୟ ୧୬ ହଜାରରୁ ୨୪ ହଜାର ଟଙ୍କା ପର୍ଯ୍ୟନ୍ତ ରିଆତି ବ୍ୟବସ୍ଥା କରିଥିଲେ ମଧ୍ୟ ତାହା ଲୋକଙ୍କୁ ପ୍ରଲୋଭିତ କରିପାରି ନାହିଁ। ଏହାପରେ ୧ ମେଗାୱାଟ୍ ସୌର ବିଦ୍ୟୁତ୍ ସଂଯୋଗ ପାଇଁ ହିତାଧିକାରୀଙ୍କ ଅଂଶ ସରକାର ବହନ କରିବାକୁ ଘୋଷଣା କରିଛନ୍ତି । ମାତ୍ର ୫ ହଜାର ଟଙ୍କା ପ୍ରଦାନ କରି ଜଣେ ହିତାଧିକାରୀ ୧ ମେଗାୱାଟ୍ ସୌର ବିଦ୍ୟୁତ୍ ସଂଯୋଗ କରିପାରିବେ ବୋଲି କୁହାଯାଉଛି। ମାତ୍ର ଏହା ବି ବିଶେଷ ଉତ୍ସାହଜନକ ହୋଇନାହିଁ।

ତାପଜ ବିଦ୍ୟୁତ୍ ଉତ୍ପାଦନ ଯୋଗୁଁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହାର ହ୍ରାସ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କଳକାରଖାନାଗୁଡ଼ିକ ସହ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ନିଜସ୍ୱ ତାପଜ ବିଦ୍ୟୁତ୍ ପ୍ରକଳ୍ପ (କ୍ୟାପଟିଭ୍ ପାୱାର ପ୍ଲାଣ୍ଟ) ସ୍ଥାପନକୁ ଅନୁମତି ଦେଉଛନ୍ତି। ଏନ୍‌ଟିପିସି, ଓପିଜିସି ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସହ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକ ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଳ ବିଦ୍ୟୁତ୍ ଓ ନବୀକୃତ ଉତ୍ସରୁ ଶକ୍ତି ସଂଗ୍ରହ ଅପରିହାର୍ଯ୍ୟ ହୋଇ ପଡ଼ିଛି । ତେଣୁ ବର୍ଦ୍ଧିତ ବିଦ୍ୟୁତ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବେଠାରୁ ପଦକ୍ଷେପ ଗ୍ରହଣ ନ କଲେ ଭବିଷ୍ୟତରେ ଶକ୍ତି ଆବଶ୍ୟକତା ସବୁଠାରୁ ବଡ଼ ସମସ୍ୟା ରୂପେ ଉଭା ହେବା ଆଶଙ୍କା ସୃଷ୍ଟି କରିଛି।

### ୨୦ରେ ବିଜେପିକୁ...

ବିଜେପିର ଜାତୀୟରିଟର୍ଣ୍ଣିଂ ଅଧିକାରୀ କେ ଲକ୍ଷ୍ମଣ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ଏହା ଅନୁସାରେ, ଜାନୁଆରୀ ୧୯ ଅପରାହ୍ଣ ୨ରୁ ୪ଟା ମଧ୍ୟରେ ନାମାଙ୍କନ ଦାଖଲ କରାଯିବ ଓ ଏହି ଦିନ ଅପରାହ୍ଣ ୫ରୁ ୬ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରାଯିବ। ଯଦି ଆବଶ୍ୟକ ହୁଏ, ଜାନୁଆରୀ ୨୦ରେ ମତଦାନ ହେବ ଓ ନୂଆ ସଭାପତିଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

### ୩ ଦଶନ୍ଧି ପରେ...

ତ୍ରିପୁରାଠାରୁ ଅଧିକ। ମୁମ୍ବଇରେ ପରାଜୟ ପରେ ଏବେ ଉଦ୍ଧବ ଠାକରେଙ୍କ ଶିବସେନା ଏବଂ ତାଙ୍କ ଭାଇ ତଥା ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମଏନଏସ) ମୁଖ୍ୟଙ୍କ କ୍ୟାରିୟର ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି। ଏହି ନିର୍ବାଚନରେ ମରାଠା ପ୍ରସଙ୍ଗ କାମ କରିନାହିଁ। ନିର୍ବାଚନ ପୂର୍ବରୁ ଠାକରେ ପରିବାର ଏକାଠି ହୋଇଥିଲେ ବି ଲୋକଙ୍କ ଆସ୍ଥା ଭାଜନ ହେବାରେ ବିଫଳ ହୋଇଛି।

ସୂଚନା ଅନୁଯାୟୀ, ନାଗପୁର, ପୁନେ, ଥାନେ, ନଭି ମୁମ୍ବଇ, ପିମ୍ପରି ଚିଞ୍ଚୱାଡ ଏବଂ ନାସିକରେ ବିଜେପି ମେଣ୍ଟ ଆଗରେ ରହିଛି। ଲାତୁରରେ କଂଗ୍ରେସ ବିଜୟୀ ହୋଇଛି। ୭୦ରୁ ୪୩ ଆସନ ହାତେଇଛି। ସେହିପରି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି ଯେ ମୁମ୍ବଇରେ ଯେଉଁ ଭଳି ଭାବେ ଗଣତି ଚାଲିଛି ତାହାକୁ ଦେଖିଲେ ଅଧରାତି ପର୍ଯ୍ୟନ୍ତ ଚୂଡ଼ାନ୍ତ ଫଳାଫଳ ଆସିବ ନାହିଁ। ଭୁଲ ତଥ୍ୟ ଜାରି କରାଯାଉଛି। ରାତି ୯ଟା ସୁଦ୍ଧା ୧୦୦ ୱାର୍ଡରେ ଗଣତି ଆରମ୍ଭ ହୋଇନାହିଁ।

### ନବୀନଙ୍କୁ ଭେଟିଲେ...

ନବୀନ ପଟ୍ଟନାୟକ ଜଣେ ବରିଷ୍ଠ ନେତା। ଓଡ଼ିଶାର ବିକାଶରେ ନବୀନ ପଟ୍ଟନାୟକ ଓ ତାଙ୍କ ପିତା ବିଜୁ ପଟ୍ଟନାୟକଙ୍କ ବହୁତ ବଡ଼ ଅବଦାନ ରହିଛି। ବିଶେଷକରି ଗରିବଙ୍କ ସମ୍ମାନ ଓ ଓଡ଼ିଶାର ଉନ୍ନତି ପାଇଁ ସେ ଯେଉଁ ବିକାଶ କରିଛନ୍ତି, ତାହା ସ୍ପଷ୍ଟ ଭାବେ ଦେଖାଯାଉଛି। ସାଧାରଣଲୋକଙ୍କ ଜୀବନଧାରା ବଦଳାଇବା ପାଇଁ ନବୀନ ବାବୁ ଚେଷ୍ଟା କରିଛନ୍ତି। ଲୋକଙ୍କ ଜୀବନଧାରା କିପରି ବଦଳିବ ଓ ସେମାନେ ସମ୍ମାନର ସହ ବଞ୍ଚିବେ, ସେନେଇ ସରକାରରେ ରହି ନବୀନ ପଟ୍ଟନାୟକ କାର୍ଯ୍ୟ କରିଛନ୍ତି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ରହିଥିଲା। ମୋ ପିତା ନବୀନ ବାବୁଙ୍କ ପିତାଙ୍କ ସହ ମିଶି କାମ କରିଛନ୍ତି। ଆଜି ଆମେ ଦୁଇ ଜଣ ବିଜେପି ବିରୋଧରେ ଲଢ଼େଇ କରୁଛୁ। ରାଜ୍ୟର ଅନେକ ଦିନ ପର୍ଯ୍ୟନ୍ତ ଶାସନରେ ରହି ସେ ଲୋକଙ୍କ ସହ ସେବା କରିଛନ୍ତି। ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ମୋ ସହ ଭଲଭାବେ ବସି କଥା ହେଲେ ବୋଲି ଅଖିଳେଶ କହିଛନ୍ତି।

ଅଖିଳେଶ ଯାଦବ ଶୁକ୍ରବାର ବିମାନବନ୍ଦରରେ ପହଞ୍ଚିବା ପରେ ବିଜେପି ସରକାର ଉପରେ ବର୍ଷିଥିଲେ। ବିଜେପି ଯେଉଁଠାରେ ଦୁର୍ବଳ ହେଉଛି ଓ ନିଜର ଇସ୍ତାହାରରେ ଦେଇଥିବା ପ୍ରତିଶୃତି ପାଳନ କରି ପାରୁନାହିଁ, ସେଠାରେ ସେମାନେ ସାମ୍ପ୍ରଦାୟିକ ରାସ୍ତା ଆପଣାଉଛନ୍ତି ବୋଲି ଅଖିଳେଶ କହିଥିଲେ। ସମାଜବାଦୀ ପାର୍ଟି ବିଭାଜନ ରାଜନୀତି କରେ ନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରେ। ବିଭାଜନ ରାଜନୀତିର ଅନ୍ତ ହେବା ଦରକାର ବୋଲି ଅଖିଳେଶ କହିଛନ୍ତି।

### ବାଂଲାଦେଶ ସେନା...

ଦେଖିବାକୁ ନିରେପକ୍ଷ। ଗତ କିଛି ମାସ ହେଲା ସରକାରଙ୍କ ସହ ସମ୍ପର୍କ ଖରାପ ହେବାରେ ଲାଗିଛି। ବିଭିନ୍ନ ପ୍ରସଙ୍ଗରେ ସେନା ଏବଂ ସରକାରଙ୍କ ଆଭିମୁଖ୍ୟ ଭିନ୍ନ ଭିନ୍ନ ରହିଛି। କିଛି କ୍ଷେତ୍ରରେ ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାର ସେନାମୁଖ୍ୟ ଏବଂ ଅନ୍ୟ ପ୍ରମୁଖ ଜେନେରାଲଙ୍କୁ ମାମଲା ଚଳାଇବାର ଧମକ ଦେଇ ଚପାଇ ଦେଇଛନ୍ତି। ମାତ୍ର ଆଉ ଏକ ଗୋଷ୍ଠୀ ମାନିବାକୁ ନାରାଜ। ଏମାନେ ପାକିସ୍ତାନ କଥାରେ ଚାଲି ଦେଶକୁ ବର୍ବାଦ କରିବାରେ ଲାଗିଛନ୍ତି। ପାକିସ୍ତାନର ଅଯଥା ହସ୍ତକ୍ଷେପ ସ୍ଥିତିକୁ ଅଧିକ ଖରାପ କରିଦେଇଛି। ପାକିସ୍ତାନ ହିନ୍ଦୁ ମୁକ୍ତ ବାଂଲାଦେଶ ଗଠନ କରିବାକୁ ଚାହୁଁଛି। ସେନାରେ ଥିବା ୪୦ ପ୍ରତିଶତ ଚରମପନ୍ଥୀ ଏହାକୁ ସମର୍ଥନ ଦେଉଛନ୍ତି। ଯଦି ଆଗକୁ ଏଭଳି ସ୍ଥିତି ଜାରି ରହେ ତେବେ ଗୃହଯୁଦ୍ଧ ସୃଷ୍ଟି ହୋଇପାରେ।

ସୂଚନା ଅନୁଯାୟୀ, ଗତ ନଭେମ୍ବରରୁ ସେନା ଏବଂ ସରକାରଙ୍କ ମଧ୍ୟରେ ଥିବା ମତଭେଦ ଖୋଲାଖୋଲି ଭାବେ ସାମନାକୁ ଆସିଥିଲା। ସେନାମୁଖ୍ୟ ୱାକର-ଉଜ-ଜମାନ ବାଂଲାଦେଶ ସରକାରଙ୍କୁ ଡିସେମ୍ବରରେ ନିର୍ବାଚନ କରାଇବାକୁ କହିଥିଲେ। ଯଦି ଏ ସଂକ୍ରାନ୍ତରେ କିଛି ନିଷ୍ପତ୍ତି ନିଅନ୍ତି ତେବେ ସେନାକୁ ଜଣାଇବାକୁ କହିଥିଲେ। କିନ୍ତୁ ସରକାର ସେନା ପରାମର୍ଶ ବିନା ନିର୍ବାଚନ ତାରିଖ ଘୋଷଣା କରିଦେଲେ। ସେହିପରି ସେନା ସହ ଆଲୋଚନା ନ କରି ବାଂଲାଦେଶ ସୀମାରେ ରଖାଇନ କରିଡର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ସ୍ଥିତିରେ ସେନାର ଗୋଟିଏ ଗୋଷ୍ଠୀ ଚୁପ ହୋଇ ୟୁନୁସ ସରକାରଙ୍କୁ ହଟାଇବାକୁ ପ୍ରୟାସ କରୁଛି। ବାଂଲାଦେଶରେ ଚାଲିଥିବା ଟାର୍ଗେଟ ହତ୍ୟା ଏବଂ ହିଂସା ପଛରେ ସେନାର ହାତ ରହିଛି ବୋଲି ଏନସିପିର ଅନ୍ତର୍ଜାତୀୟ ସେଲ୍ ମୁଖ୍ୟ ଅଲାଉଦ୍ଦିନ ମହମ୍ମଦ କହିଛନ୍ତି। ଏଜେନ୍ସି ଗୁଡ଼ିକ ଏବଂ ସେନା ମିଶି ଏପରି କରୁଛନ୍ତି। ଏହା ଦ୍ୱାରା କ୍ଷମତା ଅକ୍ତିଆରର ରାସ୍ତା ସଫା ହୋଇଯିବ। ସରକାର ଲୋକଙ୍କ ଭରସା ଜିତିବାରେ ବିଫଳ ହୋଇଛନ୍ତି। ସରକାର ଚଳାଇବା ପାଇଁ ପୁଲିସ, ଅମଲା ଏବଂ ସେନାର ସହାୟତା ଦରକାର, କିନ୍ତୁ ଏପରି ହେଉନାହିଁ। ଏବେ ସେନାର ୨୭ ଜେନେରାଲ ଜେଲ୍‌ରେ ଅଛନ୍ତି। କାରଣ ଏମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସରକାର ଦ୍ୱାରା ପ୍ରାୟୋଜିତ ହିଂସାରେ ସାମିଲ ଥିଲେ।

ବାଂଲାଦେଶରେ ସେନା ଏବଂ ସରକାରଙ୍କ ମଧ୍ୟରେ ମତଭେଦ ଜୋର ଧରିଛି। ଏପରି ସ୍ଥିତିରେ ଫେବୃଆରୀ ୧୫ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଯଦି କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳେ ତେବେ ସେନାର ଗୋଟିଏ ଗୋଷ୍ଠୀ କ୍ଷମତା ପରିବର୍ତ୍ତନ କରିବାକୁ ଚାହିଁ ବସିଛି। ସେନା ସରକାର ଗଠନ ପାଇଁ ଏମାନେ ସୁଯୋଗ ଖୋଜୁଛନ୍ତି। ଯଦି ଅନ୍ୟ ଗୋଷ୍ଠୀ ସହାୟତା ନ କରେ ତେବେ ଗୃହଯୁଦ୍ଧ ସୃଷ୍ଟି ହେବ।

### ବିଦା ହେବେ ଅପାରଗ...

ଛାଟ ପଡ଼ିବା ପରେ ଶିକ୍ଷାନୁଷ୍ଠାନରେ କମ୍ପନ ସୃଷ୍ଟି ହୋଇଛି। କିନ୍ତୁ, ଶିକ୍ଷାବିତମାନେ ଏହାକୁ ଧୂଆଁବାଣ ବୋଲି କହିଛନ୍ତି। ଅନେକ ଶିକ୍ଷାନୁଷ୍ଠାନରେ ଖୋଦ୍ ଅଧକ୍ଷମାନେ ଦୁର୍ନୀତିଗ୍ରସ୍ତ ହୋଇଥିବା ବେଳେ ଆକ୍ରୋଶମୂଳକ ଭାବେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବିରୋଧରେ ରିପୋର୍ଟ ଦେବାର ଆଶଙ୍କା ରହିଛି। ଏଣୁ, ସରକାର ଯଦି ବାସ୍ତବରେ ଅପାରଗ ଅଧିକାରୀଙ୍କୁ ବିଦା କରିବାକୁ ସତରେ ଚାହୁଁଛନ୍ତି, ଏଥିପାଇଁ ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା କରିବା ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

### ଇଏମ୍‌ଆଇ ଜାଲରେ...

ଦୃଷ୍ଟିରୁ ଅସୁବିଧାଗ୍ରସ୍ତ ଋଣଗ୍ରହୀତାଙ୍କ ମଧ୍ୟରେ କରାଯାଇଥିବା ଏହି ସର୍ଭରୁ ଜଣାପଡିଛି ଯେ ୮୫% ଲୋକ ସେମାନଙ୍କ ମାସିକ ଆୟର ୪୦% ରୁ ଅଧିକ କେବଳ ଇଏମ୍‌ଆଇ ପେମେଣ୍ଟରେ ଖର୍ଚ୍ଚ କରିବାକୁ ବାଧ୍ୟ ହୋଇଛନ୍ତି। ମାସିକ ୩୫ ହଜାରରୁ ୬୫,୦୦୦ ଟଙ୍କା ରୋଜଗାର କରୁଥିବା ଲୋକମାନେ କେବଳ ଇଏମ୍‌ଆଇରେ ୨୮ ହଜାରରୁ ୫୨,୦୦୦ ଟଙ୍କା ଦେଉଛନ୍ତି। ଯେତେବେଳେ ଇଏମ୍‌ଆଇ ସେମାନଙ୍କ ଆୟର ଅଧିକାଂଶ ଖାଇଯାଉଛି, ସେତେବେଳେ ଲୋକମାନେ ଟଙ୍କା ସଞ୍ଚୟ କରିବା ପାଇଁ ବିପଦପୂର୍ଣ୍ଣ ପଦ୍ଧତି ଅବଲମ୍ବନ କରୁଛନ୍ତି। ପ୍ରାୟ ୪୦% ଋଣଗ୍ରହୀତା ଗୋଟିଏ କ୍ରେଡ଼ିଟ୍ କାଡର୍ ଜରିଆରେ ଅନ୍ୟ କାଡର୍‌ର ବିଲ୍ ପରିଶୋଧ କରୁଛନ୍ତି ।

ଏପରିକି ଋଣ ଜାଲରେ ପଡ଼ିଥିବା ଲୋକମାନେ ପିଲାମାନଙ୍କ ଶିକ୍ଷା ବନ୍ଦ କରିବା, ଚିକିତ୍ସା ସ୍ଥଗିତ ରଖିବା, ବୀମା ପଲିସି ବାତିଲ୍ କରିବା ଏବଂ ସେମାନଙ୍କର ଖାଇବା ବଜେଟ୍ ହ୍ରାସ କରିଥିବା ଦେଖାଯାଉଛି। କିଛି ଲୋକ (୧୬%) ଦରମା ଅଗ୍ରୀମ ନେଉଛନ୍ତି, ଏପିକି କିଛି ଲୋକ (୧୫%) ସେମାନଙ୍କର ସମ୍ପତ୍ତି, କିଛି ଲୋକ ସୁନା ଅଳଙ୍କାର (୮%), ବନ୍ଧକ ରଖିଥିବା ଦେଖାଯାଇଛି। ଯେତେବେଳେ ଲୋକମାନେ ସମୟ ମଧ୍ୟରେ ଇଏମ୍‌ଆଇ ଦେଇପାରି ନ ଥାନ୍ତି, ସେତେବେଳେ ରିକଭରୀ ଏଜେଣ୍ଟମାନେ ଋଣ ଆଦାୟ ପାଇଁ ଚାପ ପ୍ରୟୋଗ କରନ୍ତି ଓ ୭୨% ଲୋକ ରିକଭରୀ ଏଜେଣ୍ଟ ସେମାନଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ୬୭% ଲୋକ ପ୍ରତି ମାସରେ ୫୦ ରୁ ୧୦୦ ଋଣ ବକେୟା ପରିଶୋଧ କଲ ପାଉଥିବା ପ୍ରକାଶ କରିଛନ୍ତି ।

### ବିଦାୟ ନେବାକୁ...

ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ଥଣ୍ଡା ସାଙ୍ଗକୁ ଜାଡ଼ ପ୍ରଭାବରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ବଡ଼ କଥା ହେଉଛି ଯେ ଗତ ବର୍ଷ ରାଜ୍ୟରେ ଗୋଟିଏ ଦିନ ବି ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଚଳିତ ବର୍ଷ ୧୬ ରାତି ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଚଳିତ ବର୍ଷ ଡିସେମ୍ବର ମାସରେ ଲଗାତାର ୮ ଦିନ 'କୋଲ୍ଡ ୱେଭ୍' ସ୍ଥିତି ସୃଷ୍ଟି ହୋଇଥିବା ବେଳେ ନଭେମ୍ବରରେ ମଧ୍ୟରେ ୩ ଦିନ ଓ ଜାନୁଆରୀରେ ୫ ରାତି କୋଲ୍ଡ ୱେଭ୍ ସ୍ଥିତି ଉତ୍ପନ୍ନ ହୋଇଛି। ପୂରା ଶୀତ ଋତୁରେ ଅର୍ଥାତ ନଭେମ୍ବର ଶେଷରୁ ଜାନୁଆରୀ ଶେଷ ମଧ୍ୟରେ ୫-୬ ଦିନ କୋଲ୍ଡ ୱେଭ୍ ସ୍ଥିତି ସୃଷ୍ଟି ହୋଇଥାଏ। ହେଲେ ଚଳିତ ବର୍ଷ ଏହି ସଂଖ୍ୟା ପ୍ରାୟ ୩ ଗୁଣାରୁ ଅଧିକ ରହିଛି। ଅନ୍ୟପଟେ ଶୀତ ଆକଳନକୁ ନେଇ ଏଥର ଡବ୍ଲୁଏମ୍‌ଓ ଓ ଆଇଏମ୍‌ଡି ଫେଲ୍ ମାରିଛନ୍ତି। ସାଧାରଣତଃ ଲା-ନିନା ବର୍ଷରେ ଶୀତ ଅଧିକ ହେବାର ସମ୍ଭାବନା ଥିବାରୁ ଏବର୍ଷ ଶୀତ ଅଧିକ ପରିବର୍ତ୍ତେ କମ୍ ରହିବ ବୋଲି ଏହି ଦୁଇ ସଂସ୍ଥା ଆକଳନ କରିଥିଲେ। ହେଲେ ଏହି ଦୁଇ ସଂସ୍ଥାଙ୍କ ଆକଳନର ଫଳାଫଳ ସମ୍ପୂର୍ଣ୍ଣ ଓଲଟା ରହିଛି।

ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର ସକାଳ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଥଣ୍ଡା ଅନୁଭୂତ ହେବ। ମାତ୍ର ଏହାପର ୨ ଦିନରେ ରାଜ୍ୟରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ରାତିର ତାପମାତ୍ରା ବୃଦ୍ଧି ପାଇବ। ଫଳରେ ରାଜ୍ୟରୁ ଶୀତର ପ୍ରଭାବ କମିବ। ଅନ୍ୟପଟେ ପଶ୍ଚିମାଝଡ଼ର ପ୍ରଭାବ ହେତୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଛି। ଏହି ସମୟରେ ବିଭିନ୍ନ ସ୍ଥାନରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଜାରି ହୋଇଛି। ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡାରେ ୫, କେନ୍ଦୁଝର ୭, ସମ୍ବଲପୁର ୧୦, ଭୁବନେଶ୍ୱର ୧୦.୫, ପାରାଦୀପ ୧୦.୯, ହୀରାକୁଦ ୧୧.୨ ତାପମାତ୍ରା ରେକର୍ଡ ହୋଇଛି।

## ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ କର୍ତ୍ତବ୍ୟବୋଧ ଦିବସ

# 'ସମାଜର ହିତ ପାଇଁ କାର୍ଯ୍ୟ କରନ୍ତୁ ଶିକ୍ଷକ'




ଭୁବନେଶ୍ୱର, ୧୬ ।୧(ସମିସ): ଶିକ୍ଷକମାନେ ସମାଜଠାରୁ ଆଦର ଓ ସମ୍ମାନ ପାଇବାକୁ ହେଲେ ସେମାନଙ୍କୁ ସମାଜର ହିତ ସାଧନ ଦିଗରେ କାର୍ଯ୍ୟ କରିବାକୁ ହେବ। ଶୈକ୍ଷିକ ବିକାଶ ସହ ସାମାଜିକ ବିକାଶରେ ଅବଦାନ ଦେବାକୁ ପଡ଼ିବ। ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ କର୍ତ୍ତବ୍ୟବୋଧ ଦିବସ ପାଳନ ଉତ୍ସବର ମୁଖ୍ୟ ଅତିଥି ତଥା ବିହାର ସମସ୍ତିପୁରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏହା କହିଛନ୍ତି। ମହାସଂଘର ଉଚ୍ଚଶିକ୍ଷା ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାରେଶ୍ୱର ସାହୁ ଅଧକ୍ଷତା କରିଥିବାବେଳେ ପ୍ରଫେସର ମହେଶ୍ୱର ସାହୁ, ପ୍ରଫେସର ମନୋରଞ୍ଜନ ସେନାପତି, ଡ. ନାରାୟଣ ମହାନ୍ତି, ଡ. ସରୋଜକାନ୍ତ କର, ଡ. ବିଶ୍ୱଜିତ ମଲ୍ଲିକ, ଡ. ସୁଶାନ୍ତ ପ୍ରଧାନ, ଡ. ନିରଞ୍ଜନ ଶବର, ରମେଶ ଚନ୍ଦ୍ର ମହାନ୍ତ, ଡ. ଅଜିତ କୁମାର ସାହୁ, ଡ. ବିଶ୍ୱମୋହନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 120, dated 08.01.2026, **LIJARANI SITHA**, D/o Kailash Sitha resident of Vill.- Kakalama, PO- Darpanarayanpur, Ps.- Sarankul, Dist- Nayagarh, State- Odisha, Pin- 752079 declare that I have changed any name, from **LIJA SITH** to **LIJARANI SITHA.** Henceforth I shall be known as **LIJARANI SITHA** for all purposes.

Sd- **LIJARANI SITHA**

**AFFIDAVIT**

By virtue of an affidavit sworn before Notary Public, Jharsuguda, dated 19/09/2025, I, **Keshar Singh**, Address: Near Vaishno Apartments, Behind Old Income Tax Office, Sarbahal Road, PO/PS/Dist.: Jharsuguda, PIN- 768201, Odisha declare that I have changed my name from **Keshar Sinigh Chawala** To **Keshar Singh.** Henceforth, I shall be known as **Keshar Singh** for all purposes.

**Keshar Singh**

**AFFIDAVIT**

By virtue of an affidavit before the Executive Magistrate, Nabarangpur, I, Bugata Rohit Kumar @ B. Rohit, resident of Patel Marg, Near Axis Bank, Backside of Jain Mandir, Po/Ps/Dist.-Nabarangpur hereby declare that B. Rohit, S/o- B. Sai Krishna and Bugata Rohit Kumar, S/o- Bugata Saikrishna refer to one and the same person, i.e., myself. Henceforth I shall be known as **Bugata Rohit Kumar** for all purposes.

**AFFIDAVIT**

By virtue of an affidavit No. 127 sworn before the Executive Magistrate, Champua on dtd- 15/01/2026. I Bikash Mahanta, S/o- Bharata Ch. Mahanta, permanent resident of Vill/P.o- Uchabali, P.s-Baria, Dist- kendujhar, Odisha, Pin-758044 declare that I have changed my name from **Bhagiratha Mohanta** (Old Name) to **Bikash Mahanta** (New Name), Henceforth I shall be known as **Bikash Mahanta** for all future purposes.

**Bikash Mahanta**

**AFFIDAVIT**

By virtue of an affidavit (CF No. 01, dtd- 16/01/2026) sworn before the Executive Magistrate, Padampur. I, **Sudeshna Sahu,** D/o- Brundaban Sahu, permanent & current resident of AT- Banchhorpali, PO- G.S Dunguripali, PS- Balangir Sadar, Dist- Balangir, PIN- 767024, Odisha declare that I have changed my name from **Puspa Sahu** to **Sudeshna Sahu.** Henceforth, I shall be known as **Sudeshna Sahu** (new name) for all purposes.

**Sudeshna Sahu**

B-940

E-mail ID: eepwd765017@gmail.com
Phone-(06856)233066

Government of Odisha
"E" Procurement Notice

OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II
**Short Bid Identification No: RC (RANDB) RGD No-II 18/2025-26 (Online tender)**
**No.56 / Dated 05.01.2026**

1. Total No. of the works: - 1 No Building Work **(Double cover System)**
2. Approximate estimated Cost: - Rs 52.25 Lakhs
3. Period of completion : - 05 (Five) Calendar months
4. Date & Time of availability of bid document in the portal:-**11.00 Hrs. of dated 19.01.2026 to 17.00 Hrs. of dated** 31.01.2026 **for online bidding.**
5. Last date/Time for receipt of bids in the portal: - Up to 17.00 Hrs. of **dated 31.01.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated** 02.02.2026
8. Further details can be seen from the *e-Procurement* portal: **www.tendersodisha.gov.in.**
9. Further Addendum/Corrigendum if any will be hosted in the above website only.

OIPR-

Superintending Engineer
Rayagada (R&B) Division No-II

A-1267

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD,**
**Email address: semech-eicwr.od@od.gov.in**
**E-Procurement Notice- Bid Identification No. ACEMC/MDHKD: 04/2025-26 & ACEMC/MDRKL-05/2025-26 dt.12.01.2026**

1. Name of the Work : Mechanical Gate Works of MI Division, Jharsuguda & MI Division, Sundargarh
2. No. of Work : 02 (Two) Nos.
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD:**04**/2025-26 & ACEMC/MDRKL:**05**/2025-26, dt.12.01.2026
5. Estimated Cost : i.11.01Lakh & ii.10.16Lakh (Excluding GST)
6. Period of Completion : Two Calendar Months each.
7. Date & time of availability of bid documents in the Portal : From dt.20.01.2026 (10.00AM) to dt.01.02.2026 (5.30PM)
8. Last date/ time for receipt of bid : dt.01.02.2026(up to 5.30 PM) In the Portal
9. Date and place of opening of bid : dt.02.02.2026, 11.30 AM onwards in O/o the undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud.

Further details can be seen only from e-procurement portal **https://tendersodisha.gov.in**

**OIPR-**

**Additional Chief Engineer**
**Mechanical Circle, Hirakud**

MM-504

ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE

OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com

Office Letter No. 24/1F (Account), Dated 13.10.2026

RESULT OF TENDER CALLED VIDE BID IDENTIFICATION NO: 02/2025-26 OF DD – SNWLD JASHIPUR OF THE DEPUTY DIRECTOR, SIMILIPAL NORTH WL DIVISION, JASHIPUR

The following Bidder are selected as L1 & L2 bidder through tender process held on 12.01.2026 at 12.00 in the office chamber of the Deputy Director, Similipal North WL Division, Jashipur for Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26

The detailed list of successful Bidder is given below.

| Sl. No. | Name of the Bidder | Name of Work | Percentage / amount offered by the bidders | Remarks |
|---|---|---|---|---|
| 01 | DEBASISH KUMAR SAHOO | Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-1 Bidder (Selected through transparency lottery system) |
| 02 | LIPIKA HANSDAH | Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-2 Bidder (Selected through transparency lottery system) |

OIPR-

Deputy Director,
Similipal (North) WL Division,
Jashipur

WEB : www.kbvm.org.in Phone : 06810-270110
E-mail : kbvm2012@gmail.com

OFFICE OF THE PRINCIPAL
KABISURYA BALADEV VIGYAN MAHAVIDYALAYA
(Accredited 'B' by NAAC)
KABISURYANAGAR-761104 (GANJAM)

**TENDER CALL NOTICE**

Sealed quotations are invited from interested registered book dealers for supply of books under NEP of an estimated cost of Rs.2,00,000/-. For detailed book list and terms and conditions bidders may visit: **www.kbvm.in**.

Sd/- PRINCIPAL,
K B V MAHAVIDYALAYA,
KABISURYANAGAR

**OFFICE OF COLLECTOR & DM : BALASORE** g-149

**Tender Call Notice No.: 41 Dt.15.01.2026**

"Sealed Quotations are invited from the registered Supplier/Farm/Agencies for Tentage & Allied Works and Event Management for District Level Subhadra Shakti Mela at Balasore. Tender documents and other details can be downloaded from https://balasore.odisha.gov.in"

Last Date:02.02.2026

Sd/-
OIPR- DSWO, Balasore

WEB : www.kbvm.in Phone : 06810-270110
E-mail : kbvm2012@gmail.com

OFFICE OF THE PRINCIPAL
KABISURYA BALADEV VIGYAN MAHAVIDYALAYA
(Accredited 'B' by NAAC)
KABISURYANAGAR-761104 (GANJAM)

**WALK-IN-INTERVIEW**

A walk-in-interview for the selection of the following Non-teaching posts shall be conducted on **Dt.29.01.2026 (Thursday)** at **10.30 AM** in the college premises. Interested candidates are required to report the office of the undersigned with resume, original and photocopies of all the certificates (self-attested) and a photograph for the interview.

| Post | No. | Required Qualification |
|---|---|---|
| **Lab Attendant** Chemistry, Botany, Zoology | 03 | 10th Pass |
| **Peons** | 04 | 7th Pass (Ability to read and write English & Odia shall be preferred) |
| **Sweeper** | 01 | 7th Pass |

The undersigned reserves the right to cancel such engagement fully or partly without assigning any reason thereof.

Sd/- PRINCIPAL,
K B V MAHAVIDYALAYA,
KABISURYANAGAR

### କେନ୍ଦ୍ରାପଡ଼ାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

# ଏସ୍‌ପି ଅଫିସ ଘେରିଲେ ବିଜେଡି ବିଧାୟକ ଓ ଶୀର୍ଷ ନେତା






କେନ୍ଦ୍ରାପଡ଼ା, ୧୬।୧(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଚରମ ସୀମାକୁ ପହଞ୍ଚିଥିବା ଅଭିଯୋଗରେ ଶୁକ୍ରବାର ଜିଲ୍ଲା ବିଜୁ ଜନତା ଦଳ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରଉ କରିଛି। ହଜାର ହଜାର ବିଜେଡି କର୍ମୀ, ବିଧାୟକ ଓ ପୂର୍ବତନ ମନ୍ତ୍ରୀ ରାଜ୍ୟରେ ବିଜେପି ସରକାରଙ୍କ ଆଇନ୍‌ଶୃଙ୍ଖଳା ବିଫଳତା ବିରୋଧରେ ଗର୍ଜନ କରିଥିଲେ। ପୁଲିସ ସହ ଧକ୍କା ଧକ୍କି ପରେ ଅନେକ ନେତା ଓ କର୍ମୀଙ୍କୁ ଗିରଫ କରାଯାଇଥିଲା। ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରତିବାଦ ସଭାରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ସରକାର ଓ ପୁଲିସ ପ୍ରଶାସନକୁ ତୀବ୍ର ସମାଲୋଚନା କରିଥିଲେ।

ଆଜି ପ୍ରତିବାଦ ସଭାରେ ବକ୍ତାମାନେ ଅଭିଯୋଗ କରି କହିଥିଲେ, ଜିଲ୍ଲାର ଥାନାଗୁଡ଼ିକ ଏବେ ସରକାରୀ ଦଳ କାର୍ଯ୍ୟାଳୟରେ ପରିଣତ ହୋଇଛି। ଶାସକ ଦଳ ସହ ସମ୍ପୃକ୍ତ ଲୋକଙ୍କ ପାଇଁ ଆଇନ ନିର୍ବଳ, ସାଧାରଣ ଲୋକଙ୍କ ପାଇଁ କଠୋର। ଏହି ଦ୍ୱିତୀୟ ମାନଦଣ୍ଡ ଯୋଗୁଁ ଜିଲ୍ଲାରେ ଅପରାଧୀଙ୍କ ଦୌରାତ୍ମ୍ୟ ବଢ଼ିଛି। ରାଜନଗରରେ ଜଣେ ମହିଳା ପ୍ରଶାସନିକ ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ଉଦାହରଣ ଦେଇ ବିଜେଡି ନେତାମାନେ କହିଥିଲେ, ଜିଲ୍ଲାରେ ମହିଳା ସୁରକ୍ଷା ପୂରାପୂରି ଧ୍ୱଂସ ହୋଇଯାଇଛି। ଏତଲା ଦେବା ସତ୍ତ୍ୱେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଆଇନର ଶାସନ ଉପରେ ଗୁରୁତର ପ୍ରଶ୍ନ ଉଠିଛି। ପ୍ରତିବାଦ ସଭା ପରେ ବିଜେଡି କର୍ମୀ ଏସ୍‌ପି କାର୍ଯ୍ୟାଳୟକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିବାବେଳେ ପୁଲିସ ସେମାନଙ୍କୁ ଅଟକାଇ ଗିରଫ କରିଥିଲା। ଆନ୍ଦୋଳନ ପୂର୍ବରୁ ଏସ୍‌ପି କାର୍ଯ୍ୟାଳୟ ଛାଡ଼ି ପଳାଇଥିବା ଅଭିଯୋଗ ମଧ୍ୟ ରାଜନୈତିକ ମହଲରେ ତୀବ୍ର ଚର୍ଚ୍ଚା ସୃଷ୍ଟି କରିଛି।

ସମଗ୍ର ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ନେଇ ଗଭୀର ଅସନ୍ତୋଷ ସାମ୍ନାକୁ ଆଣିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଆଇନଜୀବୀ ଭୀମସେନ ଭୂୟାଁ, ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋସ୍ନା ସାହୁ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରଦ୍ୟୁମ୍ନ ସାମନ୍ତରାୟ, ରଞ୍ଜିତ ସାହୁ, ପ୍ରଦୀପ୍ତ ମହାନ୍ତି, ଲୋହିତ ମହାନ୍ତି, ପ୍ରମୋଦ ରଥ, ଆଲୋକ ସାହୁ, ହିରଣ୍ୟ ପଣ୍ଡା, ନିରଞ୍ଜନ ରାଉତ, ରାଜେଶ ପଣ୍ଡା, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ରଶ୍ମିତା ସେଠୀ, ସ୍ୱାଧୀନ ନାୟକ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ପୁଲିସକୁ ତୀବ୍ର ସମାଲୋଚନା କରିବା ସହ ବିଜେପି ସରକାର ଏଥିପାଇଁ ଦାୟୀ ବୋଲି କହିଥିଲେ। ଏହାର ଉଚିତ ଜବାବ ଦିଆଯିବ ବୋଲି କର୍ମୀ ରଣହୁଙ୍କାର ଦେଇଥିଲେ। ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିରଞ୍ଜନ ପରିଡ଼ା, ପ୍ରତାପ ନାରାୟଣ ମହାପାତ୍ର, ସମ୍ବିତ ଶ୍ରୀଚନ୍ଦନ, ହିବଜୁର ରହେମାନ, ପ୍ରଭାତ ଉଡାନ ସିଂ, ଯଯାତି ମହାନ୍ତି, ମଣ୍ଟୁ ମହାନ୍ତି, ମଧୁଛନ୍ଦା ମହାନ୍ତି, ମୋହନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଜୁକୀ ଶୋ'ରୁମ୍‌ରେ ଗ୍ରାହକ ଶୋଷଣ ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୧୬।୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ସୁଜୁକୀ ଶୋ'ରୁମ୍ ଦ୍ୱାରା ଶୋଷଣର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଅଞ୍ଚଳର ଶ୍ରୀଗଣେଶ ଅଟୋ ମୋବାଇଲ୍ ଏଭଳି ଶୋଷଣ କରିବା ସହିତ ଠକିଥିବା ନେଇ ଅଭିଯୋଗ ଆସିଛି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ନାଗରିକ ତଥା ଗାନ୍ଧିକ ଡ. ନୀଳମଣି ଲେଙ୍କା ଗତ ଜୁଲାଇ ମାସ ୨୦୨୫ରେ କେନ୍ଦ୍ରାପଡ଼ା ଶ୍ରୀଗଣେଶ ଅଟୋ ମୋବାଇଲରୁ ଏକ ସୁଜୁକୀ ସ୍କୁଟି କ୍ରୟ କରିଥିଲେ। ୧୫ ଦିନ ମଧ୍ୟରେ ଆସେସରୀ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡ଼ିବାରୁ ଡ. ଲେଙ୍କା ଶୋ'ରୁମର ଦୃଷ୍ଟିକୁ ଆଣିଥିଲେ। ବର୍ଷେ ପର୍ଯ୍ୟନ୍ତ ୱାରେଣ୍ଟି ଥିବାରୁ ନୂତନ ଆସେସରୀ ଯୋଗାଇ ଦିଆଯିବ ବୋଲି ଶୋ'ରୁମ୍ ପକ୍ଷରୁ କୁହାଯାଇଥିଲେ ହେଁ ଅଦ୍ୟାବଧି ଯୋଗାଇ ଦିଆଯାଇନାହିଁ। ଅନ୍ୟପକ୍ଷରେ ସ୍କୁଟି ସର୍ଭିସ ସମୟରେ ଗାଡ଼ିର କୌଣସି ଯାଞ୍ଚ ନ କରିବା ଓ ଗାଡ଼ି ନ ଧୋଇ କେବଳ ଇଞ୍ଜିନ ଅଏଲ ବଦଳାଇ ଦେଉଥିବା ଡ. ଲେଙ୍କା ଗୁରୁତର ଅଭିଯୋଗ ଆଣିଛନ୍ତି। ସେହିପରି ସ୍ଥାନୀୟ ପୋଖରୀଆପଡ଼ା ଗ୍ରାମର ଜଣେ କଲେଜ ଛାତ୍ର ଜନ୍ମେଜୟ ଲେଙ୍କାଙ୍କଠାରୁ ୭/୧୨/୨୦୨୫ରେ ସମ୍ପୃକ୍ତ ଅଟୋ ମୋବାଇଲ୍ ୧ ଲକ୍ଷ ୩୩ ହଜାର ଟଙ୍କା ନେଇ ସ୍କୁଟି ଦେବାକୁ ଥିଲେ ହେଁ ଅଟୋ ମୋବାଇଲ୍ ପକ୍ଷରୁ ସ୍କୁଟି ଦିଆଯାଇ ନ ଥିଲା। ଜନ୍ମେଜୟ ଟଙ୍କା ଫେରସ୍ତ ଚାହିଁବାରୁ ତାଙ୍କୁ ୯୩ ହଜାର ଟଙ୍କା ଅଟୋ ମୋବାଇଲ୍ ଫେରାଇ ଥିବାବେଳେ ଅବଶିଷ୍ଟ ୨୦, ୦୦୦ ଟଙ୍କା ଆଜିକାଲି କହି ଫେରାଉ ନ ଥିବା ଗୁରୁତର ଅଭିଯୋଗ ହୋଇଛି। ଶ୍ରୀଗଣେଶ ଅଟୋ ମୋବାଇଲ୍ ଗ୍ରାହକଙ୍କୁ ଶୋଷଣ କରିବା ଓ ଠକିବା ଘଟଣାକୁ ନେଇ ଡ. ଶ୍ରୀ ଲେଙ୍କା ଓ କଲେଜ ଛାତ୍ର ଜନ୍ମେଜୟ ପ୍ରତିକ୍ରିୟା ବ୍ୟକ୍ତ କରିବା ସହିତ ଜିଲ୍ଲାପାଳ ଓ ପରିବହନ ବିଭାଗ, ସମ୍ପୃକ୍ତ ଅଟୋ ମୋବାଇଲର ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜ ପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଗ୍ରାହକଙ୍କୁ ନ୍ୟାୟ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହି ଘଟଣାରେ ଶ୍ରୀଗଣେଶ ଅଟୋ ମୋବାଇଲର ପ୍ରତିକ୍ରିୟା ମିଳିପାରିନାହିଁ।

## ମିଲେନିୟମ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଉତ୍ସବ




**ରାଜକନିକା, ୧୬।୧(ସମିସ):** ରାଜକନିକାର ଶିଶୁଆ ଓ ଚନ୍ଦନପୋଖରୀ ଛକରେ ଅବସ୍ଥିତ ମିଲେନିୟମ ପବ୍ଲିକ ସ୍କୁଲର ଆଜି ସପ୍ତମ ପ୍ରତିଷ୍ଠା ଦିବସ ଅବସରରେ ଶିଶୁଆସ୍ଥ ମୁଖ୍ୟ ଶାଖାରେ ବିଜ୍ଞାନ ଦକ୍ଷତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୪୮ଟି ଷ୍ଟଲରେ ୧୩୦ ଜଣ ଛାତ୍ରଛାତ୍ରୀ ସେମାନଙ୍କ ବିଜ୍ଞାନ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ସମାରୋହରେ ରାଜକନିକା ବିଇଓ ରତିକାନ୍ତ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ପଙ୍କଜ ଦାସ, ଭାଇସ ପ୍ରିନ୍ସିପାଲ ସୁଷମା ଦାଶଙ୍କ ଉପସ୍ଥିତିରେ ସୁଶାନ୍ତ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଅତିଥିମାନେ ଷ୍ଟଲ ବୁଲି ଦେଖିବା ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ଅର୍ଚ୍ଚନା ବେହେରା, ତିଲୋତ୍ତମା ମଲ୍ଲିକ, ଗାୟତ୍ରୀ ସ୍ୱାଇଁ, ପ୍ରିୟଙ୍କା ବେହୁରା, ପୂର୍ଣ୍ଣିମା ଜେନା, ସସ୍ମିତା ନାୟକ, ସୌଭାଗ୍ୟଲକ୍ଷ୍ମୀ ପାଢ଼ୀ, କୁଲସୁମ ଅଲ୍ଲୀ, ପୂଜା ମିଶ୍ର, ମନୀଷା ପ୍ରିୟଦର୍ଶିନୀ, ବନ୍ଦନା ସାହୁ, ତନୁଶ୍ରୀ ପୃଷ୍ଟି, ଅନ୍ନ୍ୟନା ପାତ୍ର, ପ୍ରଜ୍ଞା ପାରମିତା ବେହେରା, ସାକ୍ଷୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାଇସ ପ୍ରିନ୍ସିପାଲ ସୁଷମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା, ୧୬।୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଉଦ୍ୟମରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା, ପରିଚ୍ଛନ୍ନତା ଓ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ନେଇ ସମୀକ୍ଷା କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଶ୍ୟାମସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ଡ. ମନୋରଞ୍ଜନ ସାହୁ, ଆକାଉଣ୍ଟସ ମ୍ୟାନେଜର ବିଷ୍ଣୁପ୍ରସାଦ ସାହୁ ଓ ଫାଇନାନ୍ସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ଥିରୋଗ ଓ ସର୍ଜରୀ ବିଭାଗ, ପରୀକ୍ଷାଗାର, ମେଡ଼ିସିନ ବିଭାଗ, ଏସଏନସିୟୁ, ପୁଷ୍ଟି ପୁନର୍ବାସ କେନ୍ଦ୍ର, ସୁରକ୍ଷା ଓ ସଫେଇ ବିଭାଗକୁ 'କାୟାକଳ୍ପ' ସମ୍ମାନ ଅନ୍ତର୍ଗତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଏଥିସହିତ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଡିଇଆଇସିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ସେବା ଓ ଦୀର୍ଘ ଅବଦାନ ପାଇଁ ସିନିୟର କନସଲଟାଣ୍ଟ ଡ. କିଶୋର ମିଶ୍ର, ଶିଶୁ ବିଭାଗ ଚିକିତ୍ସକ, ସର୍ଜରୀ ସ୍ପେସାଲିଷ୍ଟ ବି.କେ. ଦାସ, ହସ୍ପିଟାଲ ମ୍ୟାନେଜର ପ୍ରଭାତ ନାୟକ, ପୂର୍ବତନ ହସ୍ପିଟାଲ ମ୍ୟାନେଜର ସୁନୀତା ପ୍ରଧାନ, ହସ୍ପିଟାଲ ମ୍ୟାନେଜର ସୁଭାଶିଷ ସାଠୁଆ, ଆକାଉଣ୍ଟାଣ୍ଟ କୁମରେଶ ନାୟକ, ଏନଆରସି. କାଉନସେଲର ଅମ୍ରିତା ଜେନା ଓ ସୁସ୍ମିତା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଡେପୁଟି ହସ୍ପିଟାଲ ମ୍ୟାନେଜର ଡ. ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଉଜ୍ୱଳା ଗ୍ୟାସ୍ ନାଆଁରେ ଏଜେନ୍ସିର ଜୁଲୁମ

## ଚୁଲା ପାଇଁ ୧୮୦୦ ଟଙ୍କା ଦାବି

**ମହାକାଳପଡ଼ା, ୧୬।୧(ସମିସ):** ଉଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ଜଣେ ହିତାଧିକାରୀ ଆବେଦନ କରିଥିଲେ। ତେବେ ଗ୍ୟାସ୍ ଏଜେନ୍ସୀ ହିତାଧିକାରୀଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରିବା ସହିତ ଭଲ ଚୁଲା ପାଇଁ ୧୮୦୦ ଟଙ୍କା ଦାବି କରୁଥିବା ହିତାଧିକାରୀ ଅଭିଯୋଗ ଆଣିଛନ୍ତି। ଦେଉଳପଡ଼ା ପଞ୍ଚାୟତ ଅଧୀନସ୍ଥ ଚଣ୍ଡିଆପଲ୍ଲୀ ଗ୍ରାମର ତରଙ୍ଗିଣୀ ପରିଡ଼ା ଉଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ନିକଟସ୍ଥ ଏମଏସ ସ୍ୱସ୍ତିଦୀପ ଏଚପି ଗ୍ୟାସ ଏଜେନ୍ସିରେ ଆବେଦନ କରିଥିଲେ। କାଗଜପତ୍ର ଦାଖଲ ପରେ ତାଙ୍କ ନାମରେ ଗ୍ୟାସ୍ ଅନୁମୋଦନ ହୋଇସାରିଛି। ତେବେ ଆଜି ପର୍ଯ୍ୟନ୍ତ ତାଙ୍କୁ ଗ୍ୟାସ୍ ପ୍ରଦାନ କରୁନି ଏଜେନ୍ସି। ଯୋଜନା ଅଧୀନରେ ଯେଉଁ ଗ୍ୟାସ୍ ଚୁଲା ମିଳୁଛି, ତାହାକୁ ନ ଦେଇ ଭଲ ଗ୍ୟାସ୍ ଚୁଲା ଦେବାକୁ କହି ୧୮୦୦ ଟଙ୍କା ଦେବାକୁ ଏଜେନ୍ସି କର୍ମଚାରୀ ଦାବି କରୁଥିବା ତରଙ୍ଗିଣୀଙ୍କ ପୁଅ ପବିତ୍ର ପରିଡ଼ା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବାରମ୍ବାର ଅଫିସକୁ ଆସୁଥିଲେ ମଧ୍ୟ ତାଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରାଯାଉଛି। ଆଜି ସମ୍ପୃକ୍ତ ଏଜେନ୍ସିର କର୍ମଚାରୀ ଉଜ୍ୱଳା ଯୋଜନାରେ ମିଳୁଥିବା ଚୁଲା ତାଙ୍କ ପାଖରେ ନ ଥିବା କହିବା ସହ ୧୮୦୦ ଟଙ୍କା ଦେଲେ ଭଲ ଚୁଲା ଦିଆଯିବ। ପବିତ୍ର ଏହାକୁ ନେଇ ପ୍ରତିବାଦ କରିଥିଲେ। ସରକାର ଯେଉଁ ଚୁଲା ଦେଉଛନ୍ତି ସେହି ଚୁଲା ପ୍ରଦାନ କରିବାକୁ ସେ କହିବା ପରେ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ମାଲିକଙ୍କୁ ପଚାରିବାକୁ କହିଥିଲେ। ଏଠି ପ୍ରଶ୍ନ ସରକାର ସାଧାରଣ ଲୋକଙ୍କ ସୁବିଧା ପାଇଁ ମାଗଣା ଯୋଜନାରେ ଗ୍ୟାସ୍ ପ୍ରଦାନ କରୁଥିବାବେଳେ ଏଜେନ୍ସି ତରଫରୁ ଅନ୍ୟ ଆକାରରେ ଅଧିକ ଟଙ୍କା ହିତାଧିକାରୀଙ୍କ ପାଖରୁ ଜୁଲମ କରିବା ପଛରେ କାରଣ କ'ଣ? ଏଥିପାଇଁ ସରକାରଙ୍କ ତରଫରୁ କିଛି ନିର୍ଦ୍ଦେଶନାମା ରହିଛି କି? ଯଦି ନା ତେବେ ପବିତ୍ରଙ୍କ ମାଆ ତରଙ୍ଗିଣୀଙ୍କ ଭଳି ଅନ୍ୟ ହିତାଧିକାରୀ ଏଜେନ୍ସିର ଏହି ଜୁଲମର ଶିକାର ହେଉନାହାନ୍ତି ତ? ଯଦି ଦୁଇଦିନ ମଧ୍ୟରେ ଏଜେନ୍ସି ଗ୍ୟାସ୍ ପ୍ରଦାନ ନକରେ ତେବେ ସେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।




## ନାଟକ 'ଭିନ୍ନ ଏକ ସହଯାତ୍ରୀ' ମଞ୍ଚସ୍ଥ

**କେନ୍ଦ୍ରାପଡ଼ା, ୧୬।୧(ସମିସ):** ମଣିଷ ତା' ଜୀବନ ଯାତ୍ରାରେ ସବୁବେଳେ ସହଜ, ସରଳ, ସୁବିଧା ରାସ୍ତାକୁ ଆପଣେଇ ଥାଏ। କୌଣସି ଜଟିଳତା, ଆହ୍ୱାନକୁ ଆପଣେଇ ହାରଜିତର ଅନିଶ୍ଚିତତା ଭିତରେ ଘାଣ୍ଟି ହେବା ଅପେକ୍ଷା ଏକ ଆରାମପ୍ରଦ ସୀମିତ ବଳୟ ମଧ୍ୟରେ ନିରାପଦରେ ଜୀବନ କାଟିବାକୁ ଶ୍ରେୟ ମନେ କରିଥାଏ। ସମସ୍ତେ ଖୋଜି ବସନ୍ତି ନିଜକୁ ସୁହାଇଲା ଭଳି ଚାକିରି ବା ବ୍ୟବସାୟ। ବିବାହ କ୍ଷେତ୍ରରେ ମଧ୍ୟ ପୁଅ ବା ଝିଅର ଶିକ୍ଷା, ଚାକିରି, ବ୍ୟବହାର ଓ ଆଚରଣ ସହ ଖାପ ଖାଇଲା ପରି ପାତ୍ରଟିଏ ଖୋଜାଯାଏ। ତେଣୁ ପ୍ରାୟ ଅଧିକାଂଶ କ୍ଷେତ୍ରରେ ଆମେ ସମାନ ବୃତ୍ତିଧାରୀ ଦମ୍ପତିଙ୍କୁ ଦେଖିବାକୁ ପାଉ। ଯେପରି ଅଧ୍ୟାପକ-ଅଧ୍ୟାପିକା, ଡାକ୍ତର-ଡାକ୍ତରାଣୀ ଇତ୍ୟାଦି। କିନ୍ତୁ ଶୈଳେନ୍ଦ୍ର ପରି ଜଣେ ଶାନ୍ତ, ସରଳ, ଅତିସହଣୀୟ, ନମ୍ର ସ୍ୱଭାବର ସ୍ୱଚ୍ଛ ବେତନଭୋଗୀ ସାଧାରଣ ସ୍ୱାସ୍ଥ୍ୟ ଥିବା ଯୁବ ଅଧ୍ୟାପକଙ୍କ ସହ ଖେଳ, ଦୌଡ଼, କୁସ୍ତିରେ ନିପୁଣା, ଅତି ସୁଦକ୍ଷା ଓ ସାହସରେ ପୁରୁଷାଧିକ ଜଣେ ମହିଳା ପୁଲିସ୍ ଇନ୍‌ସପେକ୍ଟରଙ୍କୁ ଯଦି ବାହା କରି ଦିଆଯାଏ, ତେବେ ତା'ର ପରିଣତି ସେହି ଦମ୍ପତି, ପରିବାର ଓ ସମାଜ ପ୍ରତି ଶୁଭଙ୍କର ହେବ ତ। ସମୟ ଆସିଗଲାଣି ଆଜିର ନାରୀ ସହ ପାଦ ମିଳାଇ ଚାଲିବାକୁ ହେଲେ ପୁରୁଷ ସଶକ୍ତିକରଣ ବା ପୁରୁଷର ସ୍ୱଶକ୍ତିକରଣ ଆବଶ୍ୟକ। ଏମିତି ଏକ ବାସ୍ତବମୁଖୀ ଭାବନା ଓ ପରୀକ୍ଷାମୂଳକ ପ୍ରୟୋଗକୁ ନେଇ ନାଟକ 'ଭିନ୍ନ ଏକ ସହଯାତ୍ରୀ' ନାଟକ ପେଣ୍ଠ ବଛରାଇଠାରେ ମଞ୍ଚସ୍ଥ ହୋଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବ ସାରସ୍ୱତ ସେବା ଟ୍ରଷ୍ଟ ପକ୍ଷରୁ ପଞ୍ଚଧ୍ୱନି ନାଟ୍ୟ ପରିଷଦ ପରିବେଷଣ କରିଛି ଏହି ନାଟକ। ଯାହାର ରଚନା ପଞ୍ଚାନନ ଦାଶ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମହାନ୍ତି।




## ପୂର୍ବତନ ସମିତି ସଭ୍ୟାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ରାଜନଗର, ୧୬।୧(ସମିସ):** ରାଜନଗର ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ରାଉଳଙ୍କ ଧର୍ମପତ୍ନୀ ଚାନ୍ଦିବାଉଁଶମୁଳ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ତଥା ମହୀୟସୀ ମହିଳା ସ୍ୱର୍ଗୀୟା ପାର୍ବତୀ ରାଉଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବରଦା କାନ୍ତ ଜେନାଙ୍କ ସଂଯୋଜନା ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନା, ବିଜେପି ନେତା ଜ୍ଞାନ ରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର କୁମାର ରାଉତ, ରାଜନଗର ନିର୍ବାଚନ ମଣ୍ଡଳୀ ଶ୍ରୀରାମ ସେନାର ସଭାପତି ସାରଦା ରାଉତ, ଅଜୟ କୁମାର ବେହେରା, ବିଜୟ କୁମାର ଜେନା, କୃପାସିନ୍ଧୁ ସାମଲ, ସତ୍ୟବାଦୀ ଜେନା, ପ୍ରଶାନ୍ତ କୁମାର ରାଉତ, ଅନାଦି ଚରଣ ଜେନା, ମହେଶ୍ୱର ରାଉତ, ଦେବାଶିଷ ପାତ୍ର, ଭଗବତୀ ରାଉତ, ସନ୍ତୋଷ କୁମାର ମହାନ୍ତି, ବୁଲୁ ମିଶ୍ର, କୈଳାସ ଚନ୍ଦ୍ର ମହାନ୍ତି, ଭବାନୀ ମହାପାତ୍ର, ସୁଶାନ୍ତ ପ୍ରଧାନ, ଚିତ୍ତ ରଞ୍ଜନ ସାହୁ, ଗଗନ ବିହାରୀ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡ଼ା, ସମୀର କୁମାର ମଣ୍ଡଳ, ପରମେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ରାଉଳ, ସୀତାକାନ୍ତ ରାଉଳ, ସରୋଜ ରାଉଳ, ଶ୍ରୀକାନ୍ତ ରାଉଳ, ଜୟନ୍ତ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।



## ଜଣେ ୱାରେଣ୍ଟି ସହ ଅନ୍ୟ ୨ ଆସାମୀ ଗିରଫ

**ରାଜନଗର, ୧୬।୧(ସମିସ):** ହଂସୁଆ ସେତୁ ନିକଟ ଡିଆପାରୀ ଗ୍ରାମର ଧିରେନ୍ଦ୍ର ସେଠୀଙ୍କ ନାମରେ ଦୀର୍ଘଦିନ ହେବ ୱାରେଣ୍ଟ ଜାରି ହୋଇଥିଲା। ତାଙ୍କୁ ରାଜନଗର ପୁଲିସ ଧରି କୋର୍ଟ ଚାଲାଣ କରିଛି। ଏହାବ୍ୟତୀତ ତାଙ୍କ ସାନଭାଇ ବୀରେନ୍ଦ୍ର ସେଠୀ ୨୦୨୫ରେ ଧିରେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ମାଡ ମାରିଥିଲା। ସେହି ମାମଲାରେ ବୀରେନ୍ଦ୍ରକୁ ଗିରଫ କରାଯାଇଛି। ଘଡିଆମାଳ ପଞ୍ଚାୟତ ପଞ୍ଚୁପଲୀ ଗ୍ରାମର ବିଜୟ ନାୟକଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯାଇଛି। ୨୦୨୧ରେ ବିଜୟ ଜଣେ ନାବାଳିକକୁ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା।

## ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ




**କେନ୍ଦ୍ରାପଡ଼ା, ୧୬।୧ (ସମିସ):** ଏଠାରେ ଚାଲିଥିବା କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ କହିଥିଲେ, କେନ୍ଦ୍ରାପଡ଼ାକୁ ଶିକ୍ଷା କ୍ଷେତ୍ରରେ ଆଗୁଆ ଜିଲ୍ଲା ଭାବେ ଉଲ୍ଲେଖ କରିବା ସହ ରାଜ୍ୟରେ ଶିକ୍ଷା ନୀତି ଓ ଶିକ୍ଷା କ୍ଷେତ୍ରରେ ହେଉଥିବା ବିଭିନ୍ନ ସଂସ୍କାର ବିଷୟରେ ଆଲୋକପାତ କରିଥିଲେ। ଶିଶୁ ବାଟିକା ବ୍ୟବସ୍ଥା, ଶିଶୁ ସେବିକା ନିଯୁକ୍ତିକୁ ଗୁରୁତ୍ୱ, ମଧ୍ୟାହ୍ନଭୋଜନରେ ପୁଷ୍ଟିକର ଖାଦ୍ୟ ଯୋଗାଣ, ହଷ୍ଟେଲରେ ରହି ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ଓ ସୁଯୋଗ ଯୋଗାଇ ଦିଆଯାଉଥିବା ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନି ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହ ରାଜ୍ୟର ଅନ୍ୟ ଜିଲ୍ଲାରୁ ଆସିଥିବା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ମହୋତ୍ସବ ଆକର୍ଷଣକୁ ଆହୁରି ବଢ଼ାଇଥିଲା। ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ ହୋଇଥିଲେ ହେଁ ପଲ୍ଲିଶ୍ରୀ ମେଳା ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ।

## ବଛରାଇ ସମିତି ଧାନମଣ୍ଡି ଉଦ୍‌ଘାଟିତ

**ମାର୍ଶାଘାଇ, ୧୬ ।୧(ସମିସ):** ମାର୍ଶାଘାଇ ବ୍ଲକ ବଛରାଇ ପ୍ରାଥମିକ କୃଷି ସମବାୟ ସମିତି ଧାନମଣ୍ଡି ଉଦଘାଟିତ ହୋଇଛି। ସଭାପତି ଧ୍ରୁବଚରଣ ସାହୁଙ୍କ ପୌରୋହିତରେ ପୂଜାର୍ଚ୍ଚନା କରାଯାଇ ମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମ୍ପାଦକ ଶ୍ରୀକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପେଣ୍ଠ ସର୍କଲ ରାଜସ୍ୱ ନିରୀକ୍ଷକ ପ୍ରମୋଦ ରାଉତରାୟ, ସମବାୟ ନିର୍ଦ୍ଦେଶକ ବିଭୂତି ଭୂଷଣ ମହାନ୍ତି, ଅଜୟ ନାୟକ, ହୃଷିକେଶ ସ୍ୱାଇଁ, ଅଲ୍ୟ ନାୟକ, ଅରବିନ୍ଦ ନାୟକ, ବିଘ୍ନେଶ୍ୱର ନାୟକ, କ୍ରୟ କମିଟି ସଦସ୍ୟ ବିମଳେନ୍ଦୁ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ସହସମ୍ପାଦକ ବ୍ରଜକିଶୋର ପରିଡ଼ା, ଡିଇଓ ଇମହେନ୍ଦ୍ର ସ୍ୱାଇଁ, ଟେଷ୍ଟର ପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ୩ଟି ପଞ୍ଚାୟତର ୩୪୮ ଚାଷୀ ଅନଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦୨୧ କ୍ୱିଣ୍ଟାଲ ଟାର୍ଗେଟ ଆସିଥିବା ସମ୍ପାଦକ ଶ୍ରୀକାନ୍ତ ସେଠୀ କହିଛନ୍ତି।



### ଚନ୍ଦନନଗର ପିଏଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ

# 'ବାସ୍ତବ ଜ୍ଞାନ ଓ ସଠିକ ମାର୍ଗଦର୍ଶନ ସଫଳତା ଆଣିଦିଏ'

ପଟ୍ଟାମୁଣ୍ଡାଇ, ୧୬।୧(ସମିସ)





ଛାତ୍ରଛାତ୍ରୀ ପୁସ୍ତକ କୀଟ ନ ହୋଇ ବାସ୍ତବ ଜ୍ଞାନ ଆହରଣ ସହିତ ଶିକ୍ଷକ ଓ ଅଭିଭାବକଙ୍କଠାରୁ ସଠିକ ମାର୍ଗଦର୍ଶନ ପାଇଲେ ସବୁ କ୍ଷେତ୍ରରେ ସଫଳ ହୋଇପାରିବେ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠର ୬୮ତମ ବାର୍ଷିକ ଉତ୍ସବର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଉତ୍ସବକୁ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ହେମନ୍ତ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ସଚ୍ଚିନନ୍ଦନ ଦାସ ମୁଖ୍ୟବକ୍ତା, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ବିଶିଷ୍ଟ ଅତିଥି, ସିଆରସିସି ଶୁଭଶ୍ରୀ ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ଶତପଥୀ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି ପ୍ରଫୁଲ୍ଲ ଶତପଥୀ, ସମାଜସେବୀ ଭଗବାନ ଦାଶ, ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ଶିକ୍ଷାବିତ ନୃସିଂହ କର, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରଛାତ୍ରୀ ଅତ୍ୟାଧୁନିକ ପଦ୍ଧତିରେ ଶିକ୍ଷାଦାନ କରିଥିବାରୁ ମୋବାଇଲରୁ ଶିକ୍ଷଣୀୟ ବିଷୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ବନୋଜିନୀ ସାହୁ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଶରତ ସାହୁ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ସହକାରୀ ଶିକ୍ଷକ ସଞ୍ଜୟ ପ୍ରଧାନ, ଦୀପ୍ତିଶଙ୍କର ରାଉଳ, ଆଶିଷ କାର୍ଜି, ଦୁର୍ଗାପ୍ରସାଦ ପରିଡ଼ା, ଶୁଭଶ୍ରୀ ସ୍ୱାଇଁ, କନକଲତା ଷଡଙ୍ଗୀ ପରିଚାଳନା କରିଥିବାବେଳେ ପ୍ରଜ୍ଞା ପରମିତା ସାହୁ, ସୌମ୍ୟାଶ୍ରୀ କର, ଲୋହିତ ମହାନ୍ତି, ଅବିନାଶ ନାଥ, ସମ୍ବେଦ ରାଉତରାୟ, ସୁରେଶ ନାୟକଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଦସ୍ୟ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ

**ଡେରାବିଶ, ୧୬।୧(ସମିସ):** ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଦୁଇଟି ଘରୋଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଆଜି ଅପରାହ୍ନରେ ଗଣ୍ଡଗୋଳ ଘଟିଛି। ଦୁଇଦିନ ତଳେ କେନ୍ଦ୍ରାପଡ଼ା ଉତ୍ସବରେ ଏହି ଦୁଇଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ହଷ୍ଟେଲ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ କୌଣସି ପଦକ୍ଷେପ ନ ନେବାରୁ ଆଜି ଉଭୟ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଗଣ୍ଡଗୋଳରେ ଉଭୟ ଗୋଷ୍ଠୀର ୬ ଜଣ ଛାତ୍ର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବାରୁ ସଦର ଥାନା ପୁଲିସ ପହଞ୍ଚି ବୁଝାସୁଝା କରିଥିଲା। ପରେ ଛାତ୍ରଙ୍କ ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରକୁ ନେଇଯାଇଥିବା ଜଣାଯାଇଛି।

■ ଅବକାରୀ ବିଭାଗ, ପୁଲିସର ମିଳିତ ଚଢ଼ଉ

## ୨୬୦ ଲିଟର ଦେଶୀମଦ, ୬୫୫୦ କେଜି ପୋଚ ନଷ୍ଟ

**ଦୁଇ ଗିରଫ, ବାଇକ ଜବତ**

କାମାକ୍ଷାନଗର/କଙ୍କଡ଼ାହାଡ଼,୧୬ ।୧(ସମିସ): କଙ୍କଡ଼ାହାଡ଼ ଥାନା ଅଞ୍ଚଳର ୩ ସ୍ଥାନରେ କାମାକ୍ଷାନଗର ଅବକାରୀ ବିଭାଗ ଓ କଙ୍କଡ଼ାହାଡ଼ ଥାନା ପୁଲିସ ମିଳିତ ଚଢ଼ଉ କରି ୨୬୦ ଲିଟର ଦେଶୀମଦ ଓ ୬୫୫୦ କେଜି ପୋଚ ନଷ୍ଟ କରିଛନ୍ତି। ବାଲିକୁମା, ତାରିଣୀପସି, କରଡ଼ାପାଳ ଗ୍ରାମରେ ଚଢ଼ଉ କରାଯାଇଥିଲା। ଏହି ଗ୍ରାମ ନିକଟ ଜଙ୍ଗଲରେ ଏକାଧିକ ଦେଶୀ ମଦଭାଟି ଗଢ଼ି ଉଠିଥିଲା। ଜଙ୍ଗଲରେ ମହୁଲକୁ ପଚାଇ ତାହାକୁ ଭାଟିରେ ରାନ୍ଧି ମଦ ପ୍ରସ୍ତୁତ କରାଯାଇ ଆଖପାଖ ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରାଯାଉଥିଲା। ଖବର ପାଇ ଅବକାରୀ ବିଭାଗ ଓ ପୁଲିସ ସେଠାରେ ଚଢ଼ଉ କରି ମଦଭାଟି ନଷ୍ଟ କରିଦେଇଛନ୍ତି। ଏହାସହ ପ୍ରସ୍ତୁତ ହୋଇଥିବା ଦେଶୀ ମଦ, ପୋଚ ମଧ୍ୟ ନଷ୍ଟ କରାଯାଇଛି। ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସରଞ୍ଜାମ ମଧ୍ୟ ନଷ୍ଟ କରାଯାଇଛି। ଅଭିଯୁକ୍ତ ଦେବରାଜ ବେଶ୍ରା (୩୦) ଓ ସୌନ ମୁର୍ମୁଙ୍କୁ ଗିରଫ କରାଯାଇଛି। ଦେବରାଜଙ୍କଠାରୁ ୬୦ ଲିଟର ଦେଶୀ ମଦ ଓ ବାଇକ ଜବତ କରାଯାଇଛି। ସୌନଙ୍କ ଠାରୁ ୧୦୦ ଲିଟର ଦେଶୀମଦ, ୧୫୫୦ କେଜି ପୋଚ ଜବତ କରାଯାଇଛି। ସେହିପରି ୫୦୦୦ କେଜି ପୋଚ ଓ ୧୦୦ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ଘଟଣାସ୍ଥଳରେ କେହି ନ ଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉରେ କଙ୍କଡ଼ାହାଡ଼ ଅତିରିକ୍ତ ତହସିଲଦାର ସୁଜିତ କୁମାର ଭୋଇ, କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ, ପରଜଙ୍ଗ ଅବକାରୀ ଥାନା ଅଧିକାରୀ ବାସନ୍ତୀ ବାକଲି, ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ, କୁଳମଣି ମହାରଣା, ଭୁବନ ଅବକାରୀ ଥାନା ଏସ୍ଆଇ ବୁଲୁ ପାତ୍ର, କଙ୍କଡ଼ାହାଡ଼ ଥାନା ଏଏସଆଇ ସଞ୍ଜୟ ସିଂହ, ଏସ୍ଆଇ ସନାତନ ବେହେରା, ପ୍ରକାଶ ରାଉତ, ହରିହର ସୋରେନ ପ୍ରମୁଖ ସାମିଲ ଥିଲେ।

**ସାମ୍ବାଦିକତା ଓ ଗଣଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ନୂଆ ଅଧ୍ୟାୟ**

# ଆଇଆଇଏମ୍‌ସି ଢେଙ୍କାନାଳରେ ୨ ନୂଆ ପିଜି କୋର୍ସ

ଢେଙ୍କାନାଳ,୧୬ ।୧(ସମିସ)

ସାମ୍ବାଦିକତା ଓ ଗଣଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ସାରା ଦେଶରେ ଖ୍ୟାତ ଆଇଆଇଏମସି ପକ୍ଷରୁ ଆଗାମୀ ଶିକ୍ଷାବର୍ଷ ପାଇଁ କେତେକ ନୂଆ ବିଷୟରେ ସ୍ନାତକୋତ୍ତର ବିଭାଗ ଖୋଲାଯାଇଛି। ଏହି କ୍ରମରେ ଆଇଆଇଏମସି ଢେଙ୍କାନାଳ କ୍ୟାମ୍ପସ ପାଇଁ ଦୁଇ ନୂଆ ବିଷୟରେ ପିଜି କୋର୍ସ ଖୋଲିଛି।

ଅନୁମୋଦନ ମିଳିଥିବା କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଏବଂ ମିଡିଆ ଓ କମ୍ୟୁନିକେସନ ଗଭର୍ଣ୍ଣାନସ ସ୍ନାତକୋତ୍ତର ବିଷୟରେ ଆସନ୍ତା ଶିକ୍ଷାବର୍ଷରୁ ନାମଲେଖା ହେବା ନେଇ ଆଇଆଇଏମସି ପକ୍ଷରୁ ସୂଚନା ଦିଆଯାଇଛି। ଆଶାୟୀ ବିଦ୍ୟାର୍ଥୀମାନେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏନଟିଏ ଦ୍ୱାରା ଆୟୋଜିତ ହେଉଥିବା କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ ସିୟୁଇଟି ପିଜି ଜରିଆରେ ଆବେଦନ କରିପାରିବେ



ଏବଂ ଏନେଇ ଆବେଦନ ଆରମ୍ଭ ହୋଇସାରିଥିବା ବେଳେ ଜାନୁଆରୀ ୨୦ ଶେଷ ତାରିଖ ରହିଛି। ଏହି ଦୁଇ ନୂଆ କୋର୍ସର ଘୋଷଣା ପରିପ୍ରେକ୍ଷୀରେ ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି ଯେ ବର୍ତ୍ତମାନର ପରିବର୍ତ୍ତିତ ଆବଶ୍ୟକତା ଏବଂ ରୂପାନ୍ତରିତ ମିଡିଆ ତଥା ଯୋଗାଯୋଗ ପରିବେଶକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଦୁଇ ପିଜି କୋର୍ସ ଖୋଲାଯାଇଛି। ଯାହା ପ୍ରତିଷ୍ଠାନର ଶୈକ୍ଷିକ ବାତାବରଣକୁ ଅଧିକ ସଶକ୍ତ କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଉଚ୍ଚ ପ୍ରଭାବଶାଳୀ ବୃତ୍ତିଗତ କ୍ଷମତା ସହିତ ଦୃଢ଼ ଧାରଣାଗତ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଡିଜାଇନ କରାଯାଇଛି। ଯାହା ଛାତ୍ରଛାତ୍ରୀଙ୍କୁ ଗଣମାଧ୍ୟମ, ଯୋଗାଯୋଗ, ସାର୍ବଜନୀନ ନୀତି, ବ୍ରାଣ୍ଡିଂ ଏବଂ ଶାସନ ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରିବା ନିମନ୍ତେ ପାରଙ୍ଗମ କରିବ ବୋଲି ସେ ମତ ରଖିଛନ୍ତି।

ସୂଚନାଯୋଗ୍ୟ, ମିଡିଆ ଓ କମ୍ୟୁନିକେସନ ଗଭର୍ଣ୍ଣାନସ ପିଜି କୋର୍ସରେ ସିପିୟୁଟି-ପିଜି ପ୍ରବେଶିକା ପାଇଁ ଗଣ ଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ରାଜନୀତି ବିଜ୍ଞାନ, ଆଇନ ଏବଂ ସାମାଜିକ ବିଜ୍ଞାନ ବିଭାଗ ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ। ସମାନ ଭାବେ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ପିଜି କୋର୍ସରେ ଗଣଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ବାଣିଜ୍ୟ ଏବଂ ଅନ୍ୟାନ୍ୟ ସାଧାରଣ ଷ୍ଟ୍ରିମର ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ। ଏଥିପାଇଁ ବିଦ୍ୟାର୍ଥୀମାନେ ଯୁକ୍ତତିନିରେ ଅତିକମରେ ୫୫ ପ୍ରତିଶତ ମାର୍କ ରଖିଥିବା ଜରୁରୀ। ଆଇଆଇଏମସିର ଆନ୍ୟାନ୍ୟ ପିଜି ଓ ପିଜି ଡିପ୍ଲୋମା କୋର୍ସ ପାଇଁ ମଧ୍ୟ ଆଶାୟୀ ବିଦ୍ୟାର୍ଥୀମାନେ ଅନଲାଇନରେ ଏନଟିଏ ୱେବସାଇଟକୁ ଯାଇ ସିପିୟୁଟି-୨୦୨୬ରେ ଆବେଦନ କରିପାରିବେ ବୋଲି କୁହାଯାଇଛି।

## ହିନ୍ଦୋଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଖଜୁରିଆକଟା,୧୬ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ କହିଲେ, ସମାଜର ଭବିଷ୍ୟତ ଛାତ୍ରସମାଜ ଉପରେ ନିର୍ଭରଶୀଳ। ତେଣୁ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ଓ ଅଧ୍ୟବସାୟ ବଳରେ ଜ୍ଞାନାର୍ଜନ କରି ସମାଜକୁ ସମୃଦ୍ଧ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ହିନ୍ଦୋଳ ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାସ କୁମାର ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷା ବିକାଶର ଚାବିକାଠି। ତେଣୁ ନିଜକୁ ଶିକ୍ଷିତ କରିପାରିଲେ ସମାଜର ପ୍ରକୃତ ସେବା କରିବା ପାଇଁ ସକ୍ଷମ ହୋଇପାରିବା ବୋଲି ମାର୍ଗଦର୍ଶନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ପତି, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବାର୍ଷିକ ଉତ୍ସବର ଉପଦେଷ୍ଟା ତଥା ଇଂରାଜୀ ବିଭାଗ ଅଧ୍ୟାପକ ଦିଲୀପ କୁମାର ଗଡ଼ନାୟକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉତ୍ସବର ସହଉପଦେଷ୍ଟା ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କଟକସ୍ଥିତ ସଙ୍ଗୀତ ନବରଙ୍ଗର କଳାକାର। ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

## କଙ୍କଡ଼ାହାଡ଼ ବ୍ଲକସ୍ତରୀୟ ମହୋତ୍ସବ

କଙ୍କଡାହାଡ଼,୧୬ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଛି। ବିଡିଓ ଯଶୋବନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକର କାର୍ଯ୍ୟକ୍ରମ ଜିଲ୍ଲା ମହୋତ୍ସବକୁ ପ୍ରଚାର ପ୍ରସାର କରିବା ଏବଂ ଘରେ ଘରେ ପହଞ୍ଚାଇବା ପାଇଁ ଜିଲ୍ଲା ମହୋତ୍ସବ ପୂର୍ବରୁ ବ୍ଲକ ସ୍ତରରେ ମହୋତ୍ସବ ଅନୁଷ୍ଠିତ ହେଉଛି। କପିଳାସଠାରୁ କଙ୍କଡ଼ାହାଡ଼ ପହଞ୍ଚିଥିବା ମଶାଲକୁ ଆଜି କଙ୍କଡ଼ାହାଡ଼ସ୍ଥିତ ରାମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଅଣାଯାଇଥିଲା। କୁନି ପ୍ରତିଭା ଓ କଳାକାରଙ୍କୁ ବିକଶିତ କରିବା ପାଇଁ ଏହି ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଆତ୍ମା ଅଧ୍ୟକ୍ଷ ରମେଶ ଚନ୍ଦ୍ର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ ସି, ସହକାରୀ ଯନ୍ତ୍ରୀ ପର୍ଶୁରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳର କୁନି ପ୍ରତିଭା, କଳାକାରମାନେ ନିଜ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ବ୍ଲକବାସୀ ଜିଲ୍ଲା ମହୋତ୍ସବରେ ସାମିଲ ହୋଇ ସଫଳ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟପଟେ ବ୍ଲକସ୍ତରୀୟ ମହୋତ୍ସବ ହେଉଥିବା ବେଳେ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଅଞ୍ଚଳବାସୀ ଜାଣିପାରି ନ ଥିବା ଅଭିଯୋଗ ହେଉଛି। କେବଳ ବ୍ଲକ କର୍ମଚାରୀଙ୍କୁ ନେଇ ବ୍ଲକ ମହୋତ୍ସବ ହେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି।




## କିଶୋରୀ ବାଳିକାଙ୍କ ଅଣ୍ଡା ବନ୍ଦ କରିଦେଲେ

ହିନ୍ଦୋଳ,୧୬ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହିଳା ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନିଜ ଦାୟିତ୍ୱହୀନତା ପାଇଁ ସର୍ବଦା ଚର୍ଚ୍ଚାରେ ରହିଆସିଥିବା ବେଳେ ପୁଣି ଏକ କେଳେଙ୍କାରୀ ସାମ୍ନାକୁ ଆସିଛି। ମହିଳା ଓ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଜରିଆରେ ସରକାର ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି। ସେଥିମଧ୍ୟରେ ଛତୁଆ, ଅଣ୍ଡା, ବାଦାମଲଡୁ ଆଦି ସାମିଲ ରହିଛି। ୧୪ ବର୍ଷୀୟ କିଶୋରୀ ବାଳିକାମାନଙ୍କ ପାଇଁ ମାସରେ ୧୪ଟି ଅଣ୍ଡା ଦେବା ବ୍ୟବସ୍ଥା ରହିଛି ମାତ୍ର ହିନ୍ଦୋଳ ଏନଏସି ଓ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ଡିସେମ୍ବରରୁ କିଶୋରୀଙ୍କୁ ଅଣ୍ଡା ଦିଆଯିବା ବନ୍ଦ ଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଗତ ୬ମାସ ଧରି ଅଣ୍ଡା ବାବଦ ଟଙ୍କା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ପୈଠ କରାଯାଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ହିନ୍ଦୋଳ ସିଡିପିଓ ବିଦ୍ୟୁତପ୍ରଭା ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଗଣମାଧ୍ୟମକୁ କୌଣସି ତଥ୍ୟ ଦେବାକୁ ମନା କରିଥିଲେ।

## କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗଁଦିଆ,୧୬ ।୧(ସମିସ): ଗଁଦିଆ ବ୍ଲକ କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ରତିକାନ୍ତ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଗନ୍ଦିଆ ବିଡିଓ ପବିତ୍ର କୁମାର ବେହେରା, ମୁଖ୍ୟବକ୍ତା ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ, ସଂଗ୍ରାମ କେଶରୀ ଶତପଥୀ, ସଞ୍ଜୟ କୁମାର ସାମନ୍ତ, ବିଦ୍ୟାଧର ପରିଡ଼ା, ବୀରକିଶୋର ନାୟକ, ଯୁଗଳ କିଶୋର ଦାସ, ବୀରେନ୍ଦ୍ର କୁମାର ସାମନ୍ତ, ସିଆରସିସି ବିଜୟ କୁମାର ବାନରା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ବେହେରା, ଏସଏମସି ସଭାପତି ମଳୟ କୁମାର ମଲ୍ଲିକ, ପୂର୍ବତନ ସଭାପତି ବାସୁଦେବ ଶତପଥୀ, କୋହ୍ଲିଆ ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ଶତପଥୀ, ଜ୍ୟୋସ୍ନାରାଣୀ ମିଶ୍ର, ଜାନକୀ ମୁଣ୍ଡା, ଏସ୍ଏମ୍ସି ସଭ୍ୟା ନର୍ମଦା ମଲ୍ଲିକ, ମିତା ତରାଇ, ଅଞ୍ଜଳି ତରାଇ, ଭଗବତୀ ଦାସ, ସୁଜାତା ତରାଇ ସହଯୋଗ କରିଥିଲେ। ସଭାପତି ଅନନ୍ତ ନାରାୟଣ ଶତପଥୀ ଉଦଯାପନୀ ଅଭିଭାଷଣ ରଖିଥିଲେ। ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**କପିଳାସ ପୀଠରେ ଦୁର୍ଘଟଣା**

## ଦର୍ଶନସାରି ଫେରୁଥିବା ବେଳେ କାର୍ ଓଲଟି ୬ ଆହତ



ଢେଙ୍କାନାଳ/ଗଁଦିଆ,୧୬ ।୧(ସମିସ): ଢେଙ୍କାନାଳ କପିଳାସ ପୀଠରେ ବାବା ଚନ୍ଦ୍ରଶେଖରଙ୍କୁ ଦର୍ଶନ କରି ଫେରୁଥିବାବେଳେ ବାରବାଙ୍କ ରାସ୍ତା ୧୦ ନମ୍ବର ବାଙ୍କରେ ଭାରସାମ୍ୟ ହରାଇ ଏକ କାର ଓଲଟି ପଡ଼ିଥିଲା। ଫଳରେ କାରରେ ଥିବା ୬ଜଣ ଭକ୍ତ ଆହତ ହୋଇଛନ୍ତି। ସେହି ରାସ୍ତା ଦେଇ ଯାଉଥିବା ପଥଚାରୀମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ନିକଟରେ ଥିବା ପୁଲିସ ଫାଣ୍ଡିକୁ ଖବର ଦେଥିଲେ। ପୁଲିସ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ଦେଓଗାଁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଏଥିସହ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆହତମାନେ ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ଅଞ୍ଚଳର ଗୋଟିଏ ପରିବାରର ସଦସ୍ୟ। ସେମାନଙ୍କ ମଧ୍ୟରେ ୪ ମହିଳା ଓ ୨ ପୁରୁଷ ଅଛନ୍ତି।

## ଜାତୀୟ ସେବା ଯୋଜନା ଶିବିର ଉଦଘାଟିତ

ଢେଙ୍କାନାଳ,୧୬ ।୧(ସମିସ): ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର ଶୁକ୍ରବାର ଉଦଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଏବଂ ଡ. ଦେବରାଜ ପରିଡ଼ା ଉପସ୍ଥିତ ରହି ଏହାକୁ ଉଦଘାଟନ କରିଥିଲେ। ଶିବିରରେ ୫୦ ଜଣ ଏନଏସଏସ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ତଥା ସହଯୋଗୀ ପ୍ରାଧ୍ୟାପିକା ଡ. ମଧୁସ୍ମିତା ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହେଉଛି। ଏହି ଅବସରରେ ଅଧ୍ୟକ୍ଷା ଡ. ଜେନା ଛାତ୍ରଛାତ୍ରୀଙ୍କ ଜୀବନରେ ଏନଏସଏସର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। +୨ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ପଙ୍କଜ ବାରିକ, ଜି. ଜ୍ୟୋତିରେଖା, ଏନ. ସ୍ୱାତିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଏହି ଅବସରରେ ପୋଷ୍ୟ ଗ୍ରାମ ଶିମିଳିଆରେ ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ସଚେତନତା, ଚାରାରୋପଣ, ଶିକ୍ଷା ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସହ ଗ୍ରାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।




## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖଜୁରିଆକଟା,୧୬ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି କମଣ୍ଡଳୀର ସ୍ୱର୍ଗତ ବାଲି ବେହେରାଙ୍କ ପୁଅ ବ୍ରହ୍ମା ବେହେରାଙ୍କ (୪୮)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି। କମଣ୍ଡଳୀ ଗ୍ରାମ ନିକଟରେ ଥିବା ଅନୁଗୋଳ ଖଲାରୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୧୦ଏକର ଜମିକୁ ବ୍ରହ୍ମା ଭଗଚାଷ କରିବା ସହ ଜମି ଭିତରେ ଏକ କୁଡ଼ିଆ କରି ଜଗାରଖା କରନ୍ତି। ରାତିରେ ମଧ୍ୟ ସେଠାରେ ଶୁଅନ୍ତି। ଗୁରୁବାର ରାତିରେ ଖାଇପିଇ ଶୋଇବାକୁ କୁଡ଼ିଆକୁ ଯାଇଥିଲେ। ତେବେ ସକାଳେ ବହୁସମୟ ଧରି ସେ ନ ଉଠିବାରୁ ପରିବାର ଓ ଜମିମାଲିକ ପହଞ୍ଚି ଏକ ରଶି ସାହାଯ୍ୟରେ ସେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୁଲିସ ଓ ପରିବାର ଲୋକେ ବ୍ରାହ୍ମାଙ୍କୁ ଉଦ୍ଧାରକରି ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ହିନ୍ଦୋଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୁଲିସ କହିଛି। ବ୍ରହ୍ମାଙ୍କ ବାପା ଓ ଭାଇଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ଘରେ ତାଙ୍କ ସ୍ତ୍ରୀ ଓ ପିଲାଛୁଆ ଅଛନ୍ତି।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଶାରଳା କ୍ଲବ୍ ବିଜୟୀ



ଢେଙ୍କାନାଳ,୧୬ ।୧(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରତ୍ନପ୍ରଭା ଦେବୀ ଷ୍ଟାଡିୟମରେ ଶାରଳା କ୍ଲବ ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛ। ୨ୟ ମ୍ୟାଚ୍ ସିଆରିଆ କ୍ଲବ୍ ଏବଂ ଶାରଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶାରଳା କ୍ଲବ୍ ୨-୧ ଗୋଲରେ ବିଜୟୀ ହୋଇଛି। ରେଫରୀ ଅନିଲ୍ ନନ୍ଦ, ଅମୂଲ୍ୟ ସାମଲ ଓ ମନୋଜ ସେଠୀ ଖେଳ ପରିଚାଳନା କରିଥିଲେ। ସ୍ୱରୂପ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ୨୨ ତାରିଖ ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ପରିଚାଳକ ମହିଉଦ୍ଦିନ ଖାଁ ସୂଚନା ଦେଇଛନ୍ତି।

**ସର୍ବଭାରତୀୟ ବୀର ବେନୁ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ସେମିଫାଇନାଲରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ

ପରଜଙ୍ଗ,୧୬ ।୧(ସମିସ)

ପରଜଙ୍ଗ ମିନି ଷ୍ଟାଡିୟମରେ ଉର୍ଜା ଟ୍ରଷ୍ଟ ଏବଂ ପରଜଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ବୀର ବେନୁ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି। କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ଛତିଶଗଡ଼ ଫରେଷ୍ଟ ଏକାଦଶ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ଛତିଶଗଡ଼ ଟସ୍ ଜିତି ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ୧୨.୨ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ମୁଖ୍ୟଅତିଥି ଭାବେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ସାଆନ୍ଦା ବିଜେପି ମଣ୍ଡଳର ସଭାପତି ସୁଧୀର କୁମାର ବିଶ୍ୱାଳ, ଉର୍ଜା ଟ୍ରଷ୍ଟ ସଭାପତି ଦୀପକ କୁମାର ଗୋଛାୟତ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଷ୍ଟେଟବ୍ୟାଙ୍କ ମ୍ୟାନେଜର ସତ୍ୟାନନ୍ଦ ବେହେରା, ଭାରତ ମସଲାର ବିତରକ କ୍ଷୀରୋଦ କୁମାର ସାହୁ ଉପସ୍ଥିତ ଥିଲେ।





ଶନିବାର ରାଇଜିଂ ଷ୍ଟୁଡେଣ୍ଟ ସହ ଝାଡ଼ଖଣ୍ଡ ଦଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ। ଆଶୁତୋଷ ପାଣି ଓ ଅଭିଷେକ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରେମାନନ୍ଦ ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ। ଆନନ୍ଦ ଭରଦ୍ୱାଜ ମ୍ୟାନ ଅଫ ଦି ମ୍ୟାଚ, ରାମଚରଣ ବେହେରା ବେଷ୍ଟ ବ୍ୟାଟର, ଆୟୁଷ କ୍ରିଷ୍ଟୋଫେର ବେଷ୍ଟ ବୋଲର ବିବେଚିତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ଶିଶୁ ଉଦ୍ୟାନ ପାଇଁ ୧୦ ଲକ୍ଷ ମଞ୍ଜୁର



ଢେଙ୍କାନାଳ,୧୬ ।୧(ସମିସ): ସ୍ଥାନୀୟ ୱାର୍ଡ ନମ୍ବର-୩ ମଧୁବନରେ ପ୍ରସ୍ତାବିତ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ଉନ୍ନତୀକରଣ ନିମନ୍ତେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅବସରରେ ପୌରାଧ୍ୟକ୍ଷା ପାତ୍ର ପ୍ରସ୍ତାବିତ ଶିଶୁ ଉଦ୍ୟାନର ସମୀକ୍ଷା କରିଥିଲେ। ୱାର୍ଡ ନଂ ୩ର ଅନିମେଷ ରାଉତ, ସନ୍ତୋଷ ବେହେରା, ବିଜୁ ନନ୍ଦ, ଡ. ସତ୍ୟଜିତ ମିଶ୍ର, ଜୁବୁ ନନ୍ଦ, ମୁନା ତ୍ରିପାଠୀ, ସାମ୍ବାଦିକ ଆଶୁତୋଷ ରାଉତ ପ୍ରମୁଖ ଉପସ୍ଥିତ ରହି ପୌରାଧ୍ୟକ୍ଷାଙ୍କୁ ପାର୍କର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଓ ପାର୍କ ଜମିରେ ହେଇଥିବା ଅବୈଧ ନିର୍ମାଣ ହଟାଇ ଜବରଦଖଲମୁକ୍ତ କରିବାକୁ ଅନୁରୋଧ କରିଥିଲେ।

## କଳିଙ୍ଗ ଆବାସିକ ବିଦ୍ୟାଳୟର ମୁଖପତ୍ର 'ସ୍ୱର୍ଣ୍ଣ ଓଡ଼ିଶା' ଲୋକାର୍ପିତ



ଡେରାବିଶ,୧୬।୧(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ସ୍ୱର୍ଣ୍ଣ ଓଡ଼ିଶା'ର ୧୧ତମ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ମୁଖ୍ୟବକ୍ତା ପ୍ରବଚକ ଶରତ ଚନ୍ଦ୍ର ରଥ ଯୋଗ ଦେଇଥିଲେ। ପରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସସ୍ମିତା ପଣ୍ଡା, ସରସ୍ୱତୀ ପଣ୍ଡା ଓ ଧ୍ରୁବ ଚରଣ ପାଢ଼ୀ ପାଠୋତ୍ସବକୁ ସଂଯୋଜନା କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଅବସରପ୍ରାପ୍ତ ଆୟୁକ୍ତ ଦାଶରଥି ଶତପଥି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ, ମୁଖ୍ୟବକ୍ତା ହୃଷିକେଶ ରଥ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରମୋଦ ପ୍ରତାପ, କଳିଙ୍ଗ ଆବାସିକ ବିଦ୍ୟଳୟର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି, ଅନୀଲ ଦାଶ ଯୋଗଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ମୁଖପତ୍ର 'ସ୍ୱର୍ଣ୍ଣ ଓଡ଼ିଶା' ଲୋକାର୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶିବପ୍ରସାଦ ସାହୁ, ଶାନ୍ତନୁ ନାୟକ, ମନୋଜ ପୋଥାଳ, ଅବିନାଶ ପଲେଇ, ପ୍ରଫୁଲ୍ଲ ଦାସ, ସବ୍ୟସାଚୀ ମିଶ୍ର, ଅଜୟ ନାୟକ ପରିଚାଳନା କରିଥିଲେ।

## ରଘୁଦେଇପୁର ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ପଞ୍ଚୁପାଣ୍ଡବ,୧୬।୧(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମ୍ପାଦକ ଜୟପ୍ରକାଶ ସ୍ୱାଇଁଙ୍କ ପୌରୋହିତ୍ୟରେ ପ୍ରଥମେ ମାପ ଯନ୍ତ୍ର ଓ ଧାନ ମାନ ଯନ୍ତ୍ରକୁ ପୂଜା କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। କଟକ କେନ୍ଦ୍ର ସମବାୟ ସମିତି ନିର୍ଦ୍ଦେଶକ ସରୋଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ନହଙ୍ଗ ସମବାୟ ସମିତି ଅଧ୍ୟକ୍ଷ ଭାଗୀରଥି ସାହୁ, ଗୋଲରାହାଟ ସମବାୟ ସମିତି ଅଧ୍ୟକ୍ଷ ଖୁର୍ସିଦ୍ ଆଲାମ ଖାଁ, ଏଆର୍‌ସିଏସ ଯୋଗେନ୍ଦ୍ର ବିଶ୍ୱାଳ, ଡିଆରସିଏସ ପ୍ରଭାକର ନାୟକ, ଚାଷୀ ମହାସଂଘ ସଭାପତି ପଣ୍ଡିତ ଶରତ ମିଶ୍ର ଯୋଗ ଦେଇଥିଲେ। ଚାଷୀ କୃଷ୍ଣଚନ୍ଦ୍ର ସାହୁ, ଖଗେଶ୍ୱର ସିଂ, ଗଙ୍ଗାଧର ମଲ୍ଲିକ, କୈଳାସ ସାହୁ, ନିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଟାର୍ଗେଟ ଆସିବା ପରେ ସୋମ, ବୁଧ ଓ ଶନିବାର ଧାନ କ୍ରୟ କରାଯିବ ବୋଲି ସମ୍ପାଦକ କହିଛନ୍ତି। ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ, ସହସମ୍ପାଦକ ଉମେଶ ବିଶ୍ୱାଳ, ଧୂଳି ସେଠୀ ସହଯୋଗ କରିଥିଲେ।

## ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବଇଣ୍ଡା,୧୬।୧(ସମିସ): ତାଳଚେର-ସମ୍ବଲପୁର ରେଳପଥର ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହାମୁଣ୍ଡା ନିକଟ ରେଳଧାରଣାରୁ ଶୁକ୍ରବାର ବଇଣ୍ଡା ରେଳବାଇ ଫାଣ୍ଡି ପୁଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ପରିଚୟ ଜଣାପଡ଼ିନଥିବା ବେଳେ ବୟସ ୪୫ ବର୍ଷ ହେବ ବୋଲି ପୁଲିସ ସୂଚନା ଦେଇଛି। ମୃତଦେହ ରେଳ ଧାରଣାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଳବାଇ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରେଳଫାଟକରେ ଲୋକେ ଅତିଷ୍ଠ: ବଢ଼ୁଛି ଅସନ୍ତୋଷ

ତାଳଚେର,୧୬।୧(ସମିସ)




ତାଳଚେରେ ବାଇପାସ୍ ଛକରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଳଫାଟକ ରହିଛି। ଅଧିକାଂଶ ସମୟରେ ଏହି ଫାଟକ ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମୁଖ୍ୟରାସ୍ତାରେ କୋର୍ଟ, କଚେରି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ଫରେଷ୍ଟ ଅଫିସ୍, ପ୍ରାଣୀ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଏବଂ ଛୋଟବଡ଼ ସରକାରୀ ଓ ବେସରାକରୀ କାର୍ଯ୍ୟାଳୟ କର୍ମଚାରୀମାନେ ଦୈନନ୍ଦିନ ଯାତାୟାତ କରନ୍ତି। ହେଲେ ଫାଟକ ବନ୍ଦ ରହୁଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀମାନେ ମଧ୍ୟ ସ୍କୁଲ, କଲେଜ ପହଞ୍ଚିବାରେ ବିଳମ୍ବ ହେଉଛି। ଏପରିକି, ଜରୁରୀ ଗାଡ଼ି ଯଥା- ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଦୀର୍ଘ ସମୟ ସେଠାରେ ଅଟକୁଥିବା ଲକ୍ଷ୍ୟ କରାଯାଇଛି। ଫାଟକର ଉଭୟ ପାଶ୍ୱର୍ରେ ଶହଶହ ଗାଡ଼ି ଅଟକି ରହୁଛି।

ଏ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବା ବେଳେ ଲୋକଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟା ସମାଧାନ ଦିଗରେ ନା ଏମସିଏଲ ନା ସ୍ଥାନୀୟ ପ୍ରଶାସନ କେହି ହେଲେ କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟର ବିଷୟ ହୋଇଛି। ତୁରନ୍ତ ସମସ୍ୟା ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୬।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପରୁଣା ପୋସଲ ଉଚ୍ଚ ବିଦ୍ୟାଳୟର ଜଗନ୍ନାଥ ଇକୋ କ୍ଲବ ଆନୁକୂଲ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଆଧାରିତ ବାସ୍ତବ ଓ ସଚେତନତାଧର୍ମୀ ବହୁବିଧ କାର୍ଯ୍ୟାବଳୀକୁ ସମ୍ପାଦିତ କରୁଥିବା ପରିବେଶ ଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ଆର୍ଥିକ ସହାୟତା ସାଙ୍ଗକୁ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫର ବୈଷୟିକ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ପ୍ଲାଷ୍ଟିକ ସମ୍ପର୍କିତ ଲିଖିତ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତତ୍‌ପରେ ଛାତ୍ରଛାତ୍ରୀ ନିକଟସ୍ଥ ଗ୍ରାମଗୁଡିକ ପରିକ୍ରମା କରି ଗ୍ରାମବାସୀଙ୍କୁ ଲିଫ୍‌ଲେଟ୍ ଜରିଆରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବିଦ୍ୟାଳୟ ନିକଟରେ ଥିବା ବଜାରର ଏଣେତେଣେ ପଡିଥିବା ପ୍ଲାଷ୍ଟିକ ଆବର୍ଜନାଗୁଡିକୁ ସଫେଇ କରା।ଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ନମିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ପଳସୁଧାସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଶାଖା ପରିଚାଳକ ଶଶୀଭୂଷଣ ବାରିକ ମୁଖ୍ୟଅତିଥି, ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ କୃତି ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଇଜ୍ ପ୍ରତିଯୋଗିତାର ସଫଳ ୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅଶୋକ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

ଇକୋକ୍ଲବ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ଶିଶିର କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଅମ୍ବିକା ସାହୁ ଓ ଶିକ୍ଷକ ଜ୍ୟୋତିରଞ୍ଜନ ଦାଶ ଏବଂ ଅନ୍ୟସମସ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଗଣ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



ରାଜନଗର,୧୬।୧(ସମିସ): ମହିଁଷାସୁର ପଞ୍ଚାୟତ ବାଘୁଆ ଗ୍ରାମର ସ୍ୱର୍ଗତ ଚନ୍ଦ୍ରମଣି ପ୍ରଧାନଙ୍କ ସ୍ତ୍ରୀ ସୁମିତ୍ରା ପ୍ରଧାନ(୮୦)ଙ୍କ ଦେହାନ୍ତ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଧର୍ମ ପରାୟଣା, ସ୍ନେହି ଓ ମେଳାପୀ ମହିଳା ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବଡପୁଅ ନିରଞ୍ଜନ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ଅଶୋକ ମହାନ୍ତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ବିଜେପିର କାଦୁଅପଡା ମଣ୍ଡଳ ସଭାପତିଙ୍କ ପରଲୋକ



ଜଗତସିଂହପୁର,୧୬।୧(ସମିସ): ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କାଦୁଅପଡା ମଣ୍ଡଳ ସଭାପତି ବିଧୁଭୂଷଣ ସାହୁଙ୍କର ୪୬ ବୟସରେ ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଶ୍ରୀ ସାହୁ କଟକ ବଡ଼ ମେଡିକାଲରେ ରକ୍ତ କର୍କଟରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ତାଙ୍କ ପାର୍ଥିବ ଶରୀର ଜନ୍ମମାଟି ବଳରାମପୁର ଗାଁରେ ପହଞ୍ଚିବା ପରେ ଶୋକକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ମୃତ୍ୟୁ କବର ପାଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଚିତ୍ତ ରଞ୍ଜନ ପଣ୍ଡା, କାଳିକୀଙ୍କର ମହାନ୍ତି, ନିହାର ପତି, ଲିଙ୍ଗରାଜ ଲେଙ୍କା, ହୃଷିକେଶ ନନ୍ଦ ପ୍ରଭୃତି ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥଲେ। ପରେ ତାଙ୍କ ସବାଧାରକୁ ପୁରୀ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

## ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଛାତ୍ର ରାହୁଲଙ୍କ କୃତିତ୍ୱ

ଡେରାବିଶ, ୧୬।୧(ସମିସ):୬୯ତମ ଜାତୀୟ ଭଲିବଲ ହିମାଚଳ ପ୍ରଦେଶର ପନ୍ଥାସାହିବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର ରାହୁଲ ସ୍ୱାଇଁ ଖେଳିବା ପାଇଁ ସୁଯୋଗ ପାଇ ବିଦ୍ୟାଳୟ ଓ ଡେରାବିଶ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷୟିତ୍ରୀ ସୀମାରାଣୀ ନାୟକ ଓ ସୁଶ୍ରୀ ସଙ୍ଗିତା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବଳିଷ୍ଠ ପ୍ରଶିକ୍ଷଣ ଦ୍ୱାରା ଏହି କୃତିତ୍ୱ ହାସଲ କରିଛି ବୋଲି ରାହୁଲ ପ୍ରକାଶ କରିଛନ୍ତି। ତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡଃ କାନନବାଳା ନାୟକ ସମ୍ବର୍ଦ୍ଧିତ କରିଛନ୍ତି।

## ଅବ୍ୟବସ୍ଥାରେ ଉଦ୍‌ଯାପିତ କଲେଜ କ୍ରୀଡ଼ା



ନାଉଗାଁ,୧୬।୧(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହବିଦ୍ୟାଳୟର ୩୮ତମ କ୍ରୀଡା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଦେଖିବାକୁ ମିଳିଛି ଘୋର ଅବ୍ୟବସ୍ଥା। ଗତ ଦୁଇ ଦିନ ଧରି ଘୋର ଅବ୍ୟବସ୍ଥା ଘେରରେ ଅନୁଷ୍ଠିତ ହେଉଥିବା ବାର୍ଷିକ କ୍ରୀଡ଼ା ଉତ୍ସବର ଆଜି ଉଦ୍‌ଯାପନୀ ସମାରୋହରେ ଦେଖିବାକୁ ମିଳିଥିଲା ଏପରି ଦୃଶ୍ୟ। ତେବେ ଏହି କ୍ରୀଡା ଉତ୍ସବରେ ନାଁ ରହିଥିଲା ଅତିଥିମାନଙ୍କ ପାଇଁ ବସିବା ପାଇଁ ସ୍ଥାନ। ଯାହାକି ଦୀର୍ଘ ସମୟ ଧରି ଛାତ୍ରଛାତ୍ରୀ ଓ ମାନ୍ୟଗଣ ଅତିଥିମାନେ ଖରାରେ ବସି ରହିଥିବର ଦେଖିବା ଅନ୍ୟପଟେ କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସଭାରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ରୂପେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦର ସଭ୍ୟା ଅମିତା ସ୍ୱାଇଁ, ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଜ୍ୟୋତିପ୍ରକାଶ ଲେଙ୍କା ଓ କ୍ରୀଡା ପରିଚାଳକ ଭାବେ ଚୌଧୁରୀ ଦିନେଶ ଦାସ, ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ରହିଥିବା ଦେଖାଯାଇଛି।

**● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି**

## ୟୁନାଇଟେଡ ଇଲେଭେନ ଫାଇନାଲ୍‌କୁ ଉନ୍ନୀତ

ରାଜନଗର, ୧୬।୧(ସମିସ): ବଡ଼ପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଦ୍ୱିତୀୟ ସେମିଫାଇନାଲରେ ନିମପୁର ସ୍ପୋର୍ଟ୍ସ କ୍ଲବକୁ ୯୯ ରନରେ ହରାଇ ବ୍ରହ୍ମପୁରର ୟୁନାଇଟେଡ ଇଲେଭେନ ଫାଇନାଲ୍‌ରେ ପ୍ରବେଶ କରିଛି। ଆସନ୍ତା ୧୯ ତାରିଖ ଫାଇନାଲରେ ୟୁନାଇଟେଡ ଇଲେଭେନ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ଲବ୍‌କୁ ଭେଟିବ। ଆଜି ଟସ ଜିତି ବ୍ରହ୍ମପୁର ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୨୨୧ ରନ୍ କରିଥିଲା। ଜବାବରେ ନିମପୁର ୧୭.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୨ ରନ କରି ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ କୋଇଲିପୁର ସେବା ସମବାୟ ସମିତି ସମ୍ପାଦକ ଘନଶ୍ୟାମ ଜେନା, ଅଧ୍ୟାପିକା ଭଗବତୀ ରାଉତ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପଲିଶ୍ରୀ ଯୁବକ ସଂଘର ତପନ ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ, ରାଜୀବ ସ୍ୱାଇଁ ଓ ଅଧ୍ୟାପକ ସଶଧର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ସମାଜସେବୀ ଏକାଦଶୀ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୧୬।୧(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ଅଳଭା ଗ୍ରାମର ସମାଜସେବୀ ତଥା ଠାକୁର ଅଭିରାମ ପରମହଂସ ଦେବଙ୍କ ଦୀକ୍ଷିତ ଏକାଦଶୀ ପାତ୍ରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

ଅମୂଲ୍ୟ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ, ସମ୍ବଲପୁର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ପାତ୍ର, ପୁରୀ ଜିଲ୍ଲା ମେଡିକାଲ ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ, ରାଜ୍ୟ ବିଧାନସଭା ଟ୍ରେଜେରୀ ଅଫିସର ବାଣୀ ଅର୍ଚ୍ଚନା ନାୟକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଜ୍ଞାନରଞ୍ଜନ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାସ, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ମନୋଜ ପରିଡା, ପ୍ରଫେସର ବୈକୁଣ୍ଠ ରାଉଳ, ରାଜନଗର କଂଗ୍ରେସ ପ୍ରାର୍ଥୀ ଅଶୋକ ପ୍ରତିହାରୀ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବରିଷ୍ଠ କଂଗ୍ରେସ ନେତା ମଳୟ ଦାସ, ବରିଷ୍ଠ ବିଜେପି ନେତା ମିଟୁ ମନୋଜ ନାୟକ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ସର୍ବେଶ୍ୱର ସେଠୀ, ପଟ୍ଟାମୁଣ୍ଡାଇ ଦଳିତ ସଂଘ ସଭାପତି କଳ୍ପତରୁ ମଲିକ, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ପାତ୍ର, ଦିଲ୍ଲୀପ ପାତ୍ର, ତପନ ପାତ୍ର, ବିପିନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତ ବାଳିକା ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ଡେରାବିଶ,୧୬।୧(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ପୁରସ୍କାର ବିତରଣୀ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୁଭଦ୍ରା ମହତାବ ମହାବିଦ୍ୟାଳୟ ଅଧ୍ୟକ୍ଷା ଡା. ସୁପ୍ରଭା ପରିଡ଼ା, ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ଅଚ୍ୟୁତାନନ୍ଦ ନାୟକ, ସମ୍ମାନିତ ଅତିଥି ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ହରିଅଙ୍କ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଶରତ ଜେନା, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ସିଆରସିସି ସ୍ୱର୍ଣ୍ଣମଲକ୍ଷ୍ମୀ ସ୍ୱାଇଁ, ମନୋଜ ନାୟକ, ପ୍ରଶାନ୍ତ ଶତପଥୀ, ଶିକ୍ଷକ ପ୍ରଶାନ୍ତ ମଣ୍ଡଳ, ମହେନ୍ଦ୍ର ସାହୁ, ରଘୁନାଥ ଶତପଥୀ, ପ୍ରତାପ ଶତପଥୀ ଓ ବିଜୟ ପରିଡ଼ା ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଲୋକନାଥ ମିଶ୍ର, ଅଶୋକ ଲେଙ୍କା, ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ନାୟକ, ନିରୁପମା କାନୁନ୍‌ଗୋ, ନିବେଦିତା ସ୍ୱାଇଁ, ପ୍ରଣତୀ ମହାନ୍ତି ଓ କ୍ରୀଡ଼ା ଶିକ୍ଷୟିତ୍ରୀ ପଙ୍କଜିନୀ ଲେଙ୍କା ପରିଚାଳନା କରିଥିଲେ।

**ବ୍ଲକ୍ କାର୍ଯ୍ୟାଳୟ ପାଖରେ ସରକାରୀ ଯୋଜନା ଅପହଞ୍ଚ**

# ସ୍ୱାମୀ ମୃତ୍ୟୁ ପରେ ବେସାହାରା ମାଆଝିଅ

ମହାକାଳପଡ଼ା,୧୬।୧( ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ଅନତିଦୂର ମହାକାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଚଡାଇଗୁଆଁ ଗ୍ରାମରେ ସରକାରୀ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ନ ଥିବାର ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି। ବ୍ଲକ ମୁଖ୍ୟାଳୟ ପାଖରେ ଥିବା ସତ୍ତ୍ୱେ ଏଠାରେ ଏମିତି ଗୋଟିଏ ପରିବାର ରହିଛି, ଯେଉଁଠି ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ତ ଦୂରର କଥା, ବିଦ୍ୟୁତ୍ ଆଲୋକ ବି ଆଜି ପର୍ଯ୍ୟନ୍ତ ଅପହଞ୍ଚ ରହିଛି। ମୁଣ୍ଡ ଗୁଞ୍ଜିବାକୁ ଚାଳ ନାହିଁ, ଶୋଇବାକୁ ବିଛଣା ନାହିଁ। ହାଡ଼ଭଙ୍ଗା ଶୀତରେ ସ୍ୱେଟର ନ ଥିବାବେଳେ କମ୍ବଳ ଖଣ୍ଡେ ମଧ୍ୟ ସେମାନଙ୍କ ପାଇଁ ସାତସପନ। ଏଭଳି ଅବସ୍ଥାରେ ଚଡାଇଗୁଆଁ ଗ୍ରାମର ପ୍ରମୋଦ ଦାସ ଓରଫ ହଗୁରା (୭୦)ଙ୍କ ମୃତ୍ୟୁ ପରେ ପତ୍ନୀ ସୁଶାନ୍ତୀ ଦାସ (୬୦) ଓ ଏକମାତ୍ର କନ୍ୟା ସନ୍ତାନ +୨ ପଢୁଆ ଲକ୍ଷ୍ମୀପ୍ରିୟା ଦାସ (୧୮) ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି।

ମଜୁରି କରି ପରିବାର ପୋଷଣ କରୁଥିବା ପ୍ରମୋଦ ଗତ କିଛିଦିନ ପୂର୍ବେ ପଡ଼ିଯାଇ ଆହତ ହୋଇଥିଲେ। ଅର୍ଥାଭାବରୁ ଚିକିତ୍ସା ପାଇଁ ମେଡିକାଲ ଯିବା ସମ୍ଭବ ନ ହେବାରୁ ସେ ଘରେ ପଡ଼ି ରହିଥିଲେ। ଭୟଙ୍କର ଶୀତରେ ଅବସ୍ଥା ଗୁରୁତର ହୋଇ ସେ କୋଲାପ୍ସ ହୋଇ ମୃତ୍ୟୁବରଣ କରିଥିବା ପଡ଼ୋଶୀ କହିଛନ୍ତି। ଖବର ସଂଗ୍ରହ ସମୟରେ ତାଙ୍କ ଘର ଭିତରକୁ ପ୍ରବେଶ କରିବା ପରେ ପଡ଼ୋଶୀଙ୍କ ଅଭିଯୋଗରେ ସତ୍ୟତା ଥିବା ପ୍ରତୀତ ହୋଇଛି। ଏ ନେଇ ଖବର ପ୍ରକାଶ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଘ ତରଫରୁ ଜରୁରିକାଳୀନ ଭିତ୍ତିରେ ପରିବାରକୁ କମ୍ବଳ, ପାଲ ଓ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି। ବାପାଙ୍କ ଶେଷକୃତ୍ୟ ପାଇଁ ସାହିପଡ଼ିଶା ଓ ଗ୍ରାମବାସୀ ସହାୟତା କରିଥିଲେ। ତେବେ ଆର୍ଥିକ ସମ୍ବଳ ନ ଥିବା କାରଣରୁ ଶୁଦ୍ଧିକ୍ରିୟା କିପରି କରାଯିବ, ସେ ଚିନ୍ତା ଏବେ କଅଁଳ ବୟସରେ ଲକ୍ଷ୍ମୀପ୍ରିୟାଙ୍କୁ ଅସ୍ଥିର କରିଦେଇଛି। ଖେଳିବା ବୁଲିବା ବୟସରେ ଜୀବନର ଭାର ତାଙ୍କ କନ୍ଧରେ ପଡ଼ିଛି।

ଏ ନେଇ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ରେଡକ୍ରସ ପାଣ୍ଠିରୁ ପ୍ରମୋଦ ଦାସଙ୍କ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ସହାୟତା ପ୍ରଦାନ କରିବା ସହ ସରକାରୀ ଯୋଜନା କିପରି ବେସାହାରା ମାଆଝିଅଙ୍କ ନିକଟରେ ପହଞ୍ଚିପାରିବ, ସେ ନେଇ ତ୍ୱରିତ ଓ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଜଗତସିଂହପୁରରେ ଧାନ ମଣ୍ଡି ଉଦ୍‌ଘାଟିତ

ଜଗତସିଂହପୁର,୧୬।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ଆଳିପିଙ୍ଗଳ ଠାରେ ଥିବା ଗୋପାଳଜୀଉ ଧାନ ମଣ୍ଡିରେ ଚଳିତ ଖରିଫ ଋତୁ ପାଇଁ ଧାନକ୍ରୟ ବ୍ୟବସ୍ଥାର ଉଦ୍‌ଘାଟନ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ, ଡିଆରସିଏସ ପ୍ରଭାସ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ବିନା କଟନୀ ଛଟନୀରେ ସୁରୁଖୁରୁରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ପାକ୍ସ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ଦମ୍ପତିଙ୍କୁ ଠେଙ୍ଗାରେ ଆକ୍ରମଣ

ବଇଣ୍ଡା,୧୬।୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଖାଲପାଳ ଗ୍ରାମର ଟୁନି ପ୍ରଧାନ ଓ ତାଙ୍କ ସ୍ୱାମୀ ମିଥୁନ ପ୍ରଧାନଙ୍କୁ ସେହି ଗ୍ରାମର ବାଇଧର ପ୍ରଧାନ ଠେଙ୍ଗାରେ ଆକ୍ରମଣ କରିଥିବା ଗୁରୁବାର ଟୁନି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଟୁନି ଓ ମିଥୁନ ଘରେ ଥିବାବେଳେ ବାଇଧର ଠେଙ୍ଗା ଧରି ଯାଇ ଉଭୟଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଧନ ପ୍ରାପ୍ତି ଯୋଗ ରହିଛି। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। କାର୍ଯ୍ୟରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ନୂଆ ଯାନ କିଣିପାରନ୍ତି। ପରିବାର ସହିତ ସମ୍ପର୍କ ମଧୁର ହେବ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଆୟରେ ବୃଦ୍ଧି ହେବ। ମାନସିକ ଦୁଶ୍ଚିନ୍ତାରେ ରହିବେ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ। ଗାଈଙ୍କୁ ଖାଇବାକୁ ଦିଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ।

## ଆଜିର ଇତିହାସ

- ୧୫୯୫ – ସ୍ପେନ ବିରୋଧରେ ଫ୍ରାନ୍ସ ଯୁଦ୍ଧ ଘୋଷଣା କରିଥିଲା।
- ୧୬୦୧- ଆକବର ଅସିରଗଡ଼ କିଲ୍ଲାରେ ପ୍ରବେଶ କଲେ।
- ୧୬୫୬ – ବ୍ରାଣ୍ଡେନବର୍ଗ-ସ୍ୱିଡେନ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା।
- ୧୯୪୬ – ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ସଭା ଅନୁଷ୍ଠିତ।
- ୧୯୮୭-ଟାଟା ଫୁଟବଲ ଏକାଡେମୀ ଖୋଲିଲା।
- ୧୯୯୫- ଜାପାନର କୋବେ ସହରରେ ଭୂମିକମ୍ପ ଯୋଗୁଁ ଶତାଧିକ ଲୋକଙ୍କ ମୃତ୍ୟୁ।

# 'ଗୋଲମାଲ ୫' ସୁଟିଂ ହେବ ମୁମ୍ବାଇରେ ଗୋଆ ନୁହେଁ



ରୋହିତ୍ ସେଟ୍ଟୀଙ୍କ ଫିଲ୍ମ 'ଗୋଲମାଲ' ସିରିଜ୍‌କୁ ଦର୍ଶକୀୟ ଆଦୃତି ମିଳିଛି। ଏବେ ଏହି ସିରିଜ୍‌ର ପଞ୍ଚମ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ଲିଡ୍ ରୋଲରେ ଅଜୟ ଦେବଗନ ଦେଖାଯିବେ। ଇତିମଧ୍ୟରେ ଏହାର ସୁଟିଂକୁ ନେଇ ଏକ ଖବର ଆସିଛି। ଏଥର କିନ୍ତୁ ରୋହିତ୍ ଗୋଆ ବଦଳରେ ମୁମ୍ବାଇରେ ସୁଟ୍ କରିବେ। ସେ ସବୁବେଳେ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ଫିଲ୍ମଗୁଡ଼ିକର ସୁଟିଂ ଗୋଆ ନଚେତ୍ ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟିରେ କରିଥାଆନ୍ତି। 'ଗୋଲମାଲ ୫'ର ସୁଟିଂ କିନ୍ତୁ ମୁମ୍ବାଇରେ ହେବ। କେଫେ ସେଟ୍, ପୁଲିସ୍ ଷ୍ଟେସନ୍, ଏକ ବଡ଼ ବଙ୍ଗଳାର ସେଟ୍‌ଅପ୍ ମୁମ୍ବାଇରେ କରାଯାଇଛି। ମୁମ୍ବାଇସ୍ଥିତ ଫିଲ୍ମ ସିଟିରେ ଏହାର ଅଧିକାଂଶ ସୁଟ୍ ହେବ। ସବୁଠୁ ବଡ଼ କଥା ହେଲା, ମୁମ୍ବାଇରେ ସୁଟ୍ ହେଉଥିବାରୁ କଳାକାରମାନେ ସିଧା ଘରୁ ସୁଟିଂ ସେଟ୍‌ରେ ପହଞ୍ଚି ସୁଟ୍ କରିପାରିବେ। 'ଗୋଲମାଲ ୫'ରେ ଅଜୟଙ୍କ ସହ ଅରଶଦ ୱାର୍ସି, ଶ୍ରେୟସ୍ ତଲପଡ଼େ, କୁନାଲ ଖେମୁ, ତୁଷାର କପୁର ନଜର ଆସିବେ।


# ହୃଦୟ ପାଇଁ ଭଲ ନୁହେଁ ମାଉଥୱାଶ୍ !

ମୁଖ ସ୍ୱଚ୍ଛତା ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ସେଥିପାଇଁ ଲୋକେ ଦିନକୁ ଦୁଇଥର ବ୍ରଶ୍ କରିଥାନ୍ତି। ମାଉଥ୍‌ୱାଶ୍ ବି ବ୍ୟବହାର କରିଥାନ୍ତି। ଆଣ୍ଟିସେପ୍ଟିକ୍ ମାଉଥ୍‌ୱାଶ୍‌ର ମାତ୍ରାଧିକ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ତେଣୁ ସର୍ବଦା ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ। ଅନେକ କ୍ଷେତ୍ରରେ ଏହାଠାରୁ ଦୂରେଇ ରହିବା ଭଲ। ଏହାଦ୍ୱାରା ଶରୀରରେ ଥିବା ଜରୁରି ଜୀବାଣୁଗୁଡ଼ିକ ଦୂରେଇ ଯାଆନ୍ତି। ଏଥିଯୋଗୁ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ସମସ୍ୟା ଦେଖାଯାଇପାରେ। ଏନେଇ ଦନ୍ତବିଶେଷଜ୍ଞଙ୍କ କହିବା କଥା, ମାଉଥୱାଶ୍‌ରେ ଥିବା ରସାୟନିକ ତତ୍ତ୍ୱଗୁଡ଼ିକ ମୁଖରେ ଥିବା ଉପକାରୀ ଜୀବାଣୁଗୁଡ଼ିକୁ ମାରି ଦେଇଥାଏ। ଏହି ଜୀବାଣୁଗୁଡ଼ିକ ମନୁଷ୍ୟ ଶରୀରରେ ନାଇଟ୍ରିକ୍‌ଅକ୍ସାଇଡ୍ ତିଆରି କରିବାରେ ସାହାଯ୍ୟ କରନ୍ତି। ଏହା ରକ୍ତନାଳୀକୁ ଠିକ୍ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ହେଲେ ଯେତେବେଳେ ଏହି ଜୀବାଣୁଗୁଡ଼ିକ ମରି ଯାଆନ୍ତି, ନାଇଟ୍ରିକ୍‌ଅକ୍ସାଇଡ୍ ସ୍ତର ହ୍ରାସ ପାଇବା ସହିତ ରକ୍ତନଳୀଗୁଡ଼ିକ ସଙ୍କୁଚିତ ହେବାକୁ ଲାଗେ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ଆଶଙ୍କା ବଢ଼ିଯାଇଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଦିନରେ ଦୁଇଥର ଜୀବାଣୁମୁକ୍ତ ମାଉଥୱାଶ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କଠାରେ ଉଚ୍ଚ ରକ୍ତଚାପ ଆଶଙ୍କା ଦୁଇଗୁଣ ବୃଦ୍ଧି ପାଏ। ବିଶେଷକରି ପୂର୍ବରୁ ରକ୍ତଚାପ କିମ୍ବା ହୃଦ୍‌ରୋଗରେ ପୀଡ଼ିତଙ୍କ ପାଇଁ ଏହା ଅଧିକ ସମସ୍ୟା ସୃଷ୍ଟି କରେ। ତେଣୁ ପ୍ରତିଦିନ ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ। କେବଳ ସତେଜତା ପାଇଁ ବେଳେବେଳେ ଏହାକୁ ବ୍ୟବହାର କରିବା ଭଲ। ମୁଖ ସ୍ୱଚ୍ଛତା ପାଇଁ ଦିନରେ ଦୁଇ ଥର ସଠିକ୍ ବ୍ରଶ୍ କରିବା ସହ କୁଳି କରିବା ଉଚିତ। ମାଉଥୱାଶ୍ କେବଳ ଦନ୍ତ ସଂକ୍ରମଣ, ସର୍ଜରୀ କିମ୍ବା ମାଢ଼ିଜନିତ ସମସ୍ୟା ବେଳେ ବ୍ୟବହାର କରିବା ଉଚିତ। ଯଥାସମ୍ଭବ ଆଲକହଲମୁକ୍ତ ମାଉଥୱାଶ୍ ବାଛିବା ଜରୁରି। ସପ୍ତାହକୁ ୨/୩ ଥରରୁ ଅଧିକ ଥର ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ।



# ବିଶ୍ୱର ସବୁଠୁ ବଡ଼ ହୋଟେଲ

## ୩ଟି ଟାୱାରରେ ରହିଛି ୭୩୫୧ ରୁମ୍



ସମଗ୍ର ବିଶ୍ୱରେ ଏକାଧିକ ହୋଟେଲ ଅଛି। କେତେକ ବହୁତ ବଡ଼ ଏବଂ ଆଉ କେତେକ ବିଳାସପୂର୍ଣ୍ଣ। ପ୍ରତ୍ୟେକ ହୋଟେଲର ନିଜସ୍ୱ ବିଶେଷତା ବି ରହିଛି। ଏହି କ୍ରମରେ ମାଲେସିଆରେ ଥିବା 'ଫାଷ୍ଟ ୱାର୍ଲଡ୍ ହୋଟେଲ' ବିଶ୍ୱର ସବୁଠୁ ବଡ଼ ହୋଟେଲ ଭାବେ ଜଣାଯାଏ। ଏହି ହୋଟେଲରେ ସମୁଦାୟ ୭୩୫୧ଟି ରୁମ୍ ଅଛି। ଫାଷ୍ଟ ୱାର୍ଲଡ୍ ହୋଟେଲ ବିଶ୍ୱର ସବୁଠୁ ବଡ଼ ହୋଟେଲ ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି। ଏହି ହୋଟେଲ ଏତେ ବଡ଼ ଯେ, ଏଠାରେ ଚେକ୍‌ଇନ୍ ପାଇଁ ଲୋକଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ। ଏହି ହୋଟେଲ ମଧ୍ୟରେ ଏକକାଳୀନ ୧୪୦୦୦ ଅତିଥି ରହିପାରିବେ। ୫ ଲକ୍ଷ ବର୍ଗଫୁଟରେ ନିର୍ମିତ ଏହି ହୋଟେଲରେ ସପିଂ ସେଣ୍ଟର ଓ ଏଣ୍ଟରଟେନ୍‌ମେଣ୍ଟ କମ୍ପ୍ଲେକ୍ସ ରହିଛି। ଫାଷ୍ଟ ୱାର୍ଲଡ୍ ହୋଟେଲରେ ଦୁଇଟି ମୁଖ୍ୟ ଟାୱାର(ଟାୱାର ୧, ଟାୱାର ୨) ରହିଛି। ଏହାବ୍ୟତୀତ ଏଥିରେ ଅତିରିକ୍ତ ଆଉ ଏକ ଟାୱାର ଅଛି। ପ୍ରତ୍ୟେକ ଟାୱାର ୩୬ ମହଲା ବିଶିଷ୍ଟ। ଏଠାରେ ଗ୍ରାହକଙ୍କ ପାଇଁ ୬ ଟି ସ୍ତରର ରୁମ୍ ରହିଛି। ଗ୍ରାହକ ନିଜ ବଜେଟ୍ ଅନୁସାରେ ରୁମ୍ ନେଇ ପାରିବେ। ହୋଟେଲଟି ବେଶ୍ ବଡ଼ ହୋଇଥିବାରୁ ଗ୍ରାହକଙ୍କୁ ଚେକ୍‌ଇନ୍ ପାଇଁ ସମସ୍ୟା ହୋଇଥାଏ। ଏତେ ଗହଳି ହୋଇଥାଏ ଯେ, ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ। ତେବେ ଏଠାରେ ଏକାଥରକେ ୧୪୦୦୦ ପର୍ଯ୍ୟଟକ ରହିବା ପାଇଁ ବ୍ୟବସ୍ଥା ରହିଛି। ବିଶ୍ୱର ସବୁଠୁ ବଡ଼ ହୋଟେଲ ମଧ୍ୟରେ ଏହା ପ୍ରଥମ ସ୍ଥାନରେ ଅଛି। ଏହାପରେ ଦ୍ୱିତୀୟ ସ୍ଥାନରେ 'ଦ ଭେନିସନ୍' (ଲାସ୍ ଭେଗାସ) ଓ ତୃତୀୟ ସ୍ଥାନରେ ଏମ୍‌ଜିଏମ୍ ଗ୍ରାଣ୍ଡ(ଲାସ୍ ଭେଗାସ) ରହିଛି।

## ଆସ ବୀଣାପାଣି



ଗୋପୀନାଥ ଦାଶ

ଆସ ବୀଣାପାଣି କରୁଛୁ ବନ୍ଦନ
ରକମର ଫୁଲ ଧରି
ପିନ୍ଧାଇ ଦେବୁ ଗଳାରେ ମାଳ
ତୁମ୍ଭଙ୍କୁ ସ୍ମରଣ କରି।
ହଂସ ବାହିନୀ ଗୋ ଶୁଭ୍ର ବସ୍ତ୍ର ପରିହିତା
କମଳ ପୁଷ୍ପ ଆସନ
ପ୍ରଫୁଲ୍ଲ ବଦନ ଶାରଦା ବରଦା
ପଶୁଛୁ ତୁମ୍ଭ ଶରଣ।
ବିଦ୍ୟାଦାତ୍ରୀ ବୋଲି ଜଗତରେ ଖ୍ୟାତ
ସଙ୍ଗୀତର ଅଟ ରାଣୀ
ଅଜ୍ଞାନକୁ ହରି ଜ୍ଞାନ ଦିଅ ଭରି
ଉଦ୍ଧର ସକଳ ପ୍ରାଣୀ।
ମାଆ ସରସ୍ୱତୀ ବିରାଜିତ ହେବ
ରଖିଛୁ ଧୂପ ଓ ଦୀପ
ନାରିକେଳ ଆଉ କେତେ ଫଳ, ଭୋଗ
ସଜାଇ ଝୋଟିରେ ମଣ୍ଡପ।
ତୋରଣ ହୋଇଛି କେତେ ମନଲୋଭା
ଆମ୍ବ ପତ୍ରରେ ସଜ୍ଜିତ
ରଙ୍ଗୀନ କାଗଜ କାଟି ଲଗାଇଛୁ
ଦିଶଇ କି ସୁଶୋଭିତ।
ଜ୍ଞାନର ବିକାଶ କରିବ ବାଗ୍‌ଦେବୀ
ଭାରତୀ ହଂସ ବାହିନୀ
କରୁଥିବୁ ପୂଜା ସବୁଦିନ ପାଇଁ
ମା' ଗୋ ବିଦ୍ୟାଦାୟିନୀ। ■



ବରପାଲିପଡ଼ା, ବଲାଙ୍ଗିର
ମୋ -୬୩୭୧୮୦୫୦୭୦

## ପ୍ରହେଳିକା

- ମାଘ ମାସ ଶୁକ୍ଳ ପଞ୍ଚମୀ ଦିନ
ହସିଉଠେ ସାରା ମରତ ଧାମ
ସ୍ୱର୍ଗରୁ ଆସନ୍ତି ମା' ଅବତରି
ବିଦ୍ୟା ବୁଦ୍ଧି ପ୍ରାଣେ ଦିଅନ୍ତି ଭରି
ହାତେ ଧରିଥାନ୍ତି ବୀଣା ପୁସ୍ତକ
ଛାତ୍ରଙ୍କୁ ଦିଅନ୍ତି ଜ୍ଞାନ ବିବେକ
ସାଜସଜା ମନ ମୋହେ
ସାରା ବିଦ୍ୟାଳୟ ଲାଗେ କୋଳାହଳ
କୁହ ତା'ର ନାମ କିଏ।
ଉତ୍ତର-ସରସ୍ୱତୀ ପୂଜା
- ପକ୍ଷୀଟିଏ ସିଏ ବର୍ଣ୍ଣ ଧବଳ
ପାଣିରେ ପହଁରେ ଭାରି ଚଞ୍ଚଳ
ସରସ୍ୱତୀଙ୍କର ବାହନ ସିଏ
ତା'ସୁନ୍ଦର ରୂପ ମନକୁ ମୋହେ
ପାଦ ଗଣି ଗଣି ଚାଲେ
କ୍ଷୀରରୁ ପାଣିକୁ ଭିନ୍ନ କରେ ସେହି
କୁହ ତା'ର ନାମ ପିଲେ।
ଉତ୍ତର- ହଂସ
- ବାଦ୍ୟ ଯନ୍ତ୍ରଟିଏ ସିଏ ଆମର
ତା' କୋମଳ ଧ୍ୱନି ଭାରି ମଧୁର
ମା' ସରସ୍ୱତୀ ତାକୁ ହାତରେ ଧରି
ବାଣ୍ଟିଥାନ୍ତି ସର୍ବେ କରୁଣା ବାରି
ଅତି ପୁରାତନ ସିଏ
ତା' ଧ୍ୱନି ବଢ଼ାଏ ସଙ୍ଗୀତର ସୁର
ନାଆଁ କହିଦେବ କିଏ।
ଉତ୍ତର-ବୀଣା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମାଗେ ଭକତି



ବିଦ୍ୟାଦାୟିନୀ ମାଗୋ ବୀଣାପାଣି
ଡାକୁଛି ଭକତି ଚିତ୍ତେ,
ମୁଁ ଅବୋଧ ଶିଶୁ ଜାଣେ ନାହିଁ କିଛି
ବୁଦ୍ଧି ଜ୍ଞାନ ଦିଅ ମୋତେ।
ତୁମେ ତ ଅମାପ ବିଦ୍ୟାର ସାଗର
କିଅବା ମାଗିବି ମାଆ,
ଏ ସାରା ସଂସାରେ ତୁମ ବିନା ଆଉ
କିଏ ଅଛି ମୋର ସାହା।
ତୁମ ଦୟା ହେଲେ ମୂକ କହେ କଥା
ପଙ୍ଗୁ ଲଙ୍ଘି ପାରେ ଗିରି,
ତୁମରି ଦୟାରେ ଶ୍ରାବଣ ସଞ୍ଜରେ
ବରଷା ପଡ଼ଇ ଝରି।
ତୁମେ ତ ଗୀତରେ ତୁମେ ତ ତାଳରେ
ତୁମେ ଛନ୍ଦ, ଲୟ, ସୁରେ,
ତୁମକୁ ଅରପି ଦେଇଛି ଭକତି
ଯେତେ ଥାଏ ପଛେ ଦୂରେ।



ତପନ କୁମାର ସ୍ୱାଇଁ

ବିଦ୍ୟା ଦାୟିନୀ ମାଆ ମରାଳ ବାହିନୀ
ରଖିଛି ମୁଁ ପୂଜା ଫୁଲ,
ତୁମ ଚରଣରେ ଅରପିବି ବସି
ମାଗୁ ନାହିଁ କିଛି ମୂଲ।
ଏତିକି ମାଗୁଣି ଶ୍ରୀ ଛାମୁରେ ତୋର
କଣ୍ଠରେ ମୋ ଥିବୁ ସଦା,
ବିପଦ ଆପଦେ ଦୟା କରିବୁ ମା'
ଦେବୁ ନାହିଁ କେବେ ବାଧା। ■

ଅଇଲି, ଜଗତସିଂହପୁର
ମୋ - ୯୦୪୦୦୩୩୩୯୦

# ସୁମନ

# କିଆଫୁଲ





ରାଜେଶ ରାୟ

ମକର ସଂକ୍ରାନ୍ତି ପାଳନ କରିବା ପାଇଁ ରାଧାରାଣୀ ନିଜ ବାପା ବୋଉଙ୍କ ସହ ଟ୍ରେନ୍‌ରେ ବସି କଟକରୁ ବିଶାଖାପାଟଣା ଯାଉଥିଲା। ଗଞ୍ଜାମ ଷ୍ଟେସନ୍ ଆସିବାକୁ କିଛିବାଟ ଥାଏ। ଟ୍ରେନ୍ ଝରକା ପାଖରେ ବସି ରାଧାରାଣୀ ପ୍ରକୃତିର ସୁନ୍ଦରତାକୁ ଉପଭୋଗ କରୁଥିଲା। ଠିକ୍ ଏହି ସମୟରେ ହଠାତ୍ ତା' ନଜର ଯାଇ ପଡ଼ିଲା ଧାନ କ୍ଷେତ କଡ଼ରେ ସୁନ୍ଦର ଭାବେ ସଜେଇ ହୋଇ ରହିଥିବା ସବୁଜ ରଙ୍ଗର ବୁଦାଳିଆ ଗଛ ଉପରେ ଯାହାର ପତ୍ର ସପୁରି ଗଛ ପତ୍ର ପରି ଦିଶୁଥିଲା। ରାଧାରାଣୀ ବାପାଙ୍କୁ ଡାକି ପଚାରିଲା ଏ ଗଛର ନାଁ କଣ ? ବାପା ଉତ୍ତର ଦେଲେ " କିଆଗଛ"। ସେହି ଗଛରେ ଫୁଟିଥିବା ଧଳା ରଙ୍ଗ ଫୁଲର ବାସ୍ନାରେ ପରିବେଶ ମହକି ଯାଉଥିଲା। ଟ୍ରେନ୍‌ରେ ବସିଥିବା ଅନ୍ୟ ଯାତ୍ରୀମାନେ ସେହି ସୁଗନ୍ଧିତ ବାସ୍ନାରେ ଟାଣିହୋଇ ନିଜ ମୋବାଇଲ କ୍ୟାମେରାରେ କିଆ ଫୁଲର ସୌନ୍ଦର୍ଯ୍ୟକୁ କଏଦ କରୁଥିଲେ। ଏତିକିବେଳେ ଟ୍ରେନ୍‌ରେ ବସିଥିବା ଜଣେ ବ୍ୟକ୍ତି କହି ଉଠିଲେ-"ଆପଣମାନେ ଜାଣି ନାହାନ୍ତି କି , ଗଞ୍ଜାମ ଜିଲ୍ଲା କିଆଫୁଲ ପାଇଁ ପ୍ରସିଦ୍ଧ।" ଏହିଠାରୁ କିଆଫୁଲ ନିଆଯାଇ ଦେଶ ବିଦେଶରେ ବିକ୍ରି କରାଯାଏ। ଲୋକଟିର କଥାବାର୍ତ୍ତାରୁ ଜଣାପଡ଼ିଲା ସିଏ ବ୍ରହ୍ମପୁରର ଲୋକ। ରାଧାରାଣୀ ଏ କଥା ଶୁଣିବା ପରେ ତା ମନ ହେଲା କିଆଫୁଲ ବିଷୟରେ ଆହୁରି ଅଧିକ କଥା ଜାଣିବା ପାଇଁ ତେଣୁ ସେ ସେହି ବ୍ୟକ୍ତିଙ୍କୁ ଅନୁରୋଧ କଲା କିଆଫୁଲ ବିଷୟରେ ଆଉ କିଛିକଥା କହିବା ପାଇଁ। ଅନ୍ୟ ଯାତ୍ରୀମାନେ ମଧ୍ୟ କିଆଫୁଲ ବିଷୟରେ ଜାଣିବା ପାଇଁ ପାଖରେ ଆସି ଭିଡ଼ ଜମେଇଲେ। ବ୍ୟକ୍ତି ଜଣକ କହିଲେ କିଆ ଏକ କଣ୍ଟା ଜାତୀୟ ଗଛ, ଯାହା ଦେହରେ ସୁଗନ୍ଧିତ ଫୁଲ ଫୁଟିଥାଏ। ସେହି ଫୁଲକୁ ନେଇ ଅତରଠାରୁ ଆରମ୍ଭ କରି ତେଲ, ଔଷଧ, କ୍ରିମ୍ ଆଦି ପ୍ରସ୍ତୁତ କରାଯାଏ। ଆମ ଦେଶରେ ମିଳୁଥିବା କିଆଫୁଲର ପ୍ରାୟ ୯୦ ପ୍ରତିଶତ କେବଳ ଗଞ୍ଜାମ ଜିଲ୍ଲାରୁ ମିଳିଥାଏ। ତେଣୁ କିଆଫୁଲ ଏବଂ କିଆ ଅତରକୁ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଉତ୍ପାଦ ରୂପେ ସରକାରୀ ମାନ୍ୟତା ମିଳିଛି। ଏହି ଫୁଲକୁ ପାଖାପାଖି ୧୧୦ ଟି ଗ୍ରାମର ଚାଷୀମାନେ ଉତ୍ପାଦନ କରିଥାନ୍ତି। ଦୁଃଖର ଘଟଣା ହେଉଛି, ମଣିଷର ଆଧୁନିକ କାରୁକାର୍ଯ୍ୟ ଯୋଗୁ ପରିବେଶରେ ଦେଖାଯାଉଥିବା ନକାରାତ୍ମକ ପରିବର୍ତ୍ତନ ପାଇଁ ଏବେ କିଆଫୁଲର ଅବସ୍ଥା ସଙ୍କଟରେ ରହିଛି। ପରିବେଶ ଓ ଜଳବାୟୁର ପ୍ରଭାବ ଏବେ କିଆ ଗଛ ଉପରେ ଏପରି ଭାବେ ପଡୁଛି ଯାହାଦ୍ୱାରା ତାର ବଂଶ ବୃଦ୍ଧି ଆଉ ଆଗଭଳି ହୋଇପାରୁନାହିଁ। ମାଟି ଉର୍ବରତା ହରାଇବା କାରଣରୁ ଉକ୍ତ ଗଛର ବୃଦ୍ଧି ଓ ବିକାଶ ଠିକ୍ ଭାବେ ହୋଇପାରୁନାହିଁ। କିଆଗଛ କେବଳ ଆମକୁ ଫୁଲ ଦିଏନାହିଁ ବରଂ ଏହାର ଶରୀରରୁ ବାହାରୁଥିବା ଶକ୍ତ ଚେରକୁ ନେଇ ସେଥିରେ ଗୋଟିଏ ପ୍ରକାରର ମଜବୁତ୍ ଦଉଡ଼ି ପ୍ରସ୍ତୁତ କରାଯାଏ ଯାହାକୁ ପଟ ବୋଲି କୁହାଯାଏ। ପୂର୍ବ କାଳରେ ଚାଳ ଛପର ଘରକୁ ତିଆରି କରିବା ପାଇଁ ଏହି କିଆ ଗଛର ପଟକୁ ବ୍ୟବହାର କରାଯାଉଥିଲା କିନ୍ତୁ ବର୍ତ୍ତମାନ ଚାରିଆଡ଼େ କୋଠାଘର ଗଢ଼ି ଉଠିବା କାରଣରୁ କିଆ ପତର ବ୍ୟବହାର ଆଉ କରାଯାଉନାହିଁ। ଗଞ୍ଜାମ ଜିଲ୍ଲାରେ ଗୋଟିଏ କିଆ ଫୁଲକୁ ପାଖାପାଖି ୨୫ ରୁ ୩୦ ଟଙ୍କାରେ ବିକ୍ରି କରାଯାଏ। ପୂର୍ବ ସମୟରେ କିଆ ଅତରକୁ ଲିଟର ପିଛା ୧୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିଲା ଯାହା ଏବେ ୮ ଲକ୍ଷରେ ଆସି ପହଞ୍ଚିଲାଣି। କିଆଫୁଲରୁ ସୁଗନ୍ଧିତ ଅତର ବାହାର କରିବା ପାଇଁ ଗଞ୍ଜାମ ଜିଲ୍ଲାରେ କିଆଫୁଲ ଭାଟି ସବୁ ନିର୍ମାଣ କରାଯାଇଛି କିନ୍ତୁ ଏବେ ତାହା କାମ ନ କରି ବନ୍ଦ ହେବାକୁ ବସିଲାଣି। ଲୋକ ଜଣକ ଆହୁରି ମଧ୍ୟ କହିଲେ ଯେ, ଶରତ ଋତୁ ଆସିଲେ କିଆଫୁଲ ବହୁତ୍ ପରିମାଣରେ ଫୁଟିଥାଏ ଏବଂ ଶୀତ ଋତୁରେ ବି କିଛି ଫୁଟେ। ବର୍ତ୍ତମାନ ସମୟରେ କିଆଫୁଲ ଚାଷ କରିବାକୁ ଚାଷୀମାନେ ରାଜି ହେଉ ନାହାନ୍ତି କାରଣ ପରିବେଶ ପ୍ରଦୂଷଣ କାରଣରୁ ସେମାନଙ୍କର ଉତ୍ପାଦନ ହ୍ରାସ ପାଉଛି। କିଆଗଛର ସଂରକ୍ଷଣ କରିବା ପାଇଁ ସରକାରୀସ୍ତରରେ ଯଦି କିଛି ପଦକ୍ଷେପ ନିଆ ଯାଆନ୍ତା ତେବେ ଆଗାମୀ ଦିନରେ କିଆ ଫୁଲ ପୁଣିଥରେ ହସି ଉଠନ୍ତା। ଆଗରୁ ଏହି ସ୍ଥାନ ଦେଇ ଯିବା ଆସିବା କଲାବେଳେ ଅଧିକ ସୁଗନ୍ଧିତ ବାସ୍ନାରେ ନାକ ଫାଟି ପଡୁଥିଲା କିନ୍ତୁ ଏବେ ଏହାର ପରିମାଣ ବହୁତ୍ କମିଯାଇଛି। ଯେଉଁ ଫୁଲ ସବୁ ଆପଣ ଦେଖୁଛନ୍ତି ଆଗାମୀ ବର୍ଷ ହୁଏତ ତାହା ଆଉ ଏହି ସ୍ଥାନରେ ନଥିବ! କିଆଫୁଲ ଏବେ ନିଜକୁ ରକ୍ଷା କରିବା ପାଇଁ ଆମକୁ ନିବେଦନ କରୁଛି। ହେଲେ ଆମେ ବୁଝିଲେ ତ ! ଏହିକଥା କହିବା ସମୟରେ ଲୋକଟିର ଆଖି ଦୁଃଖର ଲୁହରେ ଜକେଇ ଯାଇଥିଲା। କଥାରେ କଥାରେ ରେଳ ଆସି ବ୍ରହ୍ମପୁରରେ ପହଞ୍ଚି ସାରିଥିଲା। ଲୋକଟି ପାଖରୁ କିଆଫୁଲର କଥା ଶୁଣି ରାଧାରାଣୀର ମନ ବହୁତ୍ କଷ୍ଟ ହେଲା। ତାର ନୂଆବର୍ଷ ପାଳିବା ଖୁସି ସବୁ ମଉଳି ଗଲା। ସେହି ଦିନଠାରୁ ସେ କେବଳ କିଆଫୁଲ କଥା ଭାବିଲା। ଏମିତି କିଛିଦିନ ବିତିଗଲା ପରେ ରାଧାରାଣୀ ପୁଣି ଟ୍ରେନ୍‌ରେ ବସି ସେହିବାଟ ଦେଇ ନିଜ ଘରକୁ ଫେରିଲା ଏବଂ ବାଟରେ ଆସିଲା ସମୟରେ କିଆଫୁଲର ଶୁଖିଲା ମୁହଁକୁ ଦେଖି ସେ ଭାବୁଥିଲା, "ଏମିତି କିଛି ହୁଅନ୍ତାନି , ଲୋକମାନେ ନିଜର ଭୁଲକୁ ବୁଝିପାରି ପରିବେଶର ଯତ୍ନ ନିଅନ୍ତେ ଏବଂ କାନ୍ଦୁଥିବା ଏହି କିଆଫୁଲ ପୂର୍ବପରି ଖିଲି ଖିଲି ହସି ଉଠନ୍ତା।" ■

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର
ମୋ-୬୩୭୧୫୫୫୯୪୦

## ତୁମ ଅଙ୍କନ





ଶ୍ରୀୟା ନାୟକ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ୍
ନିମାପଡ଼ା





ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଶ୍ରେୟାନ୍ କୁମାର ସାହୁ
ୟୁକେଜି
କିଡ୍‌ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ସହିଷ୍ଣୁ ସାହୁ
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର ହାଇ ସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର

● ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍

## ଆୟର, ବିଷ୍ଣୋଇ ସାମିଲ

ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ନିର୍ଭରଯୋଗ୍ୟ ବ୍ୟାଟର୍ ଶ୍ରେୟାସ ଆୟର ଓ ସ୍ପିନର ରବି ବିଷ୍ଣୋଇ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଦୁଇ ଆହତ ଖେଳାଳି ତିଲକ ବର୍ମା ଓ ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ଉଭୟଙ୍କୁ ଦଳରେ ନିଆଯାଇଛି ବୋଲି ଶୁକ୍ରବାର ବିସିସିଆଇ ପକ୍ଷରୁ କୁହାଯାଇଛି। ବିଜୟ ହଜାରେ ଟ୍ରଫିରେ ଖେଳୁଥିବାବେଳେ ତିଳକ ଆହତ ହୋଇଥିଲେ। ସେହିଭଳି ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ବୋଲିଂ କରୁଥିବାବେଳେ ସୁନ୍ଦରଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଫଳରେ ଉଭୟଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ଦିଆଯାଇଛି। ଉଭୟେ ଟି-୨୦ ବିଶ୍ୱକପ୍‌ରେ ଖେଳିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଆୟର କେବଳ ପ୍ରଥମ ୩ଟି ଟି-୨୦ ପାଇଁ ସ୍ଥାନ ପାଇଛନ୍ତି। ଯଦି ତିଲକ ସୁସ୍ଥ ନ ହୁଅନ୍ତି ତେବେ ଆୟର ଶେଷ ୨ଟି ମ୍ୟାଚ୍‌ରେ ମଧ୍ୟ ଖେଳିବେ ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ବର୍ତ୍ତମାନ ୧-୧ରେ ବରାବର୍ ରହିଛି। ନିର୍ଣ୍ଣାୟକ ୩ୟ ଦିନିକିଆ ରବିବାର ଇନ୍ଦୋରରେ ଖେଳାଯିବ। ଏହାପରେ ଜାନୁଆରୀ ୨୧ରୁ ବିଦର୍ଭରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଆରମ୍ଭ ହେବ।

**ନ୍ୟୁଜିଲାଣ୍ଡ ସିରିଜ ପାଇଁ ଭାରତୀୟ ଟି-୨୦ ଦଳ** : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶ୍ରେୟାସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା, ଶିଭମ ଦୁବେ, ଅକ୍ଷର ପଟେଲ (ଉପ-ଅଧିନାୟକ), ରିଙ୍କୁ ସିଂ, ଯଶପ୍ରୀତ୍ ବୁମରା, ହର୍ଷିତ ରାଣା, ଅର୍ଶଦୀପ୍ ସିଂହ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ।

## ଆର୍ଯ୍ୟାନ ଭାରତର ୯୨ତମ ଗ୍ରାଣ୍ଡମାଷ୍ଟର



ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ଆର୍ଯ୍ୟାନ ଭାର୍ଶନେ ଭାରତର ୯୨ତମ ଚେସ୍ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର (ଜିଏମ୍) ଟାଇଟଲ୍ ହାସଲ କରିଛନ୍ତି। ୨୧ ବର୍ଷୀୟ ଏହି ଦିଲ୍ଲୀ ଖେଳାଳି ଆର୍ମେନିଆରେ ଚାଲିଥିବା ଆନ୍ଦ୍ରିଙ୍କ ମାର୍ଗାରିନ ମେମୋରିଆଲ ପ୍ରତିଯୋଗିତା ଅବସରେ ଏହି ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାର ୮ମ ରାଉଣ୍ଡର ଏକ ମୁକାବିଲାରେ ଆର୍ଯ୍ୟାନ ୟୁକ୍ରେନ ଜନ୍ମିତ ଆର୍ମେନିଆ ଖେଳାଳି ତଥା ଫିଡେ ମାଷ୍ଟର (ଏଫ୍‌ଏମ୍) ତିହରାନ ଆମ୍ବ୍ରାତସୁମେନଙ୍କ ବିପକ୍ଷରେ ଡ୍ର ରଖିଥିଲେ। ଏହା ଫଳରେ ଆର୍ଯ୍ୟନ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ଲାଗି ଆବଶ୍ୟକ ଅନ୍ତିମ ତଥା ୩ୟ ନର୍ମ ହାସଲ କରିଥିଲେ। ଏଥିସହ ଆର୍ଯ୍ୟାନ ଦେଶର ୯୨ତମ ଓ ଦିଲ୍ଲୀର ୮ମ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ୧୯୮୮ରେ ବିଶ୍ୱନାଥନ ଆନନ୍ଦ ଭାରତର ପ୍ରଥମ ଚେସ୍ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ପାଇଥିଲେ।

ହକି ଇଣ୍ଡିଆ ଲିଗ୍

# ଆଜିଠୁ କଳିଙ୍ଗରେ ଶେଷ ପର୍ଯ୍ୟାୟ ରୋମାଞ୍ଚ

ଭୁବନେଶ୍ୱର, ୧୬ ।୧ (ସମିସ)

 କ୍ରିକେଟ୍‌ରେ ଆଇପିଏଲ୍ ଭଳି ହକିରେ ଖେଳାଯାଉଥିବା ଫ୍ରାଞ୍ଚାଇଜଭିତ୍ତିକ ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ଚଳିତ ୭ମ ସଂସ୍କରଣର ୩ୟ ପର୍ଯ୍ୟାୟ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୩ ତାରିଖରୁ ଆରମ୍ଭ ହୋଇଥିବା ପୁରୁଷ ବିଭାଗର ଏହି ଆଠ ଦଳୀୟ ପ୍ରତିଯୋଗିତାର ଚେନ୍ନାଇ ଓ ରାଞ୍ଚି ଲେଗ୍ ଶେଷ ହୋଇଯାଇଛି। ଏବେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଖେଳ ଆରମ୍ଭ ହେବ। ଜାନୁଆରୀ ୨୬ରେ ଫାଇନାଲ ସହ ମୋଟ୍ ୧୪ଟି ମ୍ୟାଚ୍ ଏଠାରେ ଖେଳାଯିବ। ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ।

ଶନିବାର କଳିଙ୍ଗରେ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚରେ ବେଙ୍ଗଲ ଟାଇଗର୍ସ ଓ ହାଇଦରାବାଦ୍ ତୁଫାନ୍ସ ସାମ୍ନାସାମ୍ନି ହେବେ। ଏହି ମ୍ୟାଚଟି ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ସେହିଭଳି ଘରୋଇ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ରାତି ୭ଟା ୩୦ରେ ଏସ୍‌ଜି ପାଇପର୍ସ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ବେଲ୍‌ଜିୟମର ଆର୍ଥର



ଭାନ ଡୋରେନ କଳିଙ୍ଗ ଲାନ୍ସର୍ସର ଅଧିନାୟକ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଲିଗରେ କଳିଙ୍ଗ ଦଳ ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ଅପରାଜେୟ ରହିଛି। ୧୧ ପଏଣ୍ଟ ସହ କଳିଙ୍ଗ ସାରଣୀର ଶୀର୍ଷରେ ରହିଛି।

### ରାଞ୍ଚି ରୟାଲ୍ସର ହ୍ୟାଟ୍ରିକ ବିଜୟ

ଶୁକ୍ରବାର ରାଞ୍ଚି ଲେଗ୍‌ର ଶେଷ ମ୍ୟାଚ୍ ଘରୋଇ ରାଞ୍ଚି ରୟାଲ୍ସ ଓ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଞ୍ଚି ରୟାଲ୍ସ ଦଳ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଟମ୍ ବୁନ ୨ଟି ଏବଂ ମନଦୀପ୍ ସିଂହ ଓ ମନମିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ରାଞ୍ଚିର ଏହା ହ୍ୟାଟ୍ରିକ ବିଜୟ ଥିଲା। ଏଥିସହ ରାଞ୍ଚି ୫ ମ୍ୟାଚରୁ ୯ ପଏଣ୍ଟ ପାଇ ଟେବଲ୍‌ର ୩ୟ ସ୍ଥାନକୁ ଉଠିଛି। ବେଦାନ୍ତ କଳିଙ୍ଗ ଲାନ୍ସର୍ସ (୧୧ ପଏଣ୍ଟ) ଏଚଆଇଏଲ୍ ଜିସି (୧୦) ଯଥାକ୍ରମେ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଲାନ୍ସର୍ସ ଏହି ବିଜୟଧାରାକୁ ବଜାୟ ରଖି ୯ ବର୍ଷ ପରେ ପୁଣିଥରେ ଟ୍ରଫି ଜିତିବାର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ରହିଛି।

**ଆଜିର ମୁକାବିଲା**

ସନ୍ଧ୍ୟା ୫ଟା
ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ

ରାତି ୭ଟା ୩୦
କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ

ପ୍ରସାରଣ : ସୋନି ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସ ନେଟୱର୍କ

ତ୍ରୁଟି ସୁଧାରିଲା ଆଇସିସି

## ୧୫୪୭ ଦିନ ଶୀର୍ଷରେ ରହିଛନ୍ତି କୋହଲି

ଦୁବାଇ, ୧୬ ।୧ (ଏଜେନ୍ସି): ଷ୍ଟାର୍ ଭାରତୀୟ ବ୍ୟାଟର୍ ବିରାଟ କୋହଲି ଚଳିତ ସପ୍ତାହ ପ୍ରାରମ୍ଭରେ ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନକୁ ଫେରିଥିଲେ। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ କୋହଲି ତାଙ୍କ କ୍ୟାରିୟରରେ ମୋଟ୍ ଉପରେ ୮୨୫ ଦିନ ଦିନିକିଆ ର୍‌ୟାଙ୍କିଙ୍ଗର ଶୀର୍ଷରେ ରହିଥିବା ନେଇ ତଥ୍ୟ ପ୍ରଦାନ କରାଯାଇଥିଲା। ଦିନିକିଆ ର୍‌ୟାଙ୍କିଙ୍ଗରେ ସର୍ବାଧିକ ଦିନ ଶୀର୍ଷରେ ରହିଥିବା ବ୍ୟାଟର୍ ତାଲିକାରେ କୋହଲି ୧୦ ନମ୍ବର ସ୍ଥାନରେ ରହିଥିବା ନେଇ ଆଇସିସି ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଆଇସିସିର ଏହି ତଥ୍ୟ ଭୁଲ ରହିଥିବା ନେଇ ସାମାଜିକ ଗଣମାଧ୍ୟମରେ ୟୁଜର ଦାବି କରିଥିଲେ। ଏପରିକି ଆଇସିସି ପୂର୍ବରୁ ପୋଷ୍ଟ କରିଥିବା କିଛି ତଥ୍ୟକୁ ୟୁଜରମାନେ ସେୟାର କରିଥିଲେ। ଯେଉଁଥିରେ କୋହଲି ୧୫୪୭ ଦିନ ଏକ ନମ୍ବର ସ୍ଥାନରେ ରହିଥିବା ନେଇ ଆଇସିସି ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ତ୍ରୁଟିକୁ ଆଇସିସି ଜାଣିବା ପରେ ସଦ୍ୟ କରିଥିବା ପୋଷ୍ଟକୁ ଡିଲିଟ୍ କରିଦେଇଥିଲା।

ସବ୍-ଜୁନିଅର ଜାତୀୟ ରଗବୀ କଳିଙ୍ଗରେ ଆରମ୍ଭ

## ପ୍ରି-କ୍ୱାର୍ଟରରେ ଓଡ଼ିଶା ବାଳିକା



ଭୁବନେଶ୍ୱର, ୧୬ ।୧ (ସମିସ): କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ସବ୍-ଜୁନିଅର ରଗବୀ ସେଭେନ୍ସ ଚାମ୍ପିଅନସିପ୍‌ର ୧୦ମ ସଂସ୍କରଣ ଆରମ୍ଭ ହୋଇଛି। ରଗବୀ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ରଗବୀ ଫୁଟ୍‌ବଲ ଆସୋସିଏସନ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ଜାତୀୟସ୍ତରୀୟ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଜାନୁଆରୀ ୨୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀ ରଗବୀ ଦଳର ଉପ-ଅଧିନାୟିକା ତଥା ଓଡ଼ିଶାର ତାରକା ଖେଳାଳି ଡୁମୁନି ମାର୍ଣ୍ଡି ଚାମ୍ପିଅନସିପ୍‌ର ଟ୍ରଫିକୁ ପଡ଼ିଆରେ ସ୍ଥାପନ କରିବା ପରେ ଅଂଶଗ୍ରହଣକାରୀ ୨୪ ରାଜ୍ୟ ଦଳର ଅଧିନାୟିକାମାନେ ଜଣଙ୍କ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଅତିଥିଙ୍କ ସହ ପରିଚୟ ହେବା ପରେ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା।

ପ୍ରଥମ ଦିବସରେ ବାଳିକା ବିଭାଗ ମ୍ୟାଚ୍ ଖେଳାଯାଇଛି। ଏଥିରେ ଓଡ଼ିଶା ଦଳ ଡବଲ ବିଜୟ ହାସଲ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ଡି'ରେ ଓଡ଼ିଶା ବାଳିକା ଦଳ ୩୫-୦ରେ ଉତ୍ତରପ୍ରଦେଶକୁ ଓ ୨୮-୦ରେ ରାଜସ୍ଥାନକୁ ହରାଇଥିଲା। ପ୍ରି-କ୍ୱାର୍ଟରରେ ଓଡ଼ିଶାର ମୁକାବିଲା ଉତ୍ତରାଖଣ୍ଡ ସହ ହେବ। ଅନ୍ୟ ଦଳଗୁଡ଼ିକ ମଧ୍ୟରେ କେରଳ, ବିହାର, ଝାଡ଼ଖଣ୍ଡ, ଚଣ୍ଡିଗଡ଼, ଛତିଶଗଡ଼, ଦିଲ୍ଲୀ, ରାଜସ୍ଥାନ, କର୍ଣ୍ଣାଟକ, ହରିୟାଣା, ପଶ୍ଚିମବଙ୍ଗ, ଗୁଜରାଟ, ମହାରାଷ୍ଟ. ଜମ୍ମୁ ଓ କାଶ୍ମୀର ଏବଂ ଦାଦ୍ରା ଓ ନଗର ହାବେଳୀ ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ବାଳିକା ବିଭାଗ ହୋଇ ରବିବାର ଶେଷ ହେବ। ସେହିଭଳି ଜାନୁଆରୀ ୨୦ ଓ ୨୧ ତାରିଖରେ ବାଳକ ବିଭାଗ ମ୍ୟାଚ୍ ଖେଳାଯିବ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡା. ୟେଦୁଲ୍ଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଓଡ଼ିଶା ରଗବୀ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

## ପୁରୁଷ ଓ ମହିଳାବର୍ଗରେ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ

ଭୁବନେଶ୍ୱର, ୧୬ ।୧ (ସମିସ): ଡଃ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ମହିଳା ଏବଂ ପୁରୁଷ ବିଭାଗର ଫୁଟବଲ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଭୁବନେଶ୍ୱରଠାରେ ଆରମ୍ଭ ହେବ। ଭୁବନେଶ୍ୱର ସିଟି କ୍ଲବ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ (ବିଏଏ)ର ମିଳିତ ଆନୁକୂଲ୍ୟରେ ଏବଂ ଡଃ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପାଲଲହଡ଼ା ବିଧାୟକ ତଥା ଟ୍ରଷ୍ଟର ସଭାପତି ଅଶୋକ ମହାନ୍ତିଙ୍କ ସମେତ ବିଏଏ ସମ୍ପାଦକ ଡଃ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଜିଲ୍ଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି, ବିଏଏର ଫୁଟବଲ ସମ୍ପାଦକ ଦିଲ୍ଲୀପ ଦାସ, ଭାଗ୍ୟଧର ଜଗଦେବ, ଇଂ ଅରୁଣ ବିଶ୍ୱାଳ, ମହିନ୍ଦ୍ରନାଥ ନାୟକ, ବନୋଜ କୁମାର ପ୍ରଧାନ ଓ ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ଉପସଭାପତି ମହମ୍ମଦ ସହିଦ ଜବାର, କ୍ରିଷ୍ଣା ଗ୍ରୁପର ଅଧ୍ୟକ୍ଷ ପବିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମୀର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଟୁର୍ଣ୍ଣାମେଣ୍ଟ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଥିଲା।

ବିଜୟ ହଜାରେ ଟ୍ରଫି

## ଫାଇନାଲରେ ସୌରାଷ୍ଟ୍ର

ବେଙ୍ଗାଲୁରୁ, ୧୬ ।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ସୌରାଷ୍ଟ୍ର ଓ ବିଦର୍ଭ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସୌରାଷ୍ଟ୍ର ୯ ୱିକେଟରେ ପଞ୍ଜାବକୁ ହରାଇଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୫୦ ଓଭରରେ ୨୯୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଅନମୋଲ୍‌ପ୍ରୀତ୍ ସିଂହ ଲିଷ୍ଟ-ଏ କ୍ରିକେଟ୍‌ରେ ୮ମ ଶତକ ସହ ୧୦୦ ରନର ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ପ୍ରଭସିମରନ ସିଂହ ମଧ୍ୟ ୮୭ ରନ କରିଥିଲେ। ସୌରାଷ୍ଟ୍ରର ବାମହାତୀ ଦ୍ରୁତ ବୋଲର ଚେତନ ସାକରିୟା ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ସୌରାଷ୍ଟ୍ର ଓପନର୍ ଭୈଶବରାଜ ଜାଡେଜାଙ୍କ ୧୬୫ ରନ ବଳରେ ୬୩ଟି ବଲ୍ ବଳକା ଥାଇ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୧୨୭ ବଲର ପାଳିରେ ଜାଡେଜା ୧୮ଟି ଚୌକା ଓ ୩ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହାର୍ଭିକ ଦେଶାଇ ୬୪ ଓ ପ୍ରେରକ ମଙ୍କଡ ଅପରାଜିତ ୫୨ ରନ କରିଥିଲେ। ଜାଡେଜାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଡବ୍ଲ୍ୟୁପିଏଲ୍: ଆର୍‌ସିବିର ହ୍ୟାଟ୍ରିକ ବିଜୟ

ନଭି ମୁମ୍ବଇ, ୧୬ ।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ହ୍ୟାଟ୍ରିକ ବିଜୟ ଲାଭ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଆରସିବି ୩୨ ରନରେ ଗୁଜରାଟ ଜାଏଣ୍ଟ୍‌ସକୁ ହରାଇଦେଇଛି। ବାମହାତୀ ସ୍ପିନର ରାଧା ଯାଦବ (୪୭ ବଲରେ ୬୬ ରନ)ଙ୍କ ପ୍ରଥମ ଅର୍ଦ୍ଧଶତକ ବଳରେ ଆରସିବି ୭ ୱିକେଟରେ ୧୮୨ ରନ କରିଥିଲା। ରିଚା ଘୋଷ ୪୪, ଅଧିନାୟିକା ସ୍ମୃତି ମନ୍ଧାନା ୫ ରନ କରିଥିଲେ। ଜବାବରେ ଗୁଜରାଟ ୧୮.୫ ଓଭରରେ ୧୫୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଶ୍ରେୟଙ୍କା ପାଟିଲଙ୍କୁ ୫ଟି ୱିକେଟ୍ ମିଳିଥିଲା। ତୃତୀୟ ମ୍ୟାଚରୁ ୩ୟ ବିଜୟ ସହ ଆରସିବି ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି।

# ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଚେସ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୬ ।୧ (ସମିସ)

ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ୧୬ତମ ସଂସ୍କରଣ ଶୁକ୍ରବାର ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଅଲ୍‌ଇଣ୍ଡିଆ ଚେସ୍ ଫେଡେରେସନର ତତ୍ତ୍ୱାବଧାନରେ ଓଡ଼ିଶା ଚେସ୍ ସଂଘ ଓ ଇ-ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ମେଗା ଚେସ୍ ପ୍ରତିଯୋଗିତାରେ ଭାରତ ସମେତ ୧୪ଟି ଦେଶର ୧,୦୫୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୦ଜଣ ଗ୍ରାଣ୍ଡମାଷ୍ଟର ଓ ୧୯ଜଣ ଅନ୍ତର୍ଜାତୀୟ ମାଷ୍ଟର ରହିଛନ୍ତି। ପାଞ୍ଚଥରର କମନୱେଲ୍‌ଥ ଚାମ୍ପିଅନ ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା ଟୁର୍ଣ୍ଣାମେଣ୍ଟର ଟପ୍ ସିଡ୍ ଖେଳାଳି ମାନ୍ୟତା ପାଇଛନ୍ତି।

ଚାରୋଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। କାଟାଗୋରୀ-ଏ'ରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି। ଏଥିରେ ୧୯୦୦ ରେଟିଂରୁ ଉର୍ଦ୍ଧ୍ୱ ରେଟିଂ ଥିବା ଖେଳାଳି ଅଂଶଗ୍ରହଣ କରିପାରିବେ। ସେହିଭଳି ୧୯୦୦ ରେଟିଂରୁ କମ୍ ଥିବା ଖେଳାଳି କାଟାଗୋରୀ-ବି'ରେ ଭାଗନେବେ। କାଟାଗୋରୀ-ସି'ରେ ୧୭୦୦ ରେଟିଂରୁ କମ୍ ଥିବା ଖେଳାଳି ଏବଂ କାଟାଗୋରୀ-ଡି' ଓପନ ବ୍ଲିଜବର୍ଗରେ ଅନୁଷ୍ଠିତ ହେବ। କାଟାଗୋରୀ-ବି ଓ ସି ଲାଗି ୯ ଲକ୍ଷ ଲେଖାଏ ଏବଂ ଡି' ଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରହିଛି।

ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନର ସମ୍ପାଦକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶାର ସମ୍ପାଦକ ଅଭିଷେକ ମିତ୍ର, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନିଳାଦ୍ରୀର ସଭାପତି ସୁଜିତ କୁମାର ରାଉତ, କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ଜ୍ୟୋତିରଞ୍ଜନ ଦାସ, ଆଇଏମ୍ ସତ୍ୟପ୍ରଜ୍ଞ, ଟୁର୍ଣ୍ଣାମେଣ୍ଟର ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

## ୧୮ ଜଣିଆ ଓଡ଼ିଶା ରଣଜୀ ଦଳ ଘୋଷିତ

କଟକ,୧୬।୧(ସମିସ): ଚଳିତ ରଣଜୀ ଟ୍ରଫିର ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଏଥି ନିମନ୍ତେ ଶୁକ୍ରବାର ଓସିଏ ପକ୍ଷରୁ ୧୮ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ଘୋଷିତ ରାଜ୍ୟ ଦଳରେ ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ସାୱନ ପହରିୟା, ରାଜେଶ ଧୂପର, ଅନୀଲ ପରିଡା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ତରଣୀ ସ, ଦେବବ୍ରତ ପ୍ରଧାନ ସ୍ଥାନ ପାଇଛନ୍ତି। ମିଡଲ ଅର୍ଡର ବ୍ୟାଟର ଶାନ୍ତନୁ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିଟ ଗ୍ରାଉଣ୍ଡରେ ୨୨ ତାରିଖରୁ ତାମିଲନାଡୁ ବିପକ୍ଷରେ ଓଡ଼ିଶା ୬ଷ୍ଠ ଲିଗ୍ ମ୍ୟାଚ୍ ଖେଳିବ। ଚଳିତ ରଣଜୀ ଟ୍ରଫିରୁ ବିଦା ହେବା ଓଡ଼ିଶା ନିମନ୍ତେ ଏକ ପ୍ରକାର ନିଶ୍ଚିତ ହୋଇସାରିଛି। ଦଳ ୫ଟି ମ୍ୟାଚ୍‌ରୁ ୭ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଏ ଟେବଲର ୬ଷ୍ଠ ସ୍ଥାନରେ ରହିଛି।

୧୯ ବର୍ଷରୁ କମ୍ ବିଶ୍ୱକପରେ ବଡ଼ ବିପର୍ଯ୍ୟୟ

## ଦକ୍ଷିଣ ଆଫ୍ରିକାକୁ ହରାଇଲା ଆଫଗାନିସ୍ତାନ



ୱିଣ୍ଡହୋଏକ, ୧୬ ।୧ (ଏଜେନ୍ସି): ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଚଳିତ ୧୬ତମ ସଂସ୍କରଣର ଦ୍ୱିତୀୟ ଦିବସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଶୁକ୍ରବାର ନାମିବ୍ୟା କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ପୂର୍ବ ବିଜେତା ଦକ୍ଷିଣ ଆଫ୍ରିକାକୁ ୨୮ ରନରେ ଆଫଗାନିସ୍ତାନ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୫୦ ଓଭରରେ ୮ ୱିକେଟ୍ ହରାଇ ୨୬୬ ରନ କରିଥିଲା। ଜବାବରେ ଜାସନ ରୋଲିସଙ୍କ ୯୮ ରନ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୪୭.୪ ଓଭରରେ ୨୩୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିଭଳି ଅନ୍ୟ ମ୍ୟାଚଗୁଡ଼ିକରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ସି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ଷ୍ଟିଭେନ ହୋଗାନଙ୍କ ୧୧୫ ରନର ମ୍ୟାଚ ବିଜୟୀ ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚରେ ଇଂଲଣ୍ଡ ୩୭ ରନରେ ପାକିସ୍ତାନକୁ ହରାଇଦେଇଛି। ଶନିବାର ଭାରତ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚରେ ୬ ୱିକେଟରେ ଆମେରିକାକୁ ହରାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS